ବର୍ଷ 1, ସଂଖ୍ୟା 22

# ନ୍ୟୁ ଇଣ୍ଡିଆ ସମାଚାର

ମେ 16-31, 2021
ନିଃଶୁଳ୍କ ବିତରଣ ଲାଗି ଉଦ୍ଦିଷ୍ଟ




## ନୂତନ ଭାରତର ଅଭ୍ୟୁଦୟ

ଦ୍ରୁତ ବିକାଶ ମାଧ୍ୟମରେ ଭାରତକୁ
ଦିଆଯାଉଛି ନୂତନ ରୂପ

# "ଔଷଧ ଓ ଅନୁଶାସନ ସହିତ ଆମକୁ ନିଜର ଯତ୍ନ ମଧ୍ୟ ନେବାକୁ ପଡ଼ିବ" !



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ କୀ ବାତ୍ କାର୍ଯ୍ୟକ୍ରମରେ ସମାଜର ସେବା କରୁଥିବା ଲୋକମାନଙ୍କ କଥା କହୁଥିବାରୁ ଏହା ସବୁବେଳେ ଜନସାଧାରଣଙ୍କୁ ଅନୁପ୍ରାଣିତ କରି ଆସିଛି। କୋଭିଡ ସଙ୍କଟର ଦ୍ୱିତୀୟ ଲହରୀକୁ ପରାଜିତ କରିବା ଲାଗି ପ୍ରଧାନମନ୍ତ୍ରୀ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନଙ୍କ ସହିତ ଦୀର୍ଘ ଆଲୋଚନା କରିଛନ୍ତି, ଏମାନଙ୍କ ମଧ୍ୟରେ ରହିଛନ୍ତି ଫାର୍ମା ପେସାଦାର, ଟିକା ଉତ୍ପାଦନକାରୀ, ଅକ୍ସିଜେନ ଉତ୍ପାଦନ ସହ ଜଡ଼ିତ ବ୍ୟକ୍ତିବିଶେଷ ଓ ଚିକିତ୍ସା ବିଶେଷଜ୍ଞ। ଏକ ଉଦ୍ଧୃତାଂଶ :

**Q** **ପ୍ରଧାନମନ୍ତ୍ରୀ :** ଡା. ଶଶାଙ୍କ ଆପଣ ଦିନରାତି ଜୀବନ ରକ୍ଷା କରିବାରେ ସମର୍ପିତ ହୋଇ ଲାଗିରହିଛନ୍ତି। ମୁଁ ଚାହୁଁଛି ଆପଣ ଲୋକମାନଙ୍କୁ ଦ୍ୱିତୀୟ ଲହରୀ ବିଷୟରେ କୁହନ୍ତୁ, ଚିକିତ୍ସା ଦୃଷ୍ଟିରୁ ଏହା କିପରି ଭିନ୍ନ, କିଭଳି ସତର୍କତା ଜରୁରି?

**A** **ଡା. ଶଶାଙ୍କ :** ଏହି ଭୂତାଣୁ ପ୍ରଥମ ଲହରୀ ଅପେକ୍ଷା ଦ୍ରୁତ ଗତିରେ ବ୍ୟାପୁଛି ଏବଂ 80ରୁ90 ପ୍ରତିଶତ ଲୋକଙ୍କର କୌଣସି ଲକ୍ଷଣ ନାହିଁ। କିନ୍ତୁ ଡରିବାର କୌଣସି ଆବଶ୍ୟକତା ନାହିଁ ଏବଂ ଆମେ ନିଶ୍ଚିତ ଭାବେ ଏହି ଲହରୀକୁ ପରାଜିତ କରିପାରିବା। କୋଭିଡର 14ରୁ 21 ଦିନିଆ ସମୟସୀମା ରହିଥାଏ, ଏଥିରେ ଆମେ ଡାକ୍ତରଙ୍କ ପରାମର୍ଶ ଗ୍ରହଣ କରିବା ଉଚିତ୍।

**Q** **ପ୍ରଧାନମନ୍ତ୍ରୀ :** ଡା. ନାଭିଦ୍, ଭୟ ପରିଚାଳନାକୁ ନେଇ ପ୍ରଶ୍ନ ଉଠୁଛି। ଆପଣଙ୍କର ଅଭିଜ୍ଞତାରୁ, ଆପଣ ସେମାନଙ୍କୁ କେଉଁ ଉତ୍ତର ଦେବେ?

**A** **ଡା. ନାଭିଦ୍ :** ମାସ୍କ ପିନ୍ଧିବା, ହ୍ୟାଣ୍ଡ ସାନିଟାଇଜର ବ୍ୟବହାର କରିବା... ଭଳି ଏସଓପି ଆମକୁ ପାଳନ କରିବାକୁ ହେବ... ଏହାଛଡ଼ା, ଆମେ ଯଦି ଶାରୀରିକ ଦୂରତା ରକ୍ଷା କରିବା ଏବଂ ସାମାଜିକ ସମାବେଶକୁ ଏଡ଼ାଇ ପାରିବା, ଆମେ ଆମର ଦୈନିକ କାର୍ଯ୍ୟ ଜାରି ରଖିପାରିବା।

**Q** **ପ୍ରଧାନମନ୍ତ୍ରୀ :** କୋଭିଡ୍ ରୋଗୀଙ୍କ ସହିତ ଆପଣଙ୍କର ଅଭିଜ୍ଞତା ରହିଛି, ଦେଶର ଲୋକମାନେ ନିଶ୍ଚିତ ଭାବେ ଶୁଣିବାକୁ ଚାହିଁବେ କାରଣ ସିଷ୍ଟର ଓ ନର୍ସମାନେ ରୋଗୀଙ୍କ ନିକଟତର ହୋଇଥାନ୍ତି, ଦୟାକରି ଆମକୁ କୁହନ୍ତୁ...

**A** **ଭାବନା :** ଆମେ 14 ଦିନ ପର୍ଯ୍ୟନ୍ତ ଆମର କର୍ତ୍ତବ୍ୟ କରିଥାଉ, ଏହାପରେ ଆମକୁ ବିଶ୍ରାମ ଦିଆଯାଇଥାଏ। ଏହାର 2 ମାସ ପରେ ଆମର ଡ୍ୟୁଟି ପୁଣିଥରେ ଆରମ୍ଭ ହୋଇଥାଏ ସାର୍ । ସମସ୍ତ ରୋଗୀମାନେ କୋଭିଡ ନାଁ ଶୁଣିଲେ ଭୟଭୀତ ହୋଇପଡୁଛନ୍ତି। ସେମାନଙ୍କର ଭୟ ଦୂର କରିବା ଲାଗି ଆମେ ସେମାନଙ୍କୁ ଏକ ସୁସ୍ଥ ପରିବେଶ ଯୋଗାଇ ଦେଇଥାଉ।

**Q** **ପ୍ରଧାନମନ୍ତ୍ରୀ :** ଆମ୍ବୁଲାନ୍ସ ଡ୍ରାଇଭରମାନେ ଭଗବାନଙ୍କ ଭଳି କାର୍ଯ୍ୟ କରୁଛନ୍ତି! ପ୍ରେମ୍ ବର୍ମା ଜୀ, ଯିଏକି ଜଣେ ଆମ୍ବୁଲାନ୍ସ ଡ୍ରାଇଭର। ଆମକୁ ନିଜ ଅଭିଜ୍ଞତା ବିଷୟରେ କୁହନ୍ତୁ।

**A** **ପ୍ରେମ୍ :** ରୋଗୀଙ୍କ ନିକଟରେ ପହଞ୍ଚିବା ସମୟରେ ଆମେ ଗ୍ଲୋବ୍ସ ଓ ମାସ୍କ ସହିତ ଆମର କିଟ୍ ପିନ୍ଧିଥାଉ ଏବଂ ସେମାନଙ୍କ ଇଚ୍ଛା ମୁତାବକ ଡାକ୍ତରଖାନାରେ ଛାଡ଼ିଥାଉ। ଏବେ ମୋ ମା' ଚାହୁଁଛନ୍ତି ମୁଁ ଏହି କାମ ଛାଡ଼ିଦିଏ। ମୁଁ ତାଙ୍କୁ କହିଲି- ମା' ମୁଁ ଏହି କାମ ଛାଡ଼ି ଦେଇ ଅଳସୁଆ ହୋଇ ବସି ରହିଲେ, କିଏ ଏହି ରୋଗୀମାନଙ୍କୁ ଡାକ୍ତରଖାନାକୁ ନେଇଯିବ?

**Q** **ପ୍ରଧାନମନ୍ତ୍ରୀ :** ଗୁରୁଗ୍ରାମର ପ୍ରୀତି ଚତୁର୍ବେଦୀ ନିକଟରେ କୋଭିଡକୁ ପରାଜିତ କରିଛନ୍ତି। ଆପଣଙ୍କର ସଂଘର୍ଷର ସ୍ଥିତି ସମ୍ପର୍କରେ ଅଭିଜ୍ଞତା ଆମକୁ କୁହନ୍ତୁ?

**A** **ପ୍ରୀତି :** ମୁଁ ପଜିଟିଭ ଚିହ୍ନଟ ହେବା ପରେ, ନିଜକୁ ସଙ୍ଗରୋଧରେ ରଖିଲି ଏବଂ ଡାକ୍ତରଙ୍କ ସହିତ ପରାମର୍ଶ କଲି। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ ଆରମ୍ଭ କଲି। ଏହାଛଡ଼ା, ମୁଁ ଯୋଗ ଆରମ୍ଭ କଲି। ଏହାଛଡ଼ା ମୁଁ କାଢ଼ା ପିଇବା ଆରମ୍ଭ କଲି। ମୁଁ ଯଥେଷ୍ଟ ତରଳ ଖାଦ୍ୟ ସେବନ କଲି, ଗରମ ପାଣି ଗର୍ଗଲ କରିବା ସହିତ, ବାମ୍ଫ ନେଲି ଏବଂ ଗରମ ପାଣି ପିଇଲି। ମୁଁ ଯୋଗ କରିବା ବନ୍ଦ କରିନଥିଲି।

* ମୁଁ ପୁଣିଥରେ ଆପଣମାନଙ୍କୁ ଟିକା ନେବା ଲାଗି ଅନୁରୋଧ କରୁଛି ଏବଂ ଆମକୁ ସମ୍ପୂର୍ଣ୍ଣ ଯତ୍ନ ନେବାକୁ ପଡ଼ିବ।

କ୍ୟୁଆର କୋଡ୍ ସ୍କାନ କରି ସମ୍ପୂର୍ଣ୍ଣ ମନ କୀ ବାତ୍ ଶୁଣନ୍ତୁ।

ନ୍ୟୁ ଇଣ୍ଡିଆ

# ସମାଚାର

ବର୍ଷ 1, ସଂଖ୍ୟା 22 ମେ 16-31, 2021



**ସମ୍ପାଦକ**

ଜୟଦୀପ ଭଟନାଗର
ପ୍ରମୁଖ ମହାନିର୍ଦ୍ଦେଶକ, ପିଆଇବି,
ନୂଆଦିଲ୍ଲୀ

**ଉପଦେଷ୍ଟା ସମ୍ପାଦକ**

ବିନୋଦ କୁମାର

ସନ୍ତୋଷ କୁମାର

**ଅଳଙ୍କରଣ**

ରବୀନ୍ଦ୍ର କୁମାର ଶର୍ମା

**ପ୍ରକାଶକ ଓ ମୁଦ୍ରାକାର**

ସତ୍ୟେନ୍ଦ୍ର ପ୍ରକାଶ,
ଡିଜି, ବିଓସି
ବ୍ୟୁରୋ ଅଫ ଆଉଟରିଚ ଆଣ୍ଡ
କମ୍ୟୁନିକେସନ



**Printed at**
**Infinity Advertising services Pvt.Ltd. FBD-One Corporate Park, 10th floor, New Delhi-Faridabad border, NH-1, Faridabad-121003**

**ପ୍ରକାଶିତ**

ବ୍ୟୁରୋ ଅଫ ଆଉଟରିଚ ଏବଂ
କମ୍ୟୁନିକେସନ, ଦ୍ୱିତୀୟ ମହଲା,
ସୂଚନା ଭବନ,
ନୂଆଦିଲ୍ଲୀ-110003

**ନ୍ୟୁ ଇଣ୍ଡିଆ ସମାଚାର**

RNI No. : DELODI/2020/78831

response-nis@pib.gov.in


## ଭିତରେ


| | | |
|---|---|---|
| 1 | ସମ୍ପାଦକୀୟ | ପୃଷ୍ଠା. 02 |
| 2 | ଚିଠି ବାକ୍ସ | ପୃଷ୍ଠା. 03 |
| 3 | କରୋନା ବିରୋଧୀ ଲଢ଼େଇ | ପୃଷ୍ଠା. 04-15 |
| 4 | ନ୍ୟୁ ଇଣ୍ଡିଆ | ପୃଷ୍ଠା. 16-19 |
| 5 | ପ୍ରଯୁକ୍ତି ମାଧ୍ୟମରେ ପରିବର୍ତ୍ତନ | ପୃଷ୍ଠା. 20-29 |
| 6 | ଭାରତର ମହାକାଶ ଯାତ୍ରାକୁ ଇନ୍ଧନ ଯୋଗାଣ | ପୃଷ୍ଠା. 30 |
| 7 | ନୂତନ ଜାତୀୟ ଶିକ୍ଷା ନୀତି 34 ବର୍ଷ ପରେ | ପୃଷ୍ଠା. 31 |
| 8 | ଡିଜିଟାଲ ପ୍ରଯୁକ୍ତି | ପୃଷ୍ଠା. 32-33 |
| 9 | ସମସ୍ତଙ୍କ ପାଇଁ ସଂସ୍କାର | ପୃଷ୍ଠା. 34-35 |
| 10 | ଅଭିବୃଦ୍ଧିଶୀଳ ଅର୍ଥବ୍ୟବସ୍ଥା | ପୃଷ୍ଠା. 36-38 |
| 11 | କ୍ୟାବିନେଟ ନିଷ୍ପତ୍ତି | ପୃଷ୍ଠା. 39 |
| 12 | ପ୍ରତିରକ୍ଷା ଅଧିଗ୍ରହଣ ନୀତି | ପୃଷ୍ଠା. 40-41 |
| 13 | ବିଦେଶ ନୀତି : 'ପଡ଼ୋଶୀ ପ୍ରଥମ' | ପୃଷ୍ଠା. 42-43 |
| 14 | ନୂତନ ଭାରତର ଅଭ୍ୟୁଦୟ | ପୃଷ୍ଠା. 44-46 |
| 15 | ଏକ ରାଷ୍ଟ୍ର, ଏକ ସେବା | ପୃଷ୍ଠା. 47 |
| 16 | ବିସ୍ମୃତ ନାୟକମାନେ | ପୃଷ୍ଠା. 48-49 |
| 17 | ଆଜାଦୀ କା ଅମୃତ ମହୋତ୍ସବ | ପୃଷ୍ଠା. 50-51 |
| 18 | ବ୍ୟକ୍ତିତ୍ୱ | ପୃଷ୍ଠା. 52 |

# ସମ୍ପାଦକଙ୍କ କଲମରୁ

ସାଦର ନମସ୍କାର,

କରୋନାର ଦ୍ୱିତୀୟ ଲହରୀ ନିଶ୍ଚିତ ଭାବେ ଆମ ଧୈର୍ଯ୍ୟ ଏବଂ ଏହି ଦୁଃଖକୁ ସହିବା ଲାଗି ସର୍ବୋଚ୍ଚ ସହନଶୀଳତାର ପରୀକ୍ଷା ନେଉଛି। ଦେଶ ସମ୍ପୂର୍ଣ୍ଣ ଏକଜୁଟ ହୋଇ ଏହି ବିଶ୍ୱ ମହାମାରୀର ପ୍ରଥମ ଲହରୀ ବିରୋଧରେ ଲଢ଼େଇ କରିଥିଲା ଏବଂ ସାରା ବିଶ୍ୱ ପାଇଁ ଏକ ଉଦାହରଣ ସୃଷ୍ଟି କରିପାରିଥିଲା। କିନ୍ତୁ କୋଭିଡ ନିୟମ ନମାନିବାର ସାମାନ୍ୟ ଅବହେଳା ଏହି ଦ୍ୱିତୀୟ ଲହରୀ ରୂପରେ ସାଧାରଣ ଜନଜୀବନକୁ ଗମ୍ଭୀର ଭାବେ ପ୍ରଭାବିତ କରିଛି। ଏହାର ପ୍ରଭାବ ଅକ୍ସିଜେନ ଓ ଔଷଧ ଯୋଗାଣ ଉପରେ ଦେଖିବାକୁ ମିଳିଛି। ତେବେ ଦେଶର ନେତୃତ୍ୱ ସମ୍ବେଦନଶୀଳତା ଓ ଯୁଦ୍ଧକାଳୀନ ଆଭିମୁଖ୍ୟ ନେଇ ପ୍ରଯୁକ୍ତି ଓ ସମ୍ବଳର ସୁବିନିଯୋଗ ମାଧମରେ ମହାମାରୀର ନୂଆ ଲହରୀ ବିରୋଧରେ ଲଢ଼େଇ ଜାରି ରଖିଛି। ଅକ୍ସିଜେନ କିମ୍ବା ଔଷଧ ଯୋଗାଣ ବଢ଼ାଇବା ହେଉ, ଡାକ୍ତରଖାନାରେ ଶଯ୍ୟା ବ୍ୟବସ୍ଥା କରିବା, ଦେଶର ସଙ୍କଟ ସମୟରେ ସର୍ବଦା ସହାୟକ ହେଉଥିବା ସେନାକୁ ନିୟୋଜିତ କରିବା ହେଉ ପ୍ରତ୍ୟେକ କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ପୁଣିଥରେ ପ୍ରଧାନମନ୍ତ୍ରୀ ସମ୍ପୂର୍ଣ୍ଣ ବ୍ୟବସ୍ଥା କରିବା କ୍ଷେତ୍ରରେ ନେତୃତ୍ୱ ନେଇଛନ୍ତି ଏବଂ ମାତ୍ର 28 ଦିନ ମଧ୍ୟରେ ସେ 17ରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜନ କରି ଏହି ସମୟରେ ସମସ୍ତ ସ୍ୱାସ୍ଥ୍ୟ ଆବଶ୍ୟକତାକୁ ପୂରଣ କରିବା ଲାଗି ତୁରନ୍ତ ପଦକ୍ଷେପ ନେବା ସକାଶେ ମାର୍ଗ ପ୍ରଶସ୍ତ କରିଛନ୍ତି। ଏଥିସହିତ, ଦେଶର ଯୁବକମାନଙ୍କୁ ବିଶ୍ୱର ସବୁଠୁ ଭରସାଯୋଗ୍ୟ ସ୍ୱଦେଶୀ ଟିକା ପ୍ରଦାନ କରିବା ଲାଗି ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଇଛି। ଏ ସମସ୍ତ ପଦକ୍ଷେପ କରୋନା ମୁକାବିଲା ପାଇଁ ଢାଞ୍ଚାକୁ ସୁଦୃଢ଼ କରୁଥିବା ବେଳେ ଆରୋଗ୍ୟ ହାର ସ୍ଥିର ଭାବେ ବୃଦ୍ଧି ପାଇବା ସନ୍ତୋଷର ବିଷୟ। ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ସୁଧାର ଆଣିବା ଏବଂ ସ୍ୱାସ୍ଥ୍ୟକୁ ସରକାରୀ ନୀତିର ମୂଳଦୁଆରେ ପରିଣତ କରିବା କାରଣରୁ ଏପରି ଫଳାଫଳ ମିଳିପାରିଛି। ନ୍ୟୁ ଇଣ୍ଡିଆ ସମାଚାରର ଚଳିତ ସଂସ୍କରଣରେ ସରକାରଙ୍କ ଏସବୁ ପ୍ରୟାସକୁ ସାମିଲ କରାଯାଇଛି।

ଦେଶର ନେତୃତ୍ୱ ଅତ୍ୟନ୍ତ ସମ୍ବେଦନଶୀଳତା ଓ ସମ୍ପୂର୍ଣ୍ଣ ଉତ୍ତରଦାୟିତ୍ୱ ସହିତ ଏହି ମହାମାରୀ ବିରୋଧରେ ଲଢ଼େଇ ଜାରି ରଖିଛି। ସମସ୍ତ ପ୍ରକାରର ଔଷଧ ଏବଂ ଡାକ୍ତରଖାନା ଆବଶ୍ୟକତା ପୂରଣ କରାଯାଉଛି। ତେଣୁ ଭୟଭୀତ ହେବା ଅନାବଶ୍ୟକ, କାରଣ ସତର୍କତା ହେଉଛି ଏହାର ମୁକାବିଲା ଲାଗି ସବୁଠୁ ପ୍ରଭାବୀ ମାର୍ଗ। ସରକାରଙ୍କ ପ୍ରୟାସ ଓ ବର୍ତ୍ତମାନ ସୁଦ୍ଧା 'ନ୍ୟୁ ଇଣ୍ଡିଆ'ର ଯାତ୍ରା, ଚଳିତ ସଂସ୍କରଣରେ ସ୍ଥାନ ଦିଆଯାଇଛି ଯାହାକି ପାଠକମାନଙ୍କୁ ସ୍ୱତନ୍ତ୍ର ପାଠକୀୟ ଅନୁଭୂତି ପ୍ରଦାନ କରିବ। ଦେଶ କିଭଳି ଭାବେ ଜ୍ଞାନ ମାଧମରେ ଆହ୍ୱାନଗୁଡ଼ିକୁ ଅତିକ୍ରମ କରୁଛି, ସେ ସଂକ୍ରାନ୍ତରେ ଦିଆଯାଇଥିବା ପାଠକୀୟ ବିଷୟବସ୍ତୁ, ଦେଶର ନେତୃତ୍ୱ ପ୍ରତି ଆପଣଙ୍କର ଆସ୍ଥା ଓ ବିଶ୍ୱାସ ବୃଦ୍ଧି କରିବ ବୋଲି ଆଶା କରୁଛୁ।

ଶେଷରେ, କରୋନାରୁ ମୁକ୍ତ ନହେବା ପର୍ଯ୍ୟନ୍ତ, ଆମ ସମସ୍ତଙ୍କୁ ସାମାଜିକ ଦୂରତା, ମାସ୍କ ବ୍ୟବହାର ଓ ଟିକା ଗ୍ରହଣ କରିବା ଲାଗି ସତର୍କତା ଅବଲମ୍ବନ କରିବାକୁ ହେବ।

ଆପଣମାନେ ସମସ୍ତେ ସୁସ୍ଥ ରୁହନ୍ତୁ ଏବଂ ଆମକୁ ପୂର୍ବ ପରି ଆପଣମାନଙ୍କର ମତାମତ ଦେବା ଜାରି ରଖନ୍ତୁ।

ଠିକଣା : ବ୍ୟୁରୋ ଅଫ ଆଉଟରିଚ୍ ଓ କମ୍ୟୁନିକେସନ, ଦ୍ୱିତୀୟ ମହଲା,
ସୂଚନା ଭବନ, ନୂଆଦିଲ୍ଲୀ-110003

ଇମେଲ : response-nis@pib.gov.in



(ଜୟଦୀପ ଭଟନାଗର)

# ଚିଠି ବାକ୍ସ




ଦେଶର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏହା ଅତ୍ୟନ୍ତ ସୁନ୍ଦର ଓ ଅଭିନବ ପଦକ୍ଷେପ । ଜାତୀୟ ପରୀକ୍ଷା ଏଜେନ୍ସି ବର୍ତ୍ତମାନ ସମୟର ଆବଶ୍ୟକତା । ମୁଁ ବ୍ୟକ୍ତିଗତ ଭାବେ ଅନୁଭବ କରିଥାଏ ଯେ ଜାତୀୟ ଶିକ୍ଷା କାର୍ଯ୍ୟକ୍ରମରେ କରାଯାଉଥିବା ପରିବର୍ତ୍ତନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ଦେଶର ନାଗରିକମାନଙ୍କ ଜୀବନରେ ସୁଧାର ଆଣିବା ସହିତ ଦେଶର ବିକାଶ ପାଇଁ ନିଶ୍ଚିତ ଭାବେ ଭବିଷ୍ୟତର ଉଜ୍ଜ୍ୱଳ ମାର୍ଗ ନିର୍ଦ୍ଧାରଣ କରିବା ନିମନ୍ତେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିପାରିବ । ଯଦି ଶିକ୍ଷାଗତ ଆକଳନ କାର୍ଯ୍ୟକ୍ରମଗୁଡ଼ିକ ଉପଯୁକ୍ତ ହେବ ନୂତନ ଶିକ୍ଷା କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଫଳପ୍ରଦ ହୋଇପାରିବ । ଆମେ ବିଶେଷଜ୍ଞ ତଥା ଦେଶର ନାଗରିକ ଭାବେ ଏ ସମ୍ପର୍କରେ ବେଶ ସକାରାତ୍ମକ ରହିବା ଆବଶ୍ୟକ ।

**ଡ. ଅନୀଲ ୱାରକର**
**warkar.anil@gmail.com**

ପ୍ରେରଣାଦାୟୀ ଲୋକମାନଙ୍କର ଚମତ୍କାର କାହାଣୀ ପ୍ରକାଶିତ କରୁଥିବାରୁ ମୁଁ ନ୍ୟୁ ଇଣ୍ଡିଆ ସମାଚାରକୁ ହାର୍ଦ୍ଦିକ ଭାବେ ସ୍ୱାଗତ କରୁଛି । ଏଥିପାଇଁ କରାଯାଉଥିବା ଗବେଷଣା କାର୍ଯ୍ୟ ବାସ୍ତବରେ ପ୍ରଶଂସାଯୋଗ୍ୟ ଓ ଅଭିଳାଷାପୂର୍ଣ୍ଣ । ସରକାରଙ୍କ ମତ ଏକ ସଂକ୍ଷିପ୍ତ ଓ ସୂକ୍ଷ୍ମ ମାର୍ଗରେ ବର୍ଣ୍ଣନା କରାଯାଉଛି। ସତ୍ୟ ସୂଚନା ସଂଗ୍ରହ କରି ଦେଶର ନାଗରିକମାନଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ପୁଣିଥରେ ଧନ୍ୟବାଦ ଜଣାଉଛି ।

**ମାନସୀ ଗର୍ଗ**
**bhartigarg879@gmail.com**

ମୁଁ ଏହି ସମାଚାର ପତ୍ରିକାକୁ ପଢ଼ି ଆନନ୍ଦିତ ଯେଉଁଥିରେ ଆମେ ସମାଚାର ଉପରେ ବିଶ୍ୱାସ କରିପାରିବା । ମୋର ପରାମର୍ଶ ହେଉଛି ଦୟାକରି ଆପଣ ନିଜର ଚ୍ୟାନେଲ/ପତ୍ରିକାର ବ୍ୟାପକ ପ୍ରଚାରପ୍ରସାର କରନ୍ତୁ ଯାହାଫଳରେ ମିଛ ଖବର ପ୍ରସାରଣକାରୀମାନଙ୍କର ମୁକାବିଲା କରାଯାଇପାରିବ। ସତ୍ୟ ତୁଳନାରେ ସେମାନେ ମିଛ ଖବର ଓ ସୂଚନା ଅଧିକ ଦକ୍ଷତାପୂର୍ବକ ପ୍ରସାର କରିବାରେ ସଫଳ ହେଉଛନ୍ତି । ତେଣୁ ଠିକ୍ ଖବର ଏତେ ମାତ୍ରାରେ ପ୍ରସାରିତ ହେବା ଉଚିତ୍ ଯେ ସତ ଖବର ଆଗରେ ମିଛ ଅବଧାରଣାଗୁଡ଼ିକ ତିଷ୍ଠି ରହିପାରିବ ନାହିଁ । ଆମେ ସତ୍ୟର ବିଜୟ ଚାହୁଁଛୁ ।

**ମମତା ଅଗ୍ରୱାଲ**
**mamta.aggarwal4@gmail.com**

ଏହି ମାସିକ ସମାଚାର ପତ୍ରିକା ନ୍ୟୁ ଇଣ୍ଡିଆ ସମାଚାର ପ୍ରାପ୍ତ କରୁଥିବାରୁ ମୁଁ ଆନନ୍ଦିତ । ମୁଁ ଆପଣଙ୍କୁ ଅନୁରୋଧ କରୁଛି ଯେ ଆପଣ ଦୟାକରି ଅଫଲାଇନରେ ପଢ଼ିବା ଲାଗି ଏବଂ ମହାବିଦ୍ୟାଳୟର ପାଠାଗାରରେ ସଂରକ୍ଷିତ କରି ରଖିବା ଲାଗି ଏହି ସମାଚାର ପତ୍ରିକାକୁ ଡାଉନଲୋଡ୍ କରିବାର ସୁବିଧା ଦିଅନ୍ତୁ ।

**ମିସ୍ ସାମଲାମଗ୍ୱାଙ୍ଗଲେ**
**stxaviercollegejalukie@gmail.com**

ନ୍ୟୁ ଇଣ୍ଡିଆ ସମାଚାର ଅତି ସୁନ୍ଦର ଏବଂ ଉପଯୋଗୀ ସମାଚାର ପ୍ରତିକା, ଆପଣ ଦୟାକରି ଏହାର ଡାଉନଲୋଡ୍ ବ୍ୟବସ୍ଥା କରାଇବେ କି ଯାହାଫଳରେ ଆମେ ଏହାର ପ୍ରିଣ୍ଟ ଆଉଟ୍ ବାହାର କରି ଅନ୍ୟ ପରିବାର ସଦସ୍ୟ (ୟୁପିଏସସି/ଏମପିଏସସି ଛାତ୍ରଛାତ୍ରୀ)ଙ୍କୁ ପଢ଼ିବା ଲାଗି ଦେଇପାରିବୁ ।

**ଅନନ୍ତ ପୋରେ**
**ananta.pore@yashada.org**

## ଡିଜିଟାଲ କ୍ୟାଲେଣ୍ଡର




ଭାରତ ସରକାରଙ୍କର ଡିଜିଟାଲ କ୍ୟାଲେଣ୍ଡର ଏବଂ ଡାଏରୀରେ ବିଭିନ୍ନ ଯୋଜନା, କାର୍ଯ୍ୟକ୍ରମ ସମ୍ପର୍କରେ ସଦ୍ୟତମ ସୂଚନା ରହିଛି ଏବଂ ସରକାରଙ୍କର ପ୍ରକାଶନୀଗୁଡ଼ିକ ରହିଛି। ଏହାଛଡ଼ା ସରକାରୀ ଛୁଟିଦିବସ ଏବଂ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ତାରିଖ ଗୁଡ଼ିକ ରହିଛି।

ଏହାକୁ ଗୁଗଲ ପ୍ଲେ ଷ୍ଟୋର ଏବଂ ଆଇଓଏସରୁ ଡାଉନ ଲୋଡ କରାଯାଇପାରିବ।

| ଗୁଗଲ ପ୍ଲେ ଷ୍ଟୋର ଲିଙ୍କ | ଆଇଓଏସ ଲିଙ୍କ |
| --- | --- |
| https://play.google.com/store/apps/details?id=in.gov.calendar | https://apps.apple.com/in/app/goi-calendar/id1546365594 |

**https://goicalendar.gov.in/**

# ମିଳିମିଶି ଆମେ ଜିତିବା

"ପ୍ରତ୍ୟେକ ସଫଳତା ଓ ସମୃଦ୍ଧିର ଆଧାର ହେଉଛି ସ୍ୱାସ୍ଥ୍ୟ, ଏହା ଜଣେ ବ୍ୟକ୍ତି, ପରିବାର କିମ୍ବା ସମାଜ କିମ୍ବା ସାରା ରାଷ୍ଟ୍ର ସହ ଜଡ଼ିତ ହେଉ ପଛେ ।" ଭାରତ କରୋନା ମହାମାରୀର ସବୁଠୁ ଖରାପ ସ୍ଥିତି ମଧ୍ୟ ଦେଇ ଗତି କରୁଥିବା ସମୟରେ ଏହି ଉକ୍ତି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ଆମେ ସମସ୍ତେ ମିଳିମିଶି ଲଢ଼େଇ କରିବା ଏବଂ ଏହି ସଙ୍କଟ ବିରୋଧରେ ବିଜୟ ହାସଲ କରିବା...

## ଦ୍ୱିତୀୟ ଲହରୀ ମୁକାବିଲା ପାଇଁ ପ୍ରସ୍ତୁତି

ଏପ୍ରିଲ ମାସରେ କରୋନା ସଂକ୍ରମଣ ଭାରତରେ ପୁଣିଥରେ ବୃଦ୍ଧି ପାଇବା ଆରମ୍ଭ ହୋଇଥିଲା । ଏହି ଦ୍ୱିତୀୟ ଲହରୀ ସଂକ୍ରମଣ ମଧ୍ୟରେ କେବଳ ଏପ୍ରିଲ ମାସରେ ଅକ୍ସିଜେନ୍ ଯୋଗାଣକାରୀ, ଔଷଧ ନିର୍ମାତା, ଟିକା ଉତ୍ପାଦନକାରୀଙ୍କ ସମେତ ମୁଖ୍ୟମନ୍ତ୍ରୀ ଓ ବିଶେଷଜ୍ଞଙ୍କ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 20ରୁ ଅଧିକ ବୈଠକ ଆୟୋଜନ କରିଥିଲେ । ଏପ୍ରିଲର ଶେଷ 10 ଦିନରେ 10ଟି ବୈଠକ ଆୟୋଜନ କରାଯାଇଥିଲା । ମହାମାରୀ ସ୍ଥିତି ଓ ଭାରତର ମୁକାବିଲା ପ୍ରସ୍ତୁତି ସମ୍ପର୍କରେ ରୁଷ, ଜାପାନ ଓ ଆମେରିକାର ରାଷ୍ଟ୍ରମୁଖ୍ୟମାନଙ୍କ ସହିତ ପ୍ରଧାନମନ୍ତ୍ରୀ ଆଲୋଚନା କରିଥିଲେ। ଦ୍ୱିତୀୟ ଲହରୀ ସମୟରେ ସରକାର କିପରି ଭାବେ ପ୍ରସ୍ତୁତି କରିଛନ୍ତି ଚାଲନ୍ତୁ ଜାଣିବା...



## ଅକ୍ସିଜେନ୍ ସମେତ ଔଷଧର ଦ୍ରୁତ ଯୋଗାଣ, ଟିକାକରଣ ଉପରେ ଗୁରୁତ୍ୱ

- **ଟେଷ୍ଟ, ଟ୍ରେସିଂ ଓ ଟ୍ରିଟମେଣ୍ଟ ଉପରେ ଗୁରୁତ୍ୱ:** କରୋନା ସଂକ୍ରମଣ ବଢ଼ିବା ପରେ ଏପ୍ରିଲ 4 ତାରିଖରେ ପ୍ରଧାନମନ୍ତ୍ରୀ ଏକ ସମୀକ୍ଷା ବୈଠକ ଆୟୋଜନ କରିଥିଲେ । ଏଥିରେ ସେ ଟେଷ୍ଟ (ପରୀକ୍ଷଣ), ଟ୍ରେସ୍ (ଚିହ୍ନଟ) ଏବଂ ଟ୍ରିଟ୍‌ମେଣ୍ଟ (ଚିକିତ୍ସା) ମନ୍ତ୍ର ଆଧାରରେ କୋଭିଡ ପ୍ରୋଟୋକଲ ଅନୁଯାୟୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ସଠିକ ପରିଚାଳନା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଭବିଷ୍ୟତର ଆବଶ୍ୟକତା ଓ ଚାହିଦା ପ୍ରତି ଗୁରୁତ୍ୱାରୋପ କରିବା ଲାଗି ସେ ନିର୍ଦ୍ଦେଶ ଦେଇଥିଲେ ।
- **ଆରଟି ପିସିଆର ପରୀକ୍ଷା ବଢ଼ାଇବାକୁ ନିର୍ଦ୍ଦେଶ :** ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହିତ ଏକ ବୈଠକରେ ଏପ୍ରିଲ 11ରୁ 14 ପର୍ଯ୍ୟନ୍ତ ଦେଶରେ 'ଟିକା ଉତ୍ସବ' ଜରିଆରେ କରୋନା ଟିକାକରଣକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ମୋଟ ପରୀକ୍ଷାର 70 ପତିଶତ ଆରଟି ପିସିଆର ପରୀକ୍ଷା କରାଇବାକୁ ଜୋର ଦିଆଯାଇଥିଲା ।






# ଅକ୍ସିଜେନ୍ ଉତ୍ପାଦନ ବୃଦ୍ଧି କରିବା ଲାଗି ସୁବିଧାର ବିସ୍ତାର

ଦେଶରେ ଅକ୍ସିଜେନ ପାଇଁ ଚାହିଦା ବୃଦ୍ଧି ପାଇବାକୁ ଦୃଷ୍ଟିରେ ରଖି, ଉତ୍ପାଦନ ବୃଦ୍ଧି ଲାଗି ନିର୍ଦ୍ଦେଶ ଦିଆଯାଇସାରିଛି । ଠିକ୍ ସମୟରେ ଅକ୍ସିଜେନ ଯୋଗାଣ ସୁନିଶ୍ଚିତ କରିବା ଲାଗି, ଟ୍ୟାଙ୍କର ଡ୍ରାଇଭରମାନଙ୍କୁ ଏକାଧିକ ଶିଫ୍ଟରେ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଯାହାଫଳରେ ଦିନରାତି ବାଧାମୁକ୍ତ ଅକ୍ସିଜେନ୍ ଯୋଗାଣ କରାଯାଇପାରିବ । ରାଜ୍ୟଗୁଡ଼ିକର ଅକ୍ସିଜେନ କୋଟା ବଢ଼ାଇବା ସହିତ, ତରଳ ମେଡ଼ିକାଲ ଅକ୍ସିଜେନ ଯୋଗାଣ ନିମନ୍ତେ ନିର୍ଦ୍ଦେଶ ଜାରି କରାଯାଇଛି । ଏପରିକି ଆବଶ୍ୟକତା ପୂରଣ କରିବା ଲାଗି ସରକାର ଅନ୍ୟ ଦେଶରୁ ଅକ୍ସିଜେନ ଆମଦାନୀ କରିଛନ୍ତି । ନାଇଟ୍ରୋଜେନ୍ ଟ୍ୟାଙ୍କରକୁ ଅକ୍ସିଜେନ ଟ୍ୟାଙ୍କରରେ ପରିବର୍ତ୍ତନ କରିବା ଲାଗି ଇସ୍ପାତ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ।

## ଶିଳ୍ପ ଠାରୁ ଆରମ୍ଭ କରି ଅନ୍ୟ ରାଷ୍ଟ୍ର ପର୍ଯ୍ୟନ୍ତ ଭାରତକୁ ସହାୟତାର ସୁଅ ଛୁଟିଲା

**551**
ଟି ପିଏସଏ(ପ୍ରେସର ସ୍ୱିଙ୍ଗ ଆଡସର୍ପସନ) ମେଡ଼ିକାଲ ଅକ୍ସିଜେନ ପ୍ଲାଣ୍ଟ ପିଏମ କେୟାର୍ସ ପାଣ୍ଠି ଜରିଆରେ ପ୍ରତିଷ୍ଠା କରାଯାଉଛି

**33**
ଟି କାର୍ଯ୍ୟକ୍ଷମ ହୋଇସାରିଛି, ଅବଶିଷ୍ଟ ପ୍ଲାଣ୍ଟ ମେ ସୁଦ୍ଧା ହେବ କାର୍ଯ୍ୟକ୍ଷମ

**5700**
ଏମଟି/ଦୈନିକ ତରଳ ମେଡ଼ିକାଲ ଅକ୍ସିଜେନ ଦେଶରେ ଅଗଷ୍ଟ 2020 ସୁଦ୍ଧା ହେଉଥିଲା ଉତ୍ପାଦନ

- **7 ଏପ୍ରିଲ 2020** – ମେଡ଼ିକାଲ ଅକ୍ସିଜେନ ଉତ୍ପାଦନ ପାଇଁ 24 ଘଣ୍ଟା ମଧ୍ୟରେ ଲାଇସେନ୍ସ ଜାରି
- **ଏପ୍ରିଲ ମେ 2020** – 1,02,400 ସିଲିଣ୍ଡର ରାଜ୍ୟଗୁଡ଼ିକୁ ଯୋଗାଣ
- **20 ସେପ୍ଟେମ୍ବର 2020** – ତରଳ ମେଡ଼ିକାଲ ଅକ୍ସିଜେନ ମୂଲ୍ୟ ନିର୍ଦ୍ଧାରଣ
- **5 ଜାନୁଆରୀ 2021** – 162ଟି ପିଏସଏ ପ୍ଲାଣ୍ଟ ପ୍ରତିଷ୍ଠା ଲାଗି 201 କୋଟି ଟଙ୍କା ଆବଣ୍ଟନ
- **16 ଏପ୍ରିଲ 2021** – 50,000 ଏମଟି ଅକ୍ସିଜେନ ଯୋଗାଣ ନିମନ୍ତେ ବିଶ୍ୱସ୍ତରୀୟ ଟେଣ୍ଡର ଜାରି
- **18 ଏପ୍ରିଲ 2021** – ଅକ୍ସିଜେନର ଶିଳ୍ପ ଜନିତ ଉପଯୋଗ ନିଷିଦ୍ଧ; ଅକ୍ସିଜେନ ଏକ୍ସପ୍ରେସର ଶୁଭାରମ୍ଭ
- **21 ଏପ୍ରିଲ 2021** – 1,27,000 ଅକ୍ସିଜେନ ସିଲିଣ୍ଡର ପାଇଁ ବରାଦ
- **25 ଏପ୍ରିଲ 2021** – ପ୍ରତ୍ୟେକ ଜିଲ୍ଲାରେ ଅକ୍ସିଜେନ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଉଛି

**1,02,400**
ଟି ଅକ୍ସିଜେନ ସିଲିଣ୍ଡର ଗତବର୍ଷ ରାଜ୍ୟଗୁଡ଼ିକୁ ଯୋଗାଇ ଦିଆଯାଇଥିଲା । ବାଧାମୁକ୍ତ ଅକ୍ସିଜେନ ଯୋଗାଣ ନିମନ୍ତେ ଆହୁରି 1,27,000 ସିଲିଣ୍ଡର ଯୋଗାଣ ଆରମ୍ଭ ହୋଇଛି ।

**9250**
ଏମଟି/ଦୈନିକ ଅକ୍ସିଜେନ ଉତ୍ପାଦନ ଦେଶରେ ଏପ୍ରିଲ 2021 ଠାରୁ ଆରମ୍ଭ ହୋଇଛି

**1,00,000**
ଟି ପୋର୍ଟେବଲ ଅକ୍ସିଜେନ କନସେଣ୍ଟ୍ରେଟର କ୍ରୟ ନିମନ୍ତେ ପିଏମ କେୟାର୍ସ ଫଣ୍ଡରୁ ମଞ୍ଜୁରି ଦିଆଯାଇଛି

**500**
ଅଧିକ ପିଏସଏ ଅକ୍ସିଜେନ ପ୍ଲାଣ୍ଟ ଆସନ୍ତା 3 ବର୍ଷ ମଧ୍ୟରେ ପିଏମ କେୟାର୍ସ ପାଣ୍ଠି ଜରିଆରେ ଡିଆରଡିଓ ଦ୍ୱାରା ପ୍ରତିଷ୍ଠା କରାଯିବ ।

# ବିଶ୍ୱାସ ଜାଗ୍ରତ କଲା ସେନାବାହିନୀ

ପ୍ରତ୍ୟେକ ଭାରତୀୟ ପାଇଁ ସେନାବାହିନୀ ଆସ୍ଥା ଓ ଆତ୍ମବିଶ୍ୱାସର ପ୍ରତୀକ । ଏହି ସଙ୍କଟପୂର୍ଣ୍ଣ ସମୟରେ ଭାରତୀୟ ବାୟୁସେନା ନିଜର ବିମାନଗୁଡ଼ିକୁ ଉପଯୋଗ କରି ଖାଲି ଅକ୍ସିଜେନ ଟ୍ୟାଙ୍କରଗୁଡ଼ିକୁ ଉତ୍ପାଦନ ପ୍ଲାଣ୍ଟ ନିକଟରେ ପହଞ୍ଚାଉଛି ।



ନୌସେନା ମଧ୍ୟ ଅକ୍ସିଜେନ ଟ୍ୟାଙ୍କର ପରିବହନ କରୁଛି । ବିଭିନ୍ନ ସହରରେ କରୋନା ରୋଗୀଙ୍କ ଚିକିତ୍ସା ନିମନ୍ତେ ସେନାବାହିନୀ ପକ୍ଷରୁ କୋଭିଡ ଚିକିତ୍ସା କେନ୍ଦ୍ର ସ୍ଥାପନ କରାଯାଇଛି । ବିଗତ ଦୁଇ ବର୍ଷ ମଧ୍ୟରେ ଅବସର ଗ୍ରହଣ କରିଥିବା ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ପୁଣିଥରେ ସେବା ଯୋଗାଇବା ନିମନ୍ତେ ନିୟୋଜିତ କରାଯାଇଛି ।

## ରେମଡିସିଭିର ରପ୍ତାନି ନିଷେଧ

- ଚାହିଦା ଅନୁଯାୟୀ ଉପଲବ୍ଧତା ସୁନିଶ୍ଚିତ କରିବା ସକାଶେ ରେମଡିସିଭିର ଇଞ୍ଜେକ୍ସନ ଉତ୍ପାଦନ ବୃଦ୍ଧି କରାଯାଇଛି । ଏହାର ରପ୍ତାନି ନିଷିଦ୍ଧ କରାଯାଇଛି । ଏହାର କଳାବଜାର ବନ୍ଦ କରିବାକୁ ମୂଲ୍ୟ ନିର୍ଦ୍ଧାରଣ କରାଯାଇଛି ।
- ଜାନୁଆରୀ-ଫେବୃଆରୀ ସୁଦ୍ଧା ଦେଶରେ ମାସିକ ପାଖାପାଖି 27-29 ଲକ୍ଷ ଡୋଜ୍ ଉତ୍ପାଦନ କରାଯାଉଥିଲା । ଏହା ମେ ସୁଦ୍ଧା ମାସିକ 74.10 ଲକ୍ଷରେ ପହଞ୍ଚିବ । ମହାରାଷ୍ଟ୍ର, କେରଳ, ମଧ୍ୟପ୍ରଦେଶ ଓ ଦିଲ୍ଲୀ ସମେତ ସର୍ବାଧିକ ପ୍ରଭାବିତ 12ଟି ରାଜ୍ୟକୁ ଯଥେଷ୍ଟ ପରିମାଣରେ ଯୋଗାଣ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି ।

## ଅଣ୍ଟା ଭିଡ଼ିଲା ରେଳବାଇ

- ବିଭିନ୍ନ ରାଜ୍ୟକୁ ଯଥେଷ୍ଟ ପରିମାଣରେ ଅକ୍ସିଜେନ ଯୋଗାଣ ପାଇଁ ରେଳବାଇ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ୍ 'ଅକ୍ସିଜେନ ଏକ୍ସପ୍ରେସ' ଆରମ୍ଭ କରାଯାଇଛି ।
- 4,000 ରେଳ ବଗିରେ ଅକ୍ସିଜେନ ସୁବିଧା ଥାଇ 64,000 ଶଯ୍ୟା ବ୍ୟବସ୍ଥା କରାଯାଇଛି । ଚାହିଦା ଅନୁସାରେ ଏଗୁଡ଼ିକୁ ବିଭିନ୍ନ ରାଜ୍ୟକୁ ପଠାଯାଉଛି ।
- ଏପ୍ରିଲ 26 ତାରିଖରେ ପ୍ରଥମ ଅକ୍ସିଜେନ୍ ଏକ୍ସପ୍ରେସ୍ ମୁମ୍ବାଇରେ ପହଞ୍ଚିଥିଲା । ମହାରାଷ୍ଟ୍ର ଓ ଉତ୍ତରପ୍ରଦେଶ ସମେତ 12ଟି ସର୍ବାଧିକ ପ୍ରଭାବିତ ରାଜ୍ୟକୁ ଅକ୍ସିଜେନ୍ ଯୋଗାଣ ଆରମ୍ଭ ହୋଇଛି ।

- **ଜନସାଧାରଣଙ୍କ ଭାଗିଦାରୀ :** ଭେଣ୍ଟିଲେଟର, ପରୀକ୍ଷା କିଟ୍ ସମେତ କୋଭିଡ-19 ପ୍ରୋଟୋକଲ ପାଳନ ଲାଗି ଆବଶ୍ୟକ ସମ୍ବଳ ସମୀକ୍ଷା କରିବା ଲାଗି ସମସ୍ତ ରାଜ୍ୟର ରାଜ୍ୟପାଳ ମାନଙ୍କ ସହିତ ପ୍ରଧାନମନ୍ତ୍ରୀ ବୈଠକ କରିଥିଲେ। କରୋନା ବିରୋଧୀ ଲଢ଼େଇରେ ଜନସାଧାରଣଙ୍କ ସହଭାଗିତା ପାଇଁ ସେ ନିବେଦନ କରିଥିଲେ । ଏପ୍ରିଲ୍ 20ତାରିଖରେ ଜନସାଧାରଣଙ୍କ ସହିତ ଆଲୋଚନା କରି ପ୍ରଧାନମନ୍ତ୍ରୀ କରୋନା ବିରୋଧରେ ଦ୍ୱିତୀୟ ଲଢ଼େଇ ପାଇଁ ଦେଶର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିବା ସହିତ ଜନସାଧାରଣଙ୍କୁ ଦୃଢ଼ ଭାବେ ସଂଘର୍ଷ କରିବା ଲାଗି ନିବେଦନ କରିଥିଲେ ।



- **କ୍ଷୁଦ୍ର ସହର ଉପରେ ଗୁରୁତ୍ୱ:** ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା କାରଣରୁ ଛୋଟ ଏବଂ ମଧ୍ୟମ ବର୍ଗର ସହର ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି । ଘରେ ଥିବା ରୋଗୀମାନଙ୍କୁ ଅନଲାଇନ ପରାମର୍ଶ ଦିଆଯାଉଛି । ଜାରି ହୋଇଥିବା ମାର୍ଗଦର୍ଶିକା ଅନୁଯାୟୀ ଗୃହ ସଙ୍ଗରୋଧରେ ଥିବା ରୋଗୀଙ୍କୁ ନିୟମିତ ନିରୀକ୍ଷଣ କରିବା ଲାଗି ଆଇସିଏମଆର ଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟଗୁଡ଼ିକୁ ପରାମର୍ଶ ଦିଆଯାଇଛି ।

**02**

ବିଶ୍ୱରେ ପିପିଇ କିଟ୍ ଉତ୍ପାଦନରେ ଭାରତର ସ୍ଥାନ । କରୋନା ଆରମ୍ଭ ହେବା ସମୟରେ ଭାରତରେ ପିପିଇ କିଟ୍ ଉତ୍ପାଦନ ଅତ୍ୟନ୍ତ ନଗଣ୍ୟ ଥିଲା ।

**12000**

2019-20 ରେ ମହାମାରୀ ଆରମ୍ଭ ହେବା ସମୟରେ ଦେଶରେ ମାତ୍ର ଏତିକି ସଂଖ୍ୟକ ଭେଣ୍ଟିଲେଟର ଶଯ୍ୟା ଥିଲା । ଆଜି, ଏହାର ସଂଖ୍ୟା 78,000ରୁ ଅଧିକ ହୋଇସାରିଛି। ଭାରତ ବିଶ୍ୱର ଅନ୍ୟତମ ବୃହତ ଭେଣ୍ଟିଲେଟର ଉତ୍ପାଦନକାରୀ ।

# ଟିକା ହିଁ ଏକମାତ୍ର ଚିକିତ୍ସା



ବିଶିଷ୍ଟ ଆମେରିକୀୟ ବିଶେଷଜ୍ଞ ଆନ୍ଥୋନୀ ଫାଉସି କହିଛନ୍ତି ଯେ ଭାରତର କୋଭାକ୍ସିନ ଭିନ୍ନ ଭିନ୍ନ କୋଭିଡ୍ ଭାରିଆଣ୍ଟକୁ ନଷ୍ଟ କରିବା ଲାଗି ସକ୍ଷମ। ଫାଉସି କହିଛନ୍ତି ଯେ ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖିଲେ ଟିକାକରଣ ହିଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ର।

ଏପ୍ରିଲ 20 ତାରିଖ ସୁଦ୍ଧା ମିଳିଥିବା ଟିକାକରଣ ତଥ୍ୟ ଅନୁଯାୟୀ, କୋଭାକ୍ସିନର ପ୍ରଥମ ଡୋଜ ନେଇଥିବା 93,56,436 ଜଣ ଲୋକଙ୍କ ମଧ୍ୟରୁ ମାତ୍ର 4208 ଜଣ ବ୍ୟକ୍ତି କୋଭିଡରେ ସଂକ୍ରମିତ ହୋଇଛନ୍ତି। ଏହା ହେଉଛି ମାତ୍ର 0.04 ପ୍ରତିଶତ।

ସେହିପରି କୋଭିଶିଲ୍ଡର ପ୍ରଥମ ଡୋଜ ନେଇଥିବା 10,03,02,745 ଜଣଙ୍କ ମଧ୍ୟରୁ 17,145 ଜଣ ସଂକ୍ରମିତ ହୋଇଛନ୍ତି। ଏହା ମାତ୍ର 0.02 ପ୍ରତିଶତ। ସେହିପରି ଦ୍ୱିତୀୟ ଡୋଜ ନେଇଥିବା 1,57,32,754 ଲୋକଙ୍କ ମଧ୍ୟରୁ ମାତ୍ର 5014 ଜଣ କରୋନାରେ ସଂକ୍ରମିତ ହୋଇଛନ୍ତି। ଏହା ମାତ୍ର 0.03 ପ୍ରତିଶତ।

## କୋଭାକ୍ସିନ



**17,37,178**

ଉଭୟ ଡୋଜ ନେଇଥିବା ବ୍ୟକ୍ତି । ସେମାନଙ୍କ ମଧ୍ୟରୁ ମାତ୍ର 695 ଜଣ ହିଁ ସଂକ୍ରମିତ ହୋଇଛନ୍ତି ।

## ଡାକ୍ତରଖାନାଗୁଡ଼ିକର ଆଇସୋଲେସନ ଓ ଆଇସିୟୁ ଶଯ୍ୟାରେ 40 ଗୁଣା ବୃଦ୍ଧି




**1.11 %**

ଭାରତରେ କରୋନା ମୃତ୍ୟୁ ହାର । ଦ୍ୱିତୀୟ ଲହରୀ କାଳରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବା ସତ୍ତ୍ୱେ ଏହା ବିଶ୍ୱର ସର୍ବନିମ୍ନ ସ୍ତରରେ ରହିଛି।

(*ଏପ୍ରିଲ 21)



## ରୋଗୀଙ୍କ ସଂଖ୍ୟାରେ ବୃଦ୍ଧି କିନ୍ତୁ ଆରୋଗ୍ୟଙ୍କ ସଂଖ୍ୟା ମଧ ସ୍ଥିର ଭାବେ ବୃଦ୍ଧି ପାଉଛି




**2400**

ଟି ପରୀକ୍ଷାଗାର ଦୈନିକ 15 ଲକ୍ଷରୁ ଅଧିକ ନମୁନା ପରୀକ୍ଷା କରୁଛନ୍ତି। ଜାନୁଆରୀ 30, 2020ରେ ପ୍ରଥମ ସଂକ୍ରମିତ ଚିହ୍ନଟ ସମୟରେ ମାତ୍ର ଗୋଟିଏ ପରୀକ୍ଷାଗାର ଥିଲା।

# ସବୁଠୁ ଶସ୍ତା ଟିକା ସହିତ ବିଶ୍ୱର ସର୍ବବୃହତ ଟିକାକରଣ ଅଭିଯାନ...



- କରୋନାରୁ ସୁରକ୍ଷା ଲାଗି ଭାରତରେ ବର୍ତ୍ତମାନ ବିଶ୍ୱର ସର୍ବବୃହତ ଟିକାକରଣ ଅଭିଯାନ ଜାରି ରହିଛି। ମାତ୍ର 85 ଦିନ ମଧ୍ୟରେ 10 କୋଟି ଲୋକଙ୍କୁ ଟିକା ଦେବା ସହିତ ଭାରତ ସବୁଠୁ କମ୍ ସମୟ ମଧ୍ୟରେ ସର୍ବାଧିକ ସଂଖ୍ୟକ ଲୋକଙ୍କ ଟିକାକରଣରେ ରେକର୍ଡ କରିପାରିଛି।
- ଏପ୍ରିଲ 21, 2021 ସୁଦ୍ଧା ମାତ୍ର 95 ଦିନ ମଧ୍ୟରେ 13 କୋଟିରୁ ଅଧିକ ଟିକା ଦେଇ ଭାରତ ପୁଣିଥରେ ପ୍ରମାଣିତ କରିପାରିଛି ଯେ ଆମେ ଟିକାକରଣରେ ସବୁଠୁ ଆଗରେ ରହିଛୁ। ଆମେରିକା 101 ଦିନରେ ଏହି ଲକ୍ଷ୍ୟ ହାସଲ କରିଥିବା ବେଳେ ଚୀନ 109 ଦିନରେ ହାସଲ କରିଛି। ଏପ୍ରିଲ 25, 2021 ସୁଦ୍ଧା, 14 କୋଟି ଲୋକଙ୍କୁ ଟିକା ଦିଆଯାଇସାରିଛି।
- ଜାନୁଆରୀ 16, 2021ରେ ପ୍ରଥମେ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଟିକା ଦିଆଯାଇ ଭାରତରେ ଟିକାକରଣ ଅଭିଯାନ ଆରମ୍ଭ ହୋଇଥିଲା। ଫେବୃଆରୀ 2, 2021 ପରଠାରୁ ଅଗ୍ରଣୀ ଯୋଦ୍ଧାମାନେ ଟିକା ନେବା ଆରମ୍ଭ କରିଥିଲେ। ମାର୍ଚ୍ଚ 1, 2021 ପରଠାରୁ 60 ବର୍ଷରୁ ଅଧିକ ବୟସର ବ୍ୟକ୍ତି ଟିକା ନେବା ଆରମ୍ଭ କରିଥିଲେ। 45-59 ବର୍ଷ ବୟସ୍କ ଏବଂ ଗୁରୁତର ରୋଗରେ ପୀଡ଼ିତ ଲୋକମାନଙ୍କୁ ଏପ୍ରିଲ 1, 2021 ଠାରୁ ଟିକା ଦିଆଯିବା ଆରମ୍ଭ ହୋଇଥିଲା।

18 ବର୍ଷ ଏବଂ ତତୋଧିକ ବୟସର ଲୋକମାନଙ୍କ ପାଇଁ ଟିକାକରଣ ଆରମ୍ଭ ହୋଇଛି। ଦେଶରେ ମେ ପହିଲା ଠାରୁ ତୃତୀୟ ପର୍ଯ୍ୟାୟ ଟିକାକରଣ ଆରମ୍ଭ ହୋଇଛି।

ସରକାର ଏପ୍ରିଲ ପହିଲା ପରଠାରୁ 45 ବର୍ଷରୁ ଅଧିକ ବୟସ୍କ ଲୋକଙ୍କ ଟିକାକରଣ ପାଇଁ ଅନୁମତି ଦେଇଥିଲେ।

12 ଏପ୍ରିଲ ପରଠାରୁ କାର୍ଯ୍ୟସ୍ଥଳୀରେ 45 ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ସବୁ ଲୋକମାନଙ୍କ ପାଇଁ ଟିକାକରଣ ଆରମ୍ଭ ହୋଇଥିଲା।

- ଟିକାକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ସ୍ୱଦେଶୀ ଟିକା କୋଭାକ୍ସିନ ଓ କୋଭିଶିଲ୍ଡ ସହିତ ରୁଷର ସ୍ପୁଟନିକ ଭି ଟିକାକୁ ମଧ୍ୟ ଅନୁମୋଦନ କରାଯାଇଥିଲା।
- ଜୁଲାଇ 2021 ସୁଦ୍ଧା 30 କୋଟି ଲୋକଙ୍କ ଟିକାକରଣ କରାଯିବ। ବିଶ୍ୱର ମାତ୍ର ତିନୋଟି ରାଷ୍ଟ୍ରରେ 30 କୋଟିରୁ ଅଧିକ ଜନସଂଖ୍ୟା ରହିଛନ୍ତି-ଭାରତ, ଚୀନ ଓ ଆମେରିକା

**16.16**
କୋଟି ଟିକା ଏବେସୁଦ୍ଧା ମାଗଣାରେ ରାଜ୍ୟଗୁଡ଼ିକୁ ଯୋଗାଇ ଦେଇଛନ୍ତି କେନ୍ଦ୍ର ସରକାର

**15.22**
କୋଟି ଟିକା ଡୋଜ୍, ଦୁଇଟି ଡୋଜ ସମେତ, ଏପ୍ରିଲ 30, 2021 ସୁଦ୍ଧା ଦେଶରେ ଦିଆଯାଇସାରିଛି।

## ପ୍ରଥମେ, ଆମେ ସହାୟତା ଯୋଗାଇ ଦେଲୁ, ଏବେ ବିଶ୍ୱ ତା'ର ପ୍ରତିଦାନ ଦେଉଛି....

- କୋଭିଡ ମହାମାରୀର ପ୍ରାରମ୍ଭିକ ଦିନଗୁଡ଼ିକରେ, ଭାରତ ଆମେରିକା, ଜର୍ମାନୀ, ରୁଷ, ଜାପାନ, କାନାଡା ସମେତ ଅନ୍ୟ ରାଷ୍ଟ୍ରଗୁଡ଼ିକୁ ହାଇଡ୍ରକ୍ସିକ୍ଲୋରୋକୁଇନ ସମେତ ଔଷଧ, ଏବଂ ଜରୁରି ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ଆହୁରି, 'ଟିକା ମୈତ୍ରୀ' ଜରିଆରେ କୋଭାକ୍ସିନ ଓ କୋଭିଶିଲ୍ଡ 80ରୁ ଅଧିକ ରାଷ୍ଟ୍ରଗୁଡ଼ିକୁ ଯୋଗାଇ ଦିଆଯାଇଥିଲା।
- ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନ୍ୟ ରାଷ୍ଟ୍ରଗୁଡ଼ିକୁ ଭାରତରୁ ପ୍ରେରଣା ନେବା ଲାଗି ନିବେଦନ କରିଥିଲା ଏବଂ ଏପରିକି ସହାୟତା ପାଇଁ ଆମେରିକା ମଧ୍ୟ ଭାରତକୁ ଧନ୍ୟବାଦ ଜଣାଇଥିଲା। ବ୍ରାଜିଲ୍ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହିତ ତାଙ୍କୁ ଭଗବାନ ହନୁମାନଙ୍କ ସହିତ ତୁଳନା କରାଯାଇଥିଲା।
- କରୋନାର ଦ୍ୱିତୀୟ ଲହରୀ ସମୟରେ ଭାରତ ଯେତେବେଳେ ସଙ୍କଟରେ ପଡ଼ିଛି, ସାରା ବିଶ୍ୱର ଅନେକ ରାଷ୍ଟ୍ର ଭାରତକୁ ସହାୟତା କରିବା ଲାଗି ଆଗେଇ ଆସିଛନ୍ତି। ଭୂଟାନ ଠାରୁ ଆରମ୍ଭ କରି ଆମେରିକା ପର୍ଯ୍ୟନ୍ତ ଏବଂ ସାଉଦୀ ଆରବ ଠାରୁ ଆରମ୍ଭ କରି ଜାପାନ ଓ ବ୍ରାଜିଲ ପର୍ଯ୍ୟନ୍ତ 40ଟି ରାଷ୍ଟ୍ର ବର୍ତ୍ତମାନ ଭାରତ ସହ ଛିଡ଼ା ହୋଇଛନ୍ତି।
- ଆମେରିକା ଭାରତକୁ ଅକ୍ସିଜେନ ସିଲିଣ୍ଡର, ରେଗୁଲେଟର ଏବଂ ଏନ-95 ମାସ୍କ ପଠାଇଛି। ଏହାଛଡ଼ା ଔଷଧ ଏବଂ ଟିକା ପ୍ରସ୍ତୁତି ନିମନ୍ତେ କଞ୍ଚା ମାଲ୍ ମଧ୍ୟ ପଠାଇଛି।
- ବ୍ରିଟେନ ପକ୍ଷରୁ ଭାରତକୁ ସହାୟତା ସାମଗ୍ରୀ ଓ ଔଷଧୀୟ ଉତ୍ପାଦର 9ଟି କନସାଇନମେଣ୍ଟ ପଠାଯାଇଛି। ଜର୍ମାନୀ ପକ୍ଷରୁ ମୋବାଇଲ ଅକ୍ସିଜେନ ପ୍ଲାଣ୍ଟ, ମାସ୍କ ଓ ଅନ୍ୟ ଚିକିତ୍ସା ସହାୟତା ଭାରତକୁ ଯୋଗାଇ ଦିଆଯାଇଛି।
- ସାଉଦୀ ଆରବ ଓ କୁଏତ ପକ୍ଷରୁ ଭାରତକୁ ଅକ୍ସିଜେନ ଯୋଗାଇ ଦିଆଯାଇଛି। ଅଷ୍ଟ୍ରେଲିଆ ପକ୍ଷରୁ ଭେଣ୍ଟିଲେଟର, ଗ୍ଲୋଭ୍ସ ମାସ୍କ ଏବଂ ଔଷଧ ସମେତ ଜରୁରି ଚିକିତ୍ସା ସାମଗ୍ରୀ ଭାରତକୁ ପଠାଯାଇଛି। ସିଙ୍ଗାପୁର ଓ ଥାଇଲ୍ୟାଣ୍ଡ ମଧ୍ୟ ଅକ୍ସିଜେନ ଟ୍ୟାଙ୍କର ପଠାଇଛନ୍ତି।



# ପୂର୍ବରୁ ଆମେ ଜିତିଛୁ...

## କରୋନାର ପ୍ରାରମ୍ଭିକ ପର୍ଯ୍ୟାୟରେ ତ୍ୱରିତ ନିଷ୍ପତ୍ତି ଗ୍ରହଣ

ପ୍ରଥମ ଲହରୀ ଠାରୁ ଆରମ୍ଭ କରି ଦ୍ୱିତୀୟ ଲହରୀ ପର୍ଯ୍ୟନ୍ତ ଭାରତ ସରକାର ଦେଶରେ ସ୍ୱାସ୍ଥ୍ୟ ସଂକ୍ରାନ୍ତ ବ୍ୟବସ୍ଥାରେ ସୁଧାର ଆଣିବା କ୍ଷେତ୍ରରେ କାର୍ଯ୍ୟ କରିଛନ୍ତି। ବ୍ୟବସ୍ଥାରେ ସୁଧାର ଆଣିବା ସକାଶେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସହିତ ଇଣ୍ଡିଆନ କାଉନସିଲ ଫର୍ ମେଡ଼ିକାଲ ରିସର୍ଚ୍ଚ, ଏମ୍ସ ଓ ଅନ୍ୟ ଚିକିତ୍ସା ବିଶେଷଜ୍ଞମାନଙ୍କ ଏକ ଦଳ ସହିତ ଦିନରାତି କାମ କରିଛନ୍ତି। ସେହି ଅନୁଯାୟୀ, ବିଭିନ୍ନ ସମୟରେ ଡାକ୍ତରଖାନା ସମେତ ସାଧାରଣ ଲୋକଙ୍କ ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରତି ମୁହୂର୍ତ୍ତରେ ଅକ୍ସିଜେନ, ଔଷଧ ଓ ଟିକା ଯୋଗାଣ ଏବଂ ଟିକାକରଣ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ପୃକ୍ତ ଅଧିକାରୀମାନଙ୍କ ଦ୍ୱାରା ସଦ୍ୟତମ ସୂଚନା ଦିଆଯାଇଛି। କରୋନା ବିରୋଧରେ ପ୍ରଥମ ଯୁଦ୍ଧ ଭାରତ ଯେପରି ଭାବେ ଜିତିଥିଲା ତାହାକୁ ଡବ୍ଲ୍ୟୁଏଚଓ ସମେତ ବିଶ୍ୱର ବିଭିନ୍ନ ସଂସ୍ଥା ପ୍ରଶଂସା କରିଥିଲେ। ବର୍ତ୍ତମାନ ସାହସ, ସତର୍କତା ଓ ଟିକା ସହିତ ଦ୍ୱିତୀୟ ଲହରୀକୁ ପରାଜିତ କରିବାର ଆବଶ୍ୟକତା ରହିଛି। ଚାଲନ୍ତୁ ଦେଖିବା ପ୍ରଥମ ଲହରୀ ପରେ ଦ୍ୱିତୀୟ ଲହରୀର ମୁକାବିଲା ପାଇଁ ଆମର ପ୍ରସ୍ତୁତି କିଭଳି ରହିଛି।

- ସରକାରୀ ଓ ସଂସ୍ଥାଗତ ସ୍ତରରେ ଆଗୁଆ ପଦକ୍ଷେପ ଗ୍ରହଣ କରିବାରେ ଭାରତ ଅଗ୍ରଣୀ ରହିଥିଲା। ଜାନୁଆରୀ 7, 2020ରେ ଚୀନ ଉହାନ ଭୂତାଣୁ ସମ୍ପର୍କରେ ବିଶ୍ୱକୁ ସୂଚୀତ କରିଥିଲା। ଏହାର ଠିକ ପରଦିନ ଜାନୁଆରୀ 8, 2020ରେ ଭାରତ ମିଶନ ବୈଠକ ଆୟୋଜନ କରିଥିଲା।
- ଜାନୁଆରୀ 17, 2020 ପରଠାରୁ ଭାରତ ଯାତ୍ରୀମାନଙ୍କର ସ୍କ୍ରିନିଂ ଆରମ୍ଭ କରିଥିଲା। ଏପରି କରିବାରେ ଭାରତ ଥିଲା ପ୍ରଥମ ରାଷ୍ଟ୍ରଗୁଡ଼ିକ ମଧ୍ୟରୁ ଅନ୍ୟତମ।
- ଜାନୁଆରୀ 30, 2020ରେ ଭାରତର ପ୍ରଥମ କରୋନା ମାମଲା ଚିହ୍ନଟ ହୋଇଥିଲା ଏବଂ ତୁରନ୍ତ ଏହାପରେ, କଣ୍ଟେନମେଣ୍ଟ-ସ୍କ୍ରିନିଂ ପଦକ୍ଷେପ ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ କରାଯାଇଥିଲା।
- ମାର୍ଚ୍ଚ ପ୍ରଥମ ସପ୍ତାହରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ବିଶେଷଜ୍ଞମାନେ ଭିଡ଼ ଠାରୁ ଦୂରରେ ରହିବା ଲାଗି ପରାମର୍ଶ ଦେଇଛନ୍ତି। ତେଣୁ ସେ କହିଥିଲେ ଯେ ସେ କୌଣସି ହୋଲି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ନାହିଁ। ମହାମାରୀ ଆରମ୍ଭ ହେବା ସମୟରେ ଏହା ବିଶ୍ୱର ହାତଗଣତି ଉଦାହରଣ ମଧ୍ୟରୁ ଅନ୍ୟତମ ଥିଲା। ସେତେବେଳେ ଭାରତରେ ମାତ୍ର 50 କରୋନା ସଂକ୍ରମିତ ସୁଦ୍ଧା ଚିହ୍ନଟ ହୋଇନଥିଲେ।

## ଡବ୍ଲୁଏଚଓ ମଧ୍ୟ ଭାରତର ମଡେଲକୁ ଗ୍ରହଣ କରିଛି

ଆରଟି ପିସିଆର ସହିତ ରାପିଡ୍ ଆଣ୍ଟିଜେନ ଟେଷ୍ଟ ଆରମ୍ଭ କରିବାରେ ଅଳ୍ପ କେତୋଟି ରାଷ୍ଟ୍ର ମଧ୍ୟରୁ ଭାରତ ଅନ୍ୟତମ ଥିଲା। ପ୍ରାରମ୍ଭରେ, ଭାରତକୁ ଏହି ରଣନୀତି ପାଇଁ ସମାଲୋଚନା କରାଯାଇଥିଲା, କିନ୍ତୁ ପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିଜେ ଏହି ମଡେଲକୁ ଗ୍ରହଣ କରିଥିଲା।

- ଦେଶର ଅଧିକାଂଶ ଭାଗରେ ଏପ୍ରିଲ ମାସଠାରୁ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଥିଲା ବେଳେ ଡବ୍ଲୁଏଚଓ ସାରା ବିଶ୍ୱରେ ଜୁନ ପରବର୍ତ୍ତୀ ପର୍ଯ୍ୟାୟରେ ମାସ୍କ ପିନ୍ଧିବାକୁ ଉତ୍ସାହିତ କରିବା ଲାଗି ମାର୍ଗଦର୍ଶିକା ଜାରି କରିଥିଲା।
- ମାର୍ଚ୍ଚ 24 ତାରିଖରେ ଦେଶବାସୀଙ୍କୁ ଉଦବୋଧନ ଦେଇ ପ୍ରଧାନମନ୍ତ୍ରୀ ମୋଦୀ ସାରା ଦେଶରେ ଲକଡାଉନ ଲାଗୁ କରିଥିଲେ। ପରିସ୍ଥିତିର ଗମ୍ଭୀରତାକୁ ଦର୍ଶାଇବାକୁ ଯାଇ ସେ ତାଙ୍କ ପ୍ରୟାସରେ 'ଜାନ୍ ହେଁ ତୋ ଜାହାନ ହେଁ' ପାଇଁ ବାର୍ତ୍ତା ଦେଇଥିଲେ ଯାହାର ଅର୍ଥ ହେଉଛି ଅନ୍ୟ କାହାଠାରୁ ଜୀବନ ଅଧିକ ମୂଲ୍ୟବାନ। ଦେଶରେ ଯେତେବେଳେ ଲକଡାଉନ କରିବା ଲାଗି ନିଷ୍ପତ୍ତି ଗ୍ରହଣ କରାଗଲା ସେତେବେଳେ ଅନ୍ୟ କୌଣସି ଦେଶ ଏପରି ପଦକ୍ଷେପ ଗ୍ରହଣ କରିନଥିଲେ।
- ଲକଡାଉନ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଦେଶବାସୀଙ୍କୁ ଦୀପ ଜଳାଇ ପରସ୍ପର ମଧ୍ୟରେ ଏକତା ପ୍ରଦର୍ଶିତ କରିବା ଲାଗି ନିବେଦନ କରିଥିଲେ ଯାହାକି ଦେଶରେ ସକାରାତ୍ମକ ପରିବେଶ ସୃଷ୍ଟି କରିଥିଲା। କରୋନା ମୁକାବିଲା ପ୍ରତି ଦୃଷ୍ଟି ଦେଇ ଲକଡାଉନ ସମୟକୁ ସରକାର ସ୍ୱାସ୍ଥ୍ୟ ଭିତ୍ତିଭୂମି ସୁଦୃଢ଼ କରିବା ଲାଗି ବିନିଯୋଗ କରିଥିଲେ।
- ଅନଲକ ପର୍ଯ୍ୟାୟ ଆରମ୍ଭ ହେବା ପୂର୍ବରୁ ସେ ଦେଶବାସୀଙ୍କୁ ସମ୍ବୋଧିତ କରି କରୋନା ମହାମାରୀ ସମୟରେ 'ଜାନ ଭି ଜାହାନ ଭି'ର ପ୍ରାଚୀନ ଉକ୍ତି ସମ୍ପର୍କରେ ମନେ ପକାଇ ଦେଇଥିଲେ।
- 28 ନଭେମ୍ବରରେ ଜାରି ସରକାରୀ ତଥ୍ୟ ଅନୁଯାୟୀ, 28 ନଭେମ୍ବରରେ ଭାରତରେ ପ୍ରତି ଦଶ ଲକ୍ଷରେ ମାତ୍ର 6731 କରୋନା ସଂକ୍ରମିତ ଥିଲେ ଯାହାକି ଅନ୍ୟ ରାଷ୍ଟ୍ରଗୁଡ଼ିକ ତୁଳନାରେ ଖୁବ କମ। ଆମେରିକାରେ ପ୍ରତି ଦଶଲକ୍ଷରେ 40,000 ସଂକ୍ରମିତ, ବ୍ରିଟେନରେ ପ୍ରତି ଦଶଲକ୍ଷରେ 23,361 ଜଣ ସଂକ୍ରମିତ, ଫ୍ରାନ୍ସରେ ପ୍ରତି ଦଶ ଲକ୍ଷରେ 33,424 ଜଣ ସଂକ୍ରମିତ, ବ୍ରାଜିଲରେ ପ୍ରତି ଦଶ ଲକ୍ଷରେ 29,129 ଜଣ ସଂକ୍ରମିତ ଏବଂ ଇଟାଲୀରେ ପ୍ରତି ଦଶ ଲକ୍ଷରେ 25,456 ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିଲା।
- ନଭେମ୍ବର 28 ତାରିଖ ସୁଦ୍ଧା ତଥ୍ୟ ଅନୁଯାୟୀ, ଭାରତରେ ପ୍ରତି ଦଶ ଲକ୍ଷ ଜନସଂଖ୍ୟାରେ ମୃତ୍ୟୁ ହାର 98 ଥିବା ବେଳେ ଆମେରିକା, ବ୍ରାଜିଲ, ଫ୍ରାନ୍ସ, ସ୍ପେନ, ବ୍ରିଟେନ ଓ ଇଟାଲୀରେ ଯଥାକ୍ରମେ ପ୍ରତି ଦଶ ଲକ୍ଷ ଜନସଂଖ୍ୟାରେ 813, 805, 780, 955, 846, 888 ଜଣଙ୍କର ମୃତ୍ୟୁ ଘଟୁଥିବା ରେକର୍ଡ କରାଯାଇଥିଲା।

## ବିଶ୍ୱ ପାଇଁ ଫାର୍ମାସୀ ହବରେ ପରିଣତ ହେଲା ଭାରତ



- କୋଭିଡ ଅବଧି ସମୟରେ ଭାରତ ଅନ୍ୟ ରାଷ୍ଟ୍ରଗୁଡ଼ିକୁ ହାଇଡ୍ରକ୍ସିକ୍ଲୋରୋକୁଇନ ଏବଂ ଅନ୍ୟ ଜରୁରି ଔଷଧର ବଡ଼ ବଡ଼ କନସାଇନମେଣ୍ଟ ପ୍ରେରଣ କରିଥିଲା। ସେହିପରି ବହୁ ପରିମାଣର ମାସ୍କ ଓ ପିପିଇ କିଟ ମଧ୍ୟ ବିଦେଶକୁ ପଠାଇଥିଲା। ଗମ୍ଭୀର ପରିସ୍ଥିତିରେ ପଡ଼ିଥିବା ଆମେରିକା, ବ୍ରାଜିଲ ଓ ଅନ୍ୟ ରାଷ୍ଟ୍ରଗୁଡ଼ିକୁ ଭାରତ ସହାୟତା ଯୋଗାଇ ଥିଲା।
- ଦେଶରେ ଟିକା ବିକାଶ ଓ ଉତ୍ପାଦନ ସମ୍ପର୍କରେ ଅନୁଧ୍ୟାନ କରିବା ଲାଗି ପ୍ରଧାନମନ୍ତ୍ରୀ ମୋଦୀ ଅହମ୍ମଦାବାଦସ୍ଥିତ ଜାଇଡସ ବାୟୋଟେକ ପାର୍କ, ହାଇଦ୍ରାବାଦସ୍ଥିତ ଭାରତ ବାୟୋଟେକ ଏବଂ ପୁଣେର ସିରମ ଇନଷ୍ଟିଚ୍ୟୁଟ ପରିଦର୍ଶନ କରିଥିଲେ।
- କରୋନା ପାଇଁ ସ୍ୱଦେଶୀ ଭାବେ ବିକଶିତ କୋଭାକ୍ସିନ ଓ କୋଭିଶିଲ୍ଡ ଟିକା ବିଶ୍ୱର ସବୁଠୁ ଶସ୍ତା। ରେକର୍ଡ ସମୟ ମଧ୍ୟରେ କରୋନା ଟିକା ସଂରକ୍ଷଣ ଓ ଯୋଗାଣ ପାଇଁ କୋଲ୍ଡ ଚେନ୍ ନେଟୱର୍କ ବିକଶିତ କରାଯାଇଛି।

## ଏପରି ଭାବେ ଆମେ କରୋନାର ପ୍ରଥମ ଲହରୀ ବିରୋଧରେ ଜିତିଥିଲୁ




**32,400**
ଟି ଭେଣ୍ଟିଲେଟର ଦେଶର ଡାକ୍ତରଖାନାଗୁଡ଼ିକୁ ଯୋଗାଣ

ଏହି ଅବଧି ମଧ୍ୟରେ ରାଜ୍ୟ ସରକାରଗୁଡ଼ିକୁ 3.70 କୋଟି ଏନ 95 ମାସ୍କ ଓ 1.60 କୋଟି ପିପିଇ କିଟ୍ ଯୋଗାଇ ଦିଆଯାଇଛି।

# କରୋନାରୁ ସୁରକ୍ଷିତ ରହିବା ଲାଗି ଆୟୁର୍ବେଦ ମଧ୍ୟ ଗୁରୁତ୍ୱପୂର୍ଣ୍ଣ

ଭାରତର ପ୍ରାଚୀନ ଚିକିତ୍ସା ପଦ୍ଧତି ଆୟୁର୍ବେଦ କରୋନାରୁ ସୁରକ୍ଷା ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ମହାମାରୀର ଦ୍ୱିତୀୟ ଲହରୀ ସମୟରେ, ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ନୂଆ ମାର୍ଗଦର୍ଶିକା ଜାରି କରାଯାଇଛି ଯାହାଫଳରେ ରୋଗ ପ୍ରତିଷେଧକ ଶକ୍ତି ବିଶେଷ ଭାବେ ବୃଦ୍ଧି କରାଯାଇପାରିବ।

## ଆୟୁର୍ବେଦୀୟ ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି ଉପାୟ



- ସକାଳେ 10 ଗ୍ରାମ (ଗୋଟିଏ ଚାମଚ) ଚ୍ୟବନପ୍ରାଶ ସେବନ କରନ୍ତୁ। ମଧୁମେହ ରୋଗୀମାନେ ସୁଗାର ଫ୍ରି ଚ୍ୟବନପ୍ରାଶ ସେବନ କରିପାରିବେ।
- ହର୍ବାଲ ଚା' ଏବଂ ତୁଳସୀ, ଡାଲଚିନି, ଗୋଲମରିଚ, ଶୁଣ୍ଠି ଓ କିସମିସରେ ପ୍ରସ୍ତୁତ କାଢ଼ା ଦିନକୁ ଦୁଇ ଥର ପିଅନ୍ତୁ। ସ୍ୱାଦ ପାଇଁ ଗୁଡ଼ ଏବଂ/କିମ୍ବା ଲେମ୍ବୁରସ, ଆବଶ୍ୟକ ହେଲେ ପକାଇପାରିବେ।
- ଦିନକୁ ଥରେ କିମ୍ବା ଦୁଇ ଥର 150 ମିଲି କ୍ଷୀରରେ ହଳଦୀ ଗୁଣ୍ଡ ମିଶାଇ ପିଇ ପାରିବେ।

## ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି ପଦକ୍ଷେପ



- ଦିନସାରା ଗରମ ପାଣି ପିଅନ୍ତୁ
- ଦୈନିକ 30 ମିନିଟ ପର୍ଯ୍ୟନ୍ତ ଯୋଗାସନ, ପ୍ରାଣାୟମ ଓ ଧ୍ୟାନ ଅଭ୍ୟାସ କରନ୍ତୁ
- ଖାଦ୍ୟରେ ହଳଦୀ, ଜୀରା, ଧନିଆ ଏବଂ ରସୁଣ ଆଦି ଉପଯୋଗ କରନ୍ତୁ।

## ସାମାନ୍ୟ ଲକ୍ଷଣଯୁକ୍ତ କୋଭିଡ-19 ରୋଗୀଙ୍କ ଲକ୍ଷଣ ଆଧାରିତ ଚିକିତ୍ସା



ସାମାନ୍ୟ ଜ୍ୱର, ମୁଣ୍ଡ ବ୍ୟଥା, ଥକ୍କାପଣ, ଅବଶ ଲାଗିବା
- 15 ଦିନ ପର୍ଯ୍ୟନ୍ତ ଗରମ ପାଣିରେ ଦିନକୁ ଦୁଇ ଥର ସୁଦର୍ଶନ ଘନ ବଟି (500 ମି.ଗ୍ରା) ସେବନ କରନ୍ତୁ।
- ଦିନକୁ ଦୁଇ ଥର 15 ଦିନ ପର୍ଯ୍ୟନ୍ତ ନାଗରାଡି କାଶୟ (20 ମିଲି) ସେବନ କରନ୍ତୁ

କଫ : ମହୁ (3ଗ୍ରାମ) ସହିତ ଶୀତୋପାଲାଦି ଚୂର୍ଣ୍ଣ ଦିନକୁ ତିନି ଥର 15 ଦିନ ପର୍ଯ୍ୟନ୍ତ ସେବନ କରନ୍ତୁ

ଗଳା ଦରଜ : ଆବଶ୍ୟକତା ଅନୁସାରେ ବ୍ୟଶୋଦି ବଟିର 1-2 ବଟିକା ଚୋବାନ୍ତୁ; ଯଷ୍ଟିମଧୁ ଚୂର୍ଣ୍ଣ (1-3 ଗ୍ରାମ) ଦିନକୁ ତିନି ଥର ଲେଖାଏଁ 15 ଦିନ ପର୍ଯ୍ୟନ୍ତ ମହୁ ସହିତ ସେବନ କରନ୍ତୁ।

ନାକ ବନ୍ଦ, ସ୍ୱାଦ ହରାଇବା : ବ୍ୟଶୋଦି ବଟି ଆବଶ୍ୟକତା ଅନୁସାରେ 1-2 ବଟିକା ଚେବାନ୍ତୁ

* ଆୟୁର୍ବେଦିକ ଚିକିତ୍ସକ ରୋଗୀର ଅବସ୍ଥାକୁ ଦେଖି ଔଷଧର ମାତ୍ରା ଓ ଅବଧି ପରିବର୍ତ୍ତନ କରିପାରିବେ।

## ସାଧାରଣ ମାର୍ଗଦର୍ଶିକା



- ଅଳ୍ପ ହଳଦୀ ଓ ଲୁଣ ମିଶାଇ ଗରମ ପାଣି ଗର୍ଗଲ କରନ୍ତୁ। ତ୍ରିଫଳା କିମ୍ବା ଯଷ୍ଟିମଧୁ ମିଶାଇ ଗରମ ପାଣି ଗର୍ଗଲ କରାଯାଇପାରିବ।
- ଔଷଧୀୟ ତୈଳ କିମ୍ବା ରାଶି/ନଡ଼ିଆ ତେଲ ନାକରେ ପକାନ୍ତୁ/ପ୍ରୟୋଗ କରନ୍ତୁ କିମ୍ବା ଗାଈ ଘିଅ ଦିନକୁ ଦୁଇ ଥର ନାକରେ ପକାନ୍ତୁ
- ଦିନକୁ ଥରେ ଜୁଆଣି କିମ୍ବା ପୁଦିନା କିମ୍ବା ୟୁକାଲିପଟାସ (1-5ବୁନ୍ଦା) କିମ୍ବା କର୍ପୁର ପକାଇ ଗରମ ପାଣି ବାମ୍ପ ଆଘ୍ରାଣ କରନ୍ତୁ।
- ଦୈନିକ 7ରୁ 8 ଘଣ୍ଟା ଯଥେଷ୍ଟ ଶୁଅନ୍ତୁ; ଦିନ ବେଳା ନଶୋଇବା ଭଲ।
- ତୁଳସୀ ପତ୍ର ପଡ଼ିଥିବା ପାଣି ନିୟମିତ ନିୟମିତ ପିଇବା ପାଇଁ ପରାମର୍ଶ ଦିଆଯାଉଛି।

## ଶୁଖିଲା କଫ/ଗଳା ଦରଜ ଦୂର ପାଇଁ ଉପାୟ



- ଦିନକୁ ଗୋଟିଏ ଥର ସତେଜ ପୁଦିନା ପତ୍ର କିମ୍ବା ଜୁଆଣି ପକାଇ ଗରମ ପାଣି ବାମ୍ପ ଆଘ୍ରାଣ କରିପାରିବେ।
- କଫ କିମ୍ବା ଗଳା ଦରଜ ଲାଗିବା କ୍ଷେତ୍ରରେ ଦିନକୁ ଦୁଇ-ତିନି ଥର ଗୁଡ଼/ମହୁ ମିଶାଇ ଲବଙ୍ଗ ପାଉଡର ସେବନ କରାଯାଇପାରିବ।
- ଏହି ପଦକ୍ଷେପ ସାଧାରଣ ଶୁଖିଲା କଫ ଏବଂ ଗଳା ଦରଜର ଚିକିତ୍ସା କରାଯାଇପାରିବ। ତେବେ ଏହି ଲକ୍ଷଣ ଦେଖାଦେବା ଜାରି ରହିଲେ ଡାକ୍ତରଙ୍କ ସହିତ ପରାମର୍ଶ କରାଯିବା ଜରୁରି।

## ସାଧାରଣ ଆୟୁର୍ବେଦ ପ୍ରକ୍ରିୟା



- ନାକ ପାଇଁ ପ୍ରୟୋଗ : ସକାଳେ ଓ ସନ୍ଧ୍ୟାରେ ଉଭୟ ନାକପୁଡ଼ାରେ ରାଶି ତେଲ/ନଡ଼ିଆ ତେଲ କିମ୍ବା ଘିଅ ପକାନ୍ତୁ (ପ୍ରତିମାର୍ଶ ନାସ୍ୟ)
- ତେଲ କୁଳକୁଳି ଚିକିତ୍ସା- ଗୋଟିଏ ଚାମଚ ରାଶି କିମ୍ବା ନଡ଼ିଆ ତେଲ ପାଟିରେ ନିଅନ୍ତୁ। ଏହାକୁ ଗିଳନ୍ତୁ ନାହିଁ ବରଂ 2ରୁ 3 ମିନିଟ୍ ପର୍ଯ୍ୟନ୍ତ କୁଳକୁଳି କରି ଫିଙ୍ଗି ଦିଅନ୍ତୁ। ଏହାପରେ ଗରମ ପାଣିରେ ପାଟି ଧୋଇ ଦିଅନ୍ତୁ। ଏହାକୁ ଦିନକୁ ଥରେ କିମ୍ବା ଦୁଇଥର କରିପାରିବେ।

# ସତର୍କତା ହିଁ ଏକମାତ୍ର ପ୍ରତିରକ୍ଷା...

## ତେଣୁ ସାମାଜିକ ଦୂରତା ବଜାୟ ରଖନ୍ତୁ ଓ ଟିକା ନିଅନ୍ତୁ

କରୋନା ମହାମାରୀ ମଧ୍ୟରେ ମହାରାଷ୍ଟ୍ରର ଲାଟୁର ଜିଲ୍ଲା ଅନ୍ତର୍ଗତ କଟଗାଉଁ ତାଣ୍ଡା ଗ୍ରାମରୁ ଏକ ଉତ୍ସାହପ୍ରଦ ଖବର ଆସିଛି ଯେଉଁଥିରେ ଏକ ବୟସ୍କ ଦମ୍ପତି ସଫଳତାପୂର୍ବକ କୋଭିଡ-19କୁ ପରାଜିତ କରିବାରେ ସଫଳ ହୋଇଛନ୍ତି। 105 ବର୍ଷ ବୟସ୍କ ଧେନୁ ଚଭନ ଏବଂ ତାଙ୍କର 95 ବର୍ଷ ବୟସ୍କା ପତ୍ନୀ ମୋଟାବାଇ ମାର୍ଚ୍ଚ ଶେଷ ଭାଗରେ କରୋନାରେ ସଂକ୍ରମିତ ହେବା ପରେ ସ୍ଥାନୀୟ ଏକ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଡାକ୍ତରଖାନାର ଆଇସିୟୁରେ ନଅ ଦିନ ପର୍ଯ୍ୟନ୍ତ ଚିକିତ୍ସିତ ହେବା ପରେ ସେମାନେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।



ମଧ୍ୟପ୍ରଦେଶ ମୋରେନା ବାସିନ୍ଦା, ସୁମିତ ଦୁବେ ଦୁଇ ଦୁଇ ଥର କରୋନାରୁ ସୁସ୍ଥ ହେବା ପରେ ସାମାଜିକ ଗଣମାଧ୍ୟମ ଜରିଆରେ ଲୋକମାନଙ୍କୁ ଏହି ରୋଗ ସମ୍ପର୍କରେ ସଚେତନ କରିବାର ପ୍ରୟାସ କରିଛନ୍ତି। ଗତବର୍ଷ ପ୍ରଥମ ଲହରୀ ସମୟରେ ସେ କରୋନାରେ ସଂକ୍ରମିତ ହୋଇଥିଲେ ଏବଂ ଚଳିତ ବର୍ଷ ଦ୍ୱିତୀୟ ଲହରୀ ସମୟରେ ମଧ୍ୟ ଦୁର୍ଭାଗ୍ୟବଶତଃ ସେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ଉଭୟ ଥର ସେ ଘରେ ପୃଥକବାସରେ ରହି ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇଛନ୍ତି। ତାଙ୍କ ମତରେ, ଏହି ରୋଗର ମୁକାବିଲା କରିବା ଲାଗି ସବୁଠୁ ଜରୁରି ହେଉଛି ନିଜ ଉପରେ ବିଶ୍ୱାସ ରଖିବା ଏବଂ କଡ଼ାକଡ଼ି ଭାବେ ଡାକ୍ତରଙ୍କ ପରାମର୍ଶକୁ ପାଳନ କରିବା।
କରୋନା ଏକ ସଂକ୍ରାମକ ରୋଗ କିନ୍ତୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର କହିବା ଅନୁଯାୟୀ 85 ପ୍ରତିଶତ ରୋଗୀ ଘରେ ପୃଥକବାସରେ ରହି ଭଲ ହୋଇପାରିବେ। ଡାକ୍ତରଖାନାରେ ଭର୍ତ୍ତି ହେଉଥିବା ପ୍ରତି 15 ଜଣ ରୋଗୀଙ୍କ ମଧ୍ୟରୁ ମାତ୍ର 10 ପ୍ରତିଶତଙ୍କ ଠାରେ ଅକ୍ସିଜେନ ଆବଶ୍ୟକ ପଡୁଛି। ଏହି ମହାମାରୀ ସମୟରେ ସଠିକ ସୂଚନା ହିଁ କରୋନାକୁ ରୋକିପାରିବ। ଲୋକମାନଙ୍କୁ ସଚେତନ କରିବା ଲାଗି ଭାରତୀୟ ଚିକିତ୍ସା ଗବେଷଣା ପରିଷଦ (ଆଇସିଏମଆର) ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ସମୟରେ ମାର୍ଗଦର୍ଶିକା ଜାରି କରାଯାଉଛି। ଚାଲନ୍ତୁ ଏଠାରେ କରୋନା ରୋଗ ଏବଂ ଏହାର ଲକ୍ଷଣ, ପ୍ରତିକାର ଓ ଚିକିତ୍ସା ବିଷୟରେ ଜାଣିବା।



### ଆଦୌ ଲକ୍ଷଣ ନଥିବା କିମ୍ବା ସାମାନ୍ୟ ଲକ୍ଷଣଯୁକ୍ତ କରୋନା ସଂକ୍ରମିତ

ପରୀକ୍ଷା ମାଧ୍ୟମରେ ଏପରି ସଂକ୍ରମିତଙ୍କୁ ଚିହ୍ନଟ କରାଯାଇପାରିବ। ଏହି ରୋଗୀମାନଙ୍କର ସାଧାରଣ ଅକ୍ସିଜେନ ସାଚୁରେସନ ସ୍ତର 94 ପ୍ରତିଶତ ଥାଏ।



### ରୋଗୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶିକା

ଘରେ ବରିଷ୍ଠ ନାଗରିକ କିମ୍ବା ଉଚ୍ଚ ରକ୍ତଚାପ, ହୃଦରୋଗ କିମ୍ବା କୌଣସି ପ୍ରକାରର କିଡନୀ ରୋଗରେ ପୀଡ଼ିତ ରୋଗୀ ଥିଲେ ସଂକ୍ରମିତ ବ୍ୟକ୍ତି ତୁରନ୍ତ ପରିବାରର ଅନ୍ୟ ସଦସ୍ୟଙ୍କ ଠାରୁ ଦୂରେଇ ରହି ଘରେ ନିଜକୁ ପୃଥକବାସରେ ରଖିବା ଉଚିତ।



ରୋଗୀଙ୍କୁ ଭଲ ଭାବେ ପବନ ଚଳାଚଳ କରୁଥିବା କୋଠରୀରେ ରଖାଯିବା ଆବଶ୍ୟକ ଏବଂ ସତେଜ ପବନ ଚଳାଚଳ ପାଇଁ ଝରକା ଖୋଲା ରହିବା ଉଚିତ୍।



ସବୁବେଳେ ତିନି ସ୍ତର ବିଶିଷ୍ଟ ମାସ୍କ ପରିଧାନ କରନ୍ତୁ ଏବଂ ଆଠ ଘଣ୍ଟା ଏହାକୁ ବ୍ୟବହାର କରିବା ପରେ ଫିଙ୍ଗି ଦିଅନ୍ତୁ। କରୋନା ରୋଗୀଙ୍କ ଯତ୍ନ ନେଉଥିବା ରୋଗୀ ଏନ95 ମାସ୍କ ପରିଧାନ କରିବା ଉଚିତ୍।

ମାସ୍କ ବ୍ୟବହାର କରିସାରିବା ପରେ ଏକ ପ୍ରତିଶତ ସୋଡିୟମ ହାଇପୋକ୍ଲୋରାଇଡ୍ ମାଧ୍ୟମରେ ଏହାକୁ ସଂକ୍ରମଣମୁକ୍ତ କରିବା ପରେ ଫିଙ୍ଗି ଦେବା ଆବଶ୍ୟକ।



ଶରୀରରେ ଯଥେଷ୍ଟ ଜଳୀୟ ଅଂଶ ସୁନିଶ୍ଚିତ କରିବା ଲାଗି ରୋଗୀ ଯଥେଷ୍ଟ ବିଶ୍ରାମ ନେବା ଉଚିତ ଏବଂ ତରଳ ଖାଦ୍ୟ ସେବନ କରିବା ଉଚିତ୍।



40 ସେକେଣ୍ଡ ପର୍ଯ୍ୟନ୍ତ ହାତକୁ ଭଲ ଭାବେ ସଫା କରନ୍ତୁ ଏବଂ ହାତକୁ ଜୀବାଣୁମୁକ୍ତ କରିବା ଲାଗି ଆଲକହଲଯୁକ୍ତ ସାନିଟାଇଜର ଉପଯୋଗ କରନ୍ତୁ।




ନିଜକୁ ନିରୀକ୍ଷଣ କରୁଥିବା ରୋଗୀ ସେମାନଙ୍କ ତାପମାତ୍ରା ଏବଂ ସ୍ୱାସ୍ଥ୍ୟ ସ୍ଥିତି ନିରୀକ୍ଷଣ କରିବା ଆବଶ୍ୟକ। ପଲ୍ସ ଅକ୍ସିମିଟର ସହାୟତାରେ ରୋଗୀ ନିଜର ଅକ୍ସିଜେନ ସ୍ତର ମାପିପାରିବେ।



# ଗୃହ ସଙ୍ଗରୋଧରେ ରହୁଥିବା ରୋଗୀ

- ଯଦି ସଂକ୍ରମିତ ଲକ୍ଷଣବିହୀନ କିମ୍ବା ସାମାନ୍ୟ ଲକ୍ଷଣଯୁକ୍ତ ହୋଇଥାନ୍ତି
- ରୋଗୀଙ୍କ ଘରେ ସମସ୍ତ ଆବଶ୍ୟକ ସୁବିଧା ରହିଥିବା ଆବଶ୍ୟକ।
- କରୋନା ରୋଗୀଙ୍କ ଯତ୍ନ ନେବା ଲାଗି ଜଣେ ସମର୍ପିତ ବ୍ୟକ୍ତି ରହିବା ଆବଶ୍ୟକ। ସଙ୍ଗରୋଧରେ ରହିବା ସମୟରେ ସେବା ପ୍ରଦାନକାରୀ ଡାକ୍ତରଖାନା ସହିତ ଯୋଗାଯୋଗରେ ରହିବା ଉଚିତ୍।

60 ବର୍ଷରୁ ଅଧିକ ବୟସ୍କ କିମ୍ବା ଉଚ୍ଚ ରକ୍ତଚାପ, ମଧୁମେହ, ହୃଦରୋଗ, ଗମ୍ଭୀର ଫୁସଫୁସ/ଲିଭର/କିଡନୀ ରୋଗରେ ପୀଡ଼ିତ କରୋନା ସଂକ୍ରମିତ କେବଳ ଡାକ୍ତରଙ୍କ ପରାମର୍ଶକ୍ରମେ ଗୃହ ସଙ୍ଗରୋଧରେ ରହିପାରିବେ।

ଏଚଆଇଭି କିମ୍ବା କର୍କଟ କିମ୍ବା ଯେଉଁମାନେ କୌଣସି ଅଙ୍ଗ ପ୍ରତିରୋପଣ କରାଇଛନ୍ତି ସେପରି ରୋଗୀଙ୍କୁ ଗୃହ ସଙ୍ଗରୋଧ ପାଇଁ ସୁପାରିସ କରାଯାଇପାରିବ ନାହିଁ ଏବଂ ସେମାନଙ୍କର ଡାକ୍ତରଖାନାରେ ଭର୍ତ୍ତି ହେବାର ଆବଶ୍ୟକତା ରହିଛି।

ସେବା ପ୍ରଦାନକାରୀ ଏବଂ ଯେଉଁ ଲୋକମାନେ କରୋନା ରୋଗୀଙ୍କ ନିକଟ ସଂସ୍ପର୍ଶରେ ଆସୁଛନ୍ତି ସେମାନେ କେବଳ ଡାକ୍ତରଙ୍କ ପରାମର୍ଶ ଗ୍ରହଣ କରିସାରିବା ପରେ ହିଁ ଯାଇ ସୁପାରିସ ପ୍ରାପ୍ତ ସ୍ତରର ହାଇଡ୍ରୋକ୍ସିକ୍ଲୋରୋକୁଇନ ନେବା ଉଚିତ୍।

ଏ ସଂକ୍ରାନ୍ତରେ ପ୍ରକାଶିତ ମାର୍ଗଦର୍ଶିକା ପାଳନ କରିବାକୁ ମଧ ସୁପାରିସ କରାଯାଉଛି ଯାହାକି ନିମ୍ନ ଲିଙ୍କରେ ଉପଲବ୍ଧ
**https://www.mohfw.gov.in/pdf/Guidelinesforhomequarantine.pdf**



## ସେବା ପ୍ରଦାନକାରୀଙ୍କ ପାଇଁ ସତର୍କତା

ସବୁବେଳେ ତ୍ରିସ୍ତରୀୟ ମାସ୍କ ପରିଧାନ କରନ୍ତୁ। ରୋଗୀ ନିକଟକୁ ଯିବା ସମୟରେ ଏନ୯5 ମାସ୍କ ପରିଧାନ କରନ୍ତୁ। ରୋଗୀଙ୍କୁ ସେବା ଦେବା ପରେ ତୁରନ୍ତ ଭଲ ଭାବେ ନିଜର ହାତ ଧୋଇ ନିଅନ୍ତୁ। ସିପିସିବି ମାର୍ଗଦର୍ଶିକା ଅନୁଯାୟୀ, ବାୟୋମେଡ଼ିକାଲ ବର୍ଜ୍ୟବସ୍ତୁ ସଠିକ ଭାବେ ଫିଙ୍ଗା ଯିବା ଆବଶ୍ୟକ।



## ଗୃହ ସଙ୍ଗରୋଧ ଶେଷ କେତେବେଳେ କରିବେ

ଲକ୍ଷଣ ଦେଖାଦେବାର ଅତିକମରେ ଦଶ ଦିନ ପରେ ଏବଂ ଲଗାତାର ତିନି ଦିନ ପର୍ଯ୍ୟନ୍ତ ଜ୍ୱର ନହେଲେ ଗୃହ ସଙ୍ଗରୋଧରେ ଥିବା ବ୍ୟକ୍ତି ଡିସଚାର୍ଜ ହେଲେ ବୋଲି ବିବେଚିତ ହେବେ।



**ରେମଡିସିଭିର**
କିମ୍ବା ଅନ୍ୟ କୌଣସି ଔଷଧ ଡାକ୍ତରଖାନାରେ ଡାକ୍ତରଙ୍କ ମାର୍ଗଦର୍ଶନରେ ଦିଆଯିବା ଉଚିତ୍। ଘରେ ସଙ୍ଗରୋଧରେ ଥିବା କରୋନା ରୋଗୀଙ୍କୁ ନିଜ ଇଚ୍ଛାରେ ରେମଡିସିଭର୍ ଦିଆଯିବା ଉଚିତ୍ ନୁହେଁ।

## ସାମାନ୍ୟ ଲକ୍ଷଣଯୁକ୍ତ କିମ୍ବା ଲକ୍ଷଣବିହୀନ ରୋଗୀଙ୍କ ପାଇଁ ଚିକିତ୍ସା

ରୋଗୀ ନିଶ୍ଚିତ ଭାବେ ଚିକିତ୍ସା କରୁଥିବା ଡାକ୍ତରଙ୍କ ସହିତ ଯୋଗାଯୋଗ ରଖିବା ଉଚିତ ଏବଂ ସ୍ୱାସ୍ଥ୍ୟହାନି କ୍ଷେତ୍ରରେ ତୁରନ୍ତ ସୂଚୀତ କରିବା ଉଚିତ୍। ଚିକିତ୍ସା କରୁଥିବା ଡାକ୍ତରଙ୍କ ପରାମର୍ଶକ୍ରମେ ପୂର୍ବରୁ ଥିବା ରୋଗ ପାଇଁ ଔଷଧ ଖାଇବା ଜାରି ରଖନ୍ତୁ।

ଜ୍ୱର, ନାକରୁ ସିଂଘାଣି ବାହାରିବା ଏବଂ କଫ ଭଳି ଲକ୍ଷଣ ଅନୁଯାୟୀ ରୋଗୀଙ୍କୁ ନିର୍ଦ୍ଧାରିତ ଚିକିତ୍ସା କରାଯିବା ଉଚିତ୍। ରୋଗୀ ଦିନକୁ ଦୁଇ ଥର ଗରମ ପାଣିରେ ଗର୍ଗଲ କରିବା ଓ ଗରମ ପାଣି ବାମ୍ପ ନେବା ଉଚିତ୍।

ଦିନକୁ ଚାରି ଥର 650mg ପାରାସିଟାମଲର ସର୍ବାଧିକ ଡୋଜ୍ ସେବନ କରିବା ସତ୍ତ୍ୱେ ଯଦି ଜ୍ୱର କମୁନାହିଁ ତା'ହେଲେ ଚିକିତ୍ସା କରୁଥିବା ଡାକ୍ତରଙ୍କ ସହିତ ଯୋଗାଯୋଗ କରିବା ଉଚିତ୍ ଏବଂ ସେ ଆପଣଙ୍କୁ ଅନ୍ୟ ଔଷଧ ପ୍ରଦାନ କରିବେ।

ଅକ୍ସିଜେନ ସ୍ତର କିମ୍ବା ଶ୍ୱାସକ୍ରିୟା ହ୍ରାସ ଦେଖାଦେବା କ୍ଷଣି ରୋଗୀ ଡାକ୍ତରଖାନାରେ ଭର୍ତ୍ତି ହେବାର ଆବଶ୍ୟକତା ରହିଛି ଏବଂ ସେ ତୁରନ୍ତ ଚିକିତ୍ସା କରୁଥିବା ଡାକ୍ତରଙ୍କ ପରାମର୍ଶ କରିବା ଆବଶ୍ୟକ।

## କେତେବେଳେ ଚିକିତ୍ସା ଆବଶ୍ୟକ

- ଶ୍ୱାସକ୍ରିୟାରେ ସମସ୍ୟା
- ଅକ୍ସିଜେନ ସ୍ତର କମିବା
- ଛାତିରେ ଲଗାତାର ଯନ୍ତ୍ରଣା
- ରୋଗୀ ମାନସିକ ଦ୍ୱନ୍ଦ୍ୱ ଓ ବ୍ୟସ୍ତତା ଅନୁଭବ କଲେ
- ଗମ୍ଭୀର ଲକ୍ଷଣ କିମ୍ବା ଅବସ୍ଥା ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ

## ସମ୍ପୃକ୍ତ ଅଧିକାରୀମାନଙ୍କର ଭୂମିକା

- ସଙ୍ଗରୋଧରେ ଥିବା ସଂକ୍ରମିତଙ୍କୁ ନିରୀକ୍ଷଣ
- ଦୈନିକ ଗୃହ ସଙ୍ଗରୋଧ ଥିବା ସଂକ୍ରମିତଙ୍କ ସ୍ୱାସ୍ଥ୍ୟ ଅବସ୍ଥାର ନିରୀକ୍ଷଣ
- କୋଭିଡ-19 ପୋର୍ଟାଲ ଓ ତତସଂକ୍ରାନ୍ତ ଆପରେ ରୋଗୀଙ୍କ ବିବରଣୀ ଅପଡେଟ୍ ହେବା ଆବଶ୍ୟକ
- ନିୟମ ଉଲ୍ଲଂଘନ ଓ ଚିକିତ୍ସା ଆବଶ୍ୟକ କରୁଥିବା ରୋଗୀଙ୍କୁ ଡାକ୍ତରଖାନାକୁ ସ୍ଥାନାନ୍ତର ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା ରହିବା ଆବଶ୍ୟକ।

# ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ

*2014ରେ ଯେତେବେଳେ ଏକ ନୂଆ ସରକାର ଦାୟିତ୍ୱ ଗ୍ରହଣ କଲେ, ପ୍ରଥମ ଥର ପାଇଁ, ଏମିତି ଏକ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ପାଇଁ ପ୍ରୟାସ କରାଗଲା ଯେଉଁ କ୍ଷେତ୍ର ପୂର୍ବରୁ ଅତ୍ୟନ୍ତ ଅବହେଳିତ ହୋଇ ରହିଥିଲା। ନୂଆ ଡାକ୍ତରଖାନା, ମେଡ଼ିକାଲ କଲେଜ ଏବଂ ଅନ୍ୟ ଚିକିତ୍ସା ସୁବିଧା ନିର୍ମାଣ କରି ସରକାର ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଦ୍ରୁତ ବିକାଶ ଆଣିବା ଦିଗରେ ପଦକ୍ଷେପ ନେଲେ। ସନ୍ତୁଳିତ ବିକାଶ ପାଇଁ ଗ୍ରାମାଞ୍ଚଳ, ସହର ଓ ବଡ଼ ନଗରରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ସହିତ ଗରିବ ଲୋକମାନଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନିମନ୍ତେ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କଲେ।*

ଦେଶରେ ପାରମ୍ପରିକ ଦୃଷ୍ଟିରୁ ଜନସାଧାରଣଙ୍କ ପାଇ ସ୍ୱାସ୍ଥ୍ୟ ଭିତ୍ତିଭୂମି ଅତ୍ୟନ୍ତ ନିମ୍ନସ୍ତରରେ ଥିଲା ଯାହାକି ସମସ୍ତଙ୍କ ପାଇଁ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବାଧକ ସୃଷ୍ଟି କରୁଥିଲା। ଦେଶର ଉପାନ୍ତ ଅଞ୍ଚଳ ସବୁଠୁ ଅବହେଳିତ ସ୍ଥିତିରେ ଥିଲା କାରଣ ଏଠାରେ ଦକ୍ଷ ସ୍ୱାସ୍ଥ୍ୟକର୍ମୀ କିମ୍ବା ଭିତ୍ତିଭୂମିର ଅଭାବ ରହିଥିଲା। ଏହି ବିସଙ୍ଗତିକୁ ଦୂର କରିବା ଲାଗି ପ୍ରଥମ ଥର ଲାଗି ବାର୍ଷିକ ବଜେଟରେ ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ସର୍ବାଧିକ ପାଣ୍ଠି ଆବଣ୍ଟନ କରାଯାଇ ଏହି କ୍ଷେତ୍ର ପାଇଁ ଅନୁଦାନ ବ୍ୟବସ୍ଥାକୁ 137 ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା।

**ଆବଶ୍ୟକତା ପୂରଣ**

ଜାନୁଆରୀ 30, 2020ରେ ଯେତେବେଳେ ପ୍ରଥମ ମାମଲା ଦେଶରେ ଚିହ୍ନଟ ହୋଇଥିଲା, ସେତେବେଳେ ମାତ୍ର ଗୋଟିଏ ସ୍ଥାନରେ ପୁଣେସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ ଭାଇରୋଲୋଜିରେ ଏପରି ପରୀକ୍ଷା କରିବାର ସୁବିଧା ରହିଥିଲା। ବର୍ତ୍ତମାନ ଦେଶର 2486ଟି ପରୀକ୍ଷାଗାରରେ କରୋନା ପରୀକ୍ଷା କରିବାର ସୁବିଧା ରହିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ସଂକ୍ରାମକ ମହାମାରୀକୁ ମୁକାବିଲା କରିବା ଏବଂ ଚିକିତ୍ସା ସୁବିଧା ଯୋଗାଇ ଦେବା ସକାଶେ ସରକାର ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିସ୍ତାର ଆରମ୍ଭ କରିବା ଲାଗି ମିଶନ୍ ଆଧାରରେ ପଦକ୍ଷେପ ଗ୍ରହଣ କରିଥିଲେ। ଏହି ଉଦ୍ଦେଶ୍ୟ ଲାଗି 2021-22 ବାର୍ଷିକ ବଜେଟରେ 'ପ୍ରଧାନମନ୍ତ୍ରୀ ଆତ୍ମନିର୍ଭର ସ୍ୱସ୍ଥ ଭାରତ ଯୋଜନା' ଅନ୍ତର୍ଗତ ସ୍ୱତନ୍ତ୍ର ବ୍ୟୟବରାଦ କରାଯାଇଥିଲା।

## ଉପରୁ ତଳ ପର୍ଯ୍ୟନ୍ତ ପରିବର୍ତ୍ତନ ଉପରେ ଗୁରୁତ୍ୱାରୋପ

**137%**

ବଜେଟ ବୃଦ୍ଧି ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ କରାଯିବା ସରକାରଙ୍କ ପ୍ରାଥମିକତା ଉପରେ ଆଲୋକପାତ କରିଥାଏ।

**80%**

ପରିମାଣର ଅର୍ଥ ପିଏମ କେୟାର୍ସ ପାଣ୍ଠିରୁ ପ୍ରଥମ ପର୍ଯ୍ୟାୟ ଟିକାକରଣ ପାଇଁ ପ୍ରଦାନ କରାଯାଇଥିଲା। ଭେଣ୍ଟିଲେଟର ଓ ଅକ୍ସିଜେନ ପ୍ଲାଣ୍ଟ ପାଇଁ ସ୍ୱତନ୍ତ୍ର ଅନୁଦାନ।



## ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ସୁଧାର ଲାଗି ଏହି ଚାରି କ୍ଷେତ୍ର ଉପରେ ସ୍ୱତନ୍ତ୍ର ଗୁରୁତ୍ୱାରୋପ କରାଯାଇଛି




01 ସଂକ୍ରମଣ ବ୍ୟାପିବାକୁ ରୋକିବା ନିମନ୍ତେ ସ୍ୱଚ୍ଛତାକୁ ପ୍ରୋତ୍ସାହନ

02 ଗରିବଙ୍କ ପାଇଁ ଶସ୍ତା ଓ ପ୍ରଭାବୀ ଚିକିତ୍ସା ସୁବିଧା ସୁନିଶ୍ଚିତ କରିବା

03 ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ସୁଧାର ଏବଂ ଚିକିତ୍ସା ସୁବିଧାର ଗୁଣବତ୍ତାରେ ସୁଧାର ଉପରେ ଗୁରୁତ୍ୱାରୋପ

04 ବାଧା ଦୂର କରିବା ଲାଗି ଲକ୍ଷ୍ୟ ଆଧାରରେ କାର୍ଯ୍ୟ କରିବା

# ଗରିବଙ୍କ ପାଇଁ ମାଗଣା ଚିକିତ୍ସା ସୁନିଶ୍ଚିତ କରିବା



**6.3** କୋଟି ଲୋକ ଚିକିତ୍ସା ପାଇଁ ଅଧିକ ପରିମାଣରେ ଖର୍ଚ୍ଚ କରିବା କାରଣରୁ ପ୍ରତି ବର୍ଷ ଦାରିଦ୍ର୍ୟ ସୀମାରେଖା ତଳକୁ ଚାଲିଯାଇଥାନ୍ତି।

**10.74** କୋଟି ପରିବାର, ଯାହାକି ପାଖାପାଖି ଦେଶର 50 କୋଟି ଜନସଂଖ୍ୟାକୁ କଭର କରିଥାଏ, କୁ ପିଏମଜେଏୱାଇ-ଆୟୁଷ୍ମାନ ଭାରତ ଯୋଜନା ଅନ୍ତର୍ଗତ 5 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନିଃଶୁଳ୍କ ଚିକିତ୍ସା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି।

7676ଟି ଜନଔଷଧି କେନ୍ଦ୍ର ଜରିଆରେ 90 ପ୍ରତିଶତ ଶସ୍ତା ମୂଲ୍ୟରେ ଔଷଧ ଯୋଗାଇ ଦିଆଯାଉଛି। ଏହିସବୁ କେନ୍ଦ୍ରରେ ମାତ୍ର ଏକ ଟଙ୍କାରେ ସାନିଟାରୀ ନାପକିନ ଯୋଗାଇ ଦିଆଯାଉଛି।

ବେୟାର ମେଟାଲ ଷ୍ଟେଣ୍ଟ ବର୍ତ୍ତମାନର 7260 ଟଙ୍କାରେ ଉପଲବ୍ଧ ହେଉଥିବା ବେଳେ ମେଟାଲିକ ବାୟୋଡିଗ୍ରେଡେବଲ ଷ୍ଟେଣ୍ଟ ଓ ଡ୍ରଗ-ଏଲ୍ୟୁଟିଂ ଷ୍ଟେଣ୍ଟସ (ଡିଇଏସ) ବର୍ତ୍ତମାନ 29,600 ଟଙ୍କାରେ ବିକ୍ରି ହେଉଛି ଯାହାକି ଷ୍ଟେଣ୍ଟ ଦରକୁ 85 ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିଛି।

- ଅପପୁଷ୍ଟି ଉନ୍ମୁଳନ ନିମନ୍ତେ 22ଟି ରାଜ୍ୟରେ 50ରୁ ଅଧିକ ପ୍ରକଳ୍ପ ଜରିଆରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି।
- ପ୍ରଧାନମନ୍ତ୍ରୀ ମାତୃତ୍ୱ ବନ୍ଦନା ଯୋଜନା ଅନ୍ତର୍ଗତ ଗର୍ଭବତୀ ମହିଳାମାନଙ୍କୁ 6000 ଟଙ୍କା ଲେଖାଏଁ ସହାୟତା ଯୋଗାଇ ଦିଆଯାଉଛି। ଏହି ଯୋଜନା ଦ୍ୱାରା ପ୍ରତିବର୍ଷ 51 ଲକ୍ଷ ମହିଳା ଉପକୃତ ହେଉଛନ୍ତି।
- ପିଏମଜେଏୱାଇ-ଆୟୁଷ୍ମାନ ଭାରତ ଯୋଜନା ଅନ୍ତର୍ଗତ ଗରିବଙ୍କ ଚିକିତ୍ସା ଲାଗି 700 କୋଟି ଟଙ୍କା ଖର୍ଚ୍ଚ କରାଯାଇସାରିଲାଣି।



ସରକାରଙ୍କ ସମ୍ପୂର୍ଣ୍ଣ ଯକ୍ଷ୍ମା ଦୂରୀକରଣ ଲକ୍ଷ୍ୟର ଅନ୍ତିମ ଅବଧି ହେଉଛି

**2025**

ମିଳିତ ଜାତିସଂଘ 2030 ସୁଦ୍ଧା ଯକ୍ଷ୍ମାମୁକ୍ତ ବିଶ୍ୱ ସୁନିଶ୍ଚିତ କରିବା ଲାଗି ଲକ୍ଷ୍ୟ ରଖିଥିବା ବେଳେ ଭାରତ 2025 ସୁଦ୍ଧା ଦେଶରୁ ସମ୍ପୂର୍ଣ୍ଣ ଭାବେ ଯକ୍ଷ୍ମାମୁକ୍ତ କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରିଛି।

ଏକ ଯକ୍ଷ୍ମାମୁକ୍ତ ଭାରତ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ରଣନୈତିକ ଯୋଜନା ଉନ୍ମୋଚନ କରିସାରିଛନ୍ତି। ଏହି ମହତ୍ୱାକାଂକ୍ଷୀ ଲକ୍ଷ୍ୟ ହାସଲ ନିମନ୍ତେ ପ୍ରଥମ ତିନି ବର୍ଷରେ 12,000 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

## ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ସ୍ୱଚ୍ଛତା ପ୍ରସାର ବୃଦ୍ଧି ପାଇଛି

स्वच्छ भारत
एक कदम स्वच्छता की ओर

ଦେଶର ଅଧିକାଂଶ ଗ୍ରାମ ଖୋଲା ଶୌଚମୁକ୍ତ ଘୋଷିତ ହୋଇସାରିଛି। ଏପ୍ରିଲ 20, 2021 ସୁଦ୍ଧା 11 କୋଟିରୁ ଅଧିକ ଶୌଚାଳୟ ନିର୍ମାଣ କରାଯାଇଛି।

**22** ଟି ଏମ୍ସ ଖୋଲାଯାଇ ଦେଶରେ ଡାକ୍ତରୀ ଶିକ୍ଷାକୁ ପ୍ରୋତ୍ସାହନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି। 370 ଧାରା ଉଚ୍ଛେଦ ପରଠାରୁ ଜମ୍ମୁ ଓ କଶ୍ମୀର ଉପରେ ଅଧିକ ଗୁରୁତ୍ୱାରୋପ କରାଯାଇ 2ଟି ଏମ୍ସ ଏବଂ 9ଟି ମେଡ଼ିକାଲ କଲେଜ ଖୋଲିବା ନିମନ୍ତେ ବ୍ୟବସ୍ଥା କରାଯାଇଛି।

- କରୋନା ମହାମାରୀ ସମୟରେ ଦେଶରେ 50,000 ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଖୋଲାଯାଇଛି।
- ଟେଲିମେଡ଼ିସିନ ସେବା ଦ୍ୱାରା 10 ଲକ୍ଷରୁ ଅଧିକ ଲୋକ ଲାଭବାନ ହୋଇଛନ୍ତି।
- 2014ରେ ଦେଶର ବିଭିନ୍ନ ମେଡ଼ିକାଲ କଲେଜରେ 52,000 ସ୍ନାତକ ଓ 30,000 ସ୍ନାତକୋତ୍ତର ଡାକ୍ତରୀ ସିଟ୍ ଥିବା ବେଳେ ଏହା ବର୍ତ୍ତମାନ ଯଥାକ୍ରମେ 85,000 ଓ 46,000କୁ ବୃଦ୍ଧି ପାଇଛି।
- 1947ରୁ 2014 ପର୍ଯ୍ୟନ୍ତ 381ଟି ମେଡ଼ିକାଲ କଲେଜ ଖୋଲାଯାଇଥିଲା। କିନ୍ତୁ 2014-2020ର ଅଳ୍ପ ଅବଧି ମଧ୍ୟରେ ଉଲ୍ଲେଖନୀୟ ଭାବେ 184ଟି ମେଡ଼ିକାଲ କଲେଜ ଆରମ୍ଭ ହୋଇଛି।




## ପ୍ରତ୍ୟେକ ଶିଶୁଙ୍କ ପାଇଁ ଟିକାକରଣ ସୁନିଶ୍ଚିତ

ଏକ ଅତ୍ୟନ୍ତ ମହତ୍ୱାକାଂକ୍ଷୀ ମିଶନ ଇନ୍ଦ୍ରଧନୁଷ ଆରମ୍ଭ କରାଯାଉଛି ଯାହା ଅଧୀନରେ 12ଟି ରୋଗ ବିରୋଧରେ ସୁରକ୍ଷା ପାଇଁ ଶିଶୁଙ୍କ ଟିକାକରଣ କରାଯାଉଛି। ନିମୋକୋକାଲ ଟିକାକରଣ ମିଶନ ଆରମ୍ଭ କରିବା ନିମନ୍ତେ ବଜେଟରେ ଘୋଷଣା କରାଯାଇଛି ଯାହା ଦେଶରେ 50,000ରୁ ଅଧିକ ଲୋକଙ୍କ ଜୀବନ ରକ୍ଷା କରିପାରିବ।

**3.70**

କୋଟି ଶିଶୁ ଓ ପାଖାପାଖି 92 ଲକ୍ଷ ଗର୍ଭବତୀ ମହିଳାଙ୍କୁ ମିଶନ ଇନ୍ଦ୍ରଧନୁଷ ଅଧୀନରେ ଟିକାକରଣ କରାଯାଇଛି।

ନବଭାରତ ଗଠନର
**ସାତବର୍ଷ**

# ନୂତନ ଭାରତ

## ପରିବର୍ତ୍ତନର ମାର୍ଗରେ ଅଗ୍ରସର

**ବହୁ ଦଶନ୍ଧି ଧରି ଭାଗ୍ୟ ଉପରେ ନିର୍ଭରଶୀଳ ଥିବା ରାଷ୍ଟ୍ର ବର୍ତ୍ତମାନ ସମାବେଶୀ ବିକାଶ ଓ ପ୍ରଯୁକ୍ତିର ଉପଯୋଗ ଜରିଆରେ ବିକାଶ ମାର୍ଗରେ ଗତିଶୀଳ ହେଉଛି**

ଦେଶର ପାଖାପାଖି 65 ପ୍ରତିଶତ ଲୋକ 35 ବର୍ଷରୁ କମ ଆୟୁବର୍ଗର। ସେମାନଙ୍କ ନିକଟରେ ଏକ ସ୍ୱାଭାବିକ ଆକାଂକ୍ଷା ଏବଂ ଭାରତକୁ ଏକ ନୂତନ ଉଚ୍ଚତାକୁ ନେଇ ଯିବା ଲାଗି ଇଚ୍ଛା ପୂରି ରହିଛି। ଏକ 'ନୂତନ ଭାରତ, ମହାନ ଭାରତ' ନିର୍ମାଣ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଂକଳ୍ପର ଉଦ୍ଦେଶ୍ୟ ହେଉଛି ଯୁବକମାନଙ୍କୁ ଏକ ନିରାପଦ, ସମୃଦ୍ଧ ଓ ପ୍ରଗତିଶୀଳ ରାଷ୍ଟ୍ର ଭେଟିଦେବା। କରୋନା ମହାମାରୀ ସତ୍ତ୍ୱେ ରାଷ୍ଟ୍ର ଏକ 'ନୂତନ ଭାରତ' ନିର୍ମାଣ ଦିଗରେ ଅଗ୍ରସର ହେଉଛି...



“ ଆମର ବିଚାରଧାରା ରାଷ୍ଟ୍ରର ବିକାଶ ପାଇଁ ସମର୍ପିତ। ଆମେ ଏପରି ବିଚାରଧାରା ସହିତ ବଢ଼ିଛୁ ଯାହା ‘ରାଷ୍ଟ୍ର ପ୍ରଥମ’ ଉପରେ ଗୁରୁତ୍ୱାରୋପ କରିଥାଏ। ଆମେ ରାଷ୍ଟ୍ରବାଦ ନୀତିର ଭାଷାରେ ରାଜନୀତିର ଶିକ୍ଷା ଗ୍ରହଣ କରିଛୁ। ଆମର ରାଜନୀତିରେ ମଧ୍ୟ ରାଷ୍ଟ୍ର ନୀତି ପ୍ରମୁଖ ସ୍ଥାନ ଗ୍ରହଣ କରିଥାଏ। ଆମକୁ ରାଜନୀତି କିମ୍ବା ରାଷ୍ଟ୍ରନୀତି ମଧ୍ୟରୁ ଗୋଟିଏକୁ ଗ୍ରହଣ କରିବାକୁ ହେବ। ଆମର ଆଦର୍ଶ ଆମକୁ ରାଷ୍ଟ୍ରନୀତିକୁ ପ୍ରଥମେ ଗ୍ରହଣ କରି ରାଜନୀତିକୁ ଦ୍ୱିତୀୟରେ ରଖିବା ଲାଗି ଶିକ୍ଷା ଦେଇଥାଏ। ଆମେ ଗର୍ବିତ ଯେ ଆମର ବିଚାରଧାରା ‘ସବକା ସାଥ, ସବକା ବିକାଶ ଓ ସବକା ବିଶ୍ୱାସ” ନୀତି ଉପରେ ଆଧାରିତ, ଏହି ମନ୍ତ୍ର ନେଇ ମଧ୍ୟ ଆମେ ବଞ୍ଚିଛୁ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ”

ବିଂଶ ଶତାବ୍ଦୀକୁ ରାଜନୈତିକ ମହାଶକ୍ତିମାନେ ନିୟନ୍ତ୍ରଣ କରିଥିବା ବେଳେ ଏକବିଂଶ ଶତାବ୍ଦୀ ପ୍ରଯୁକ୍ତି ମହାଶକ୍ତିଙ୍କ ଦ୍ୱାରା ନିୟନ୍ତ୍ରିତ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଯୁକ୍ତିଗତ ବିକାଶ ପାଇଁ ଏକ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିଛନ୍ତି ଯାହାକି ଭାରତରେ ଉତ୍ତମ ପ୍ରଶାସନ ପାଇଁ ଏକ ପ୍ରେରଣା ଯୋଗାଇଛି। ଭାରତର ଦ୍ରୁତ ବିକାଶ କେବଳ ବିଶ୍ୱ ସମୁଦାୟକୁ ଆଶ୍ଚର୍ଯ୍ୟ କରିନାହିଁ ବରଂ ବିଭିନ୍ନ ଅନ୍ତର୍ଜାତୀୟ ମଞ୍ଚରେ ଦେଶର ସ୍ଥିତିକୁ ସୁଦୃଢ଼ କରିଛି। ପ୍ରଯୁକ୍ତିର ଦକ୍ଷ ଉପଯୋଗ କାରଣରୁ ଦେଶ କରୋନା ମହାମାରୀ ସମୟରେ ମଧ୍ୟ ନିରନ୍ତର ବିକାଶ ଲାଭ କରିପାରିଛି। ଲକଡାଉନ ସତ୍ତ୍ୱେ ଗରିବମାନଙ୍କୁ ସେମାନଙ୍କ ହକ୍ ସହଜରେ ମିଳିପାରିଛି। ଏହି ବିପର୍ଯ୍ୟୟ ସହିତ ମୁକାବିଲା କରିବା ସମୟରେ, ଭାରତ ଭଳି ଏତେ ଅଧିକ ଜନସଂଖ୍ୟା ବିଶିଷ୍ଟ ଦେଶ, କରୋନା ମହାମାରୀର ପ୍ରଥମ ଲହରୀ ସମୟରେ ରେକର୍ଡ ଅବଧି ମଧ୍ୟରେ ବୃହତ ସ୍ୱାସ୍ଥ୍ୟ ଭିତ୍ତିଭୂମି ନିର୍ମାଣ କରିବାରେ ସଫଳ ହୋଇଛି। ବର୍ତ୍ତମାନ ଯେତେବେଳେ ଦ୍ୱିତୀୟ ଲହରୀ ଭୟଙ୍କର ରୂପ ନେଇଛି କେନ୍ଦ୍ର ସରକାର ପୁଣିଥରେ ‘ଜାନ୍ ହେଁ ତୋ ଜାହାଁନ୍ ହେଁ’ ମନ୍ତ୍ର ଦେଇଛନ୍ତି ଯାହା ଜୀବନ ରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇଛି। ଏହି କାର୍ଯ୍ୟରେ ପ୍ରଯୁକ୍ତିର ଉନ୍ନତ ପ୍ରୟୋଗ ତୁରନ୍ତ ସଫଳତା ପ୍ରଦାନ କରିଛି।

ନୂତନ ଶତାବ୍ଦୀରେ ପ୍ରଯୁକ୍ତିର ଗୁରୁତ୍ୱ ଏଥିରୁ ଉପଲବ୍ଧି କରାଯାଇପାରିବ ଯେ ଦେଶରେ ପ୍ରଥମ ଥର ପାଇଁ ସରକାରୀ ଯୋଜନାର ଲାଭ ସିଧାସଳଖ ସମାଜର ସବୁଠୁ ବଞ୍ଚିତ ବର୍ଗଙ୍କ ନିକଟରେ ପହଞ୍ଚି ପାରୁଛି। ଭାରତର ବିକାଶରେ ବିଜ୍ଞାନ ଓ ପ୍ରଯୁକ୍ତି ଏତେ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି ଯେ ପ୍ରଶାସନିକ ସଂସ୍କାର, ଶକ୍ତି, ରେଳ ସଂସ୍କାର, ଦୁର୍ନୀତି ନିବାରଣ, ଟିକସ ସ୍ୱଚ୍ଛତା, ଜିଏସଟି ଜରିଆରେ ଏକ ରାଷ୍ଟ୍ର-ଏକ ଟିକସ, ସ୍କିଲ୍ ଇଣ୍ଡିଆ, ଷ୍ଟାର୍ଟଅପ୍ ଇଣ୍ଡିଆ, ଡିଜିଟାଲ ଇଣ୍ଡିଆ, ଚାଷୀ ଓ ମହିଳାଙ୍କ ପାଇଁ ଯୋଜନା, ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଠାରୁ ଆରମ୍ଭ କରି ପ୍ରତିରକ୍ଷା ଆଧୁନିକୀକରଣ ଏବଂ ବହୁ ଦଶନ୍ଧି ଧରି ପଡ଼ି ରହିଥିବା ପ୍ରକଳ୍ପଗୁଡ଼ିକ ବର୍ତ୍ତମାନ ସମ୍ଭବପର ହୋଇପାରିଛି।

ବିଗତ କିଛି ବର୍ଷ ମଧ୍ୟରେ ବିଭିନ୍ନ ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯିବା ଫଳରେ ବିକାଶର ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରାଯାଇପାରିଛି। ବିଯୁକ୍ତ 30 ଡିଗ୍ରୀ ସେଲସିୟସ ତାପମାତ୍ରା

**ନୀତି ନିର୍ଦ୍ଧାରଣ କରିବାରେ ନିର୍ଣ୍ଣାୟକ ନିଷ୍ପତ୍ତି, ବିକାଶ ପାଇଁ ତ୍ୱରିତ ପଦକ୍ଷେପ, ଗ୍ରାମାଞ୍ଚଳ ଓ ଗରିବଙ୍କ ପାଇଁ ସହାନୁଭୂତି, ପ୍ରଯୁକ୍ତିର ପ୍ରୋତ୍ସାହନ ଜରିଆରେ ପ୍ରଗତି ଏବଂ ଜୀବନଧାରଣ ମାନରେ ସୁଧାର ଆଦି ହେଉଛି ଭାରତର ନୂଆ ସଫଳତା ମଡେଲର ମାପକାଠି।**

ଥିବା ଲଦାଖ ଭଳି ଅଞ୍ଚଳରେ ଟ୍ୟାପ ଯୋଗେ ପାଣି ଯୋଗାଣ କରାଯିବ ବୋଲି କିଏ କେବେ ଚିନ୍ତା କରିପାରିଥିଲା? କେହି କେବେ ଭାବି ଥିଲା କି ବ୍ରହ୍ମପୁତ୍ର ନଦୀ ଉପରେ ବୋଗିବିଲ ସେତୁ ରେକର୍ଡ ସମୟ ମଧ୍ୟରେ ଶେଷ ହେବ ବୋଲି? 26 ବର୍ଷରୁ ଅଧିକ ସମୟ ଧରି ବିଳମ୍ବିତ ହୋଇ ପଡ଼ି ରହିଥିବା ଅଟଳ ଟନେଲ ଗତ 6 ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି କେହି କେବେ ଚିନ୍ତା କରିଥିଲା କି? ବିଗତ କିଛି ବର୍ଷ ମଧ୍ୟରେ ଏଲପିଜି, ବିଦ୍ୟୁତ ଶକ୍ତି ଓ ସଡ଼କ ପ୍ରତ୍ୟେକ ଗ୍ରାମରେ ପହଞ୍ଚିବ ବୋଲି ହୁଏତ’ କେବେ କେହି ଚିନ୍ତା କରିନଥିଲେ। 11 କୋଟି ଶୌଚାଳୟ ନିର୍ମାଣ କରାଯାଇ ଦେଶକୁ ଖୋଲା ଶୌଚମୁକ୍ତ କରାଯିବ ବୋଲି କେହି କେବେ ଚିନ୍ତା କରିଥିଲା କି? କିଏ ଭାବିଥିଲା ଯେ ଜନ ଧନ ଯୋଜନା ଅନ୍ତର୍ଗତ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇ 40 କୋଟି ଗରିବ ଲୋକଙ୍କୁ ବ୍ୟାଙ୍କ ସେବାର ସୁବିଧା ଯୋଗାଇ ଦିଆଯାଇପାରିବ? ଆୟୁଷ୍ମାନ ଭାରତ ଭଳି ଏକ ଯୋଜନା ମାଧ୍ୟମରେ 50 କୋଟିରୁ ଅଧିକ ଲୋକଙ୍କୁ 5 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ଯୋଗାଇ ଦେବା ଜରିଆରେ ସମସ୍ତଙ୍କ ପାଇଁ ସାର୍ବଜନୀନ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରାଯାଇପାରିବ ବୋଲି କେହି କେବେ କଳ୍ପନା କରିପାରିଥିଲା କି? ସମ୍ମାନ ନିଧି ଯୋଜନା ଜରିଆରେ ଋଣଗ୍ରସ୍ତ ଚାଷୀଙ୍କୁ ଋଣ ବୋଝରୁ ମୁକ୍ତି ଦେବା ସମ୍ପର୍କରେ କେହି କେବେ ଚିନ୍ତା କରିପାରିଥିଲା କି? ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଭିନବ ଉଦ୍ଭାବନ କରି ବିଶ୍ୱସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବା ସମ୍ପର୍କରେ କେହି କେବେ କଳ୍ପନା କରିପାରିଥିଲା କି? ଷ୍ଟାର୍ଟ ଅପ୍ ଇଣ୍ଡିଆ ଭଳି ଯୋଜନା ମାଧ୍ୟମରେ ଦେଶର ଯୁବକମାନେ ନିଯୁକ୍ତି ସୃଷ୍ଟିକାରୀ ହୋଇପାରିବେ, ଏ ବିଷୟରେ ପୂର୍ବରୁ କେହି ଚିନ୍ତା କରିଥିଲେ କି? ବୋଡୋ ଓ ବ୍ରୁ-ରିଆଙ୍ଗ ରାଜିନାମା ଫଳବତୀ ହେବ ଏବଂ ଉତ୍ତରପୂର୍ବାଞ୍ଚଳରେ ଶାନ୍ତି ଫେରିବ? ପ୍ରଥମ ଥର




**ଭାରତର ଜନସଂଖ୍ୟା ମଧ୍ୟ ଏଥିପ୍ରତି ଅନୁକୂଳ କାରଣ ଏହାର ଜନସଂଖ୍ୟାର ଅଧା ଲୋକଙ୍କ ବୟସ 27 ବର୍ଷରୁ କମ ଯେଉଁମାନେ ଏକ ନୂତନ ଭାରତ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବ।**

ପାଇଁ, ସିକ୍କିମ ଭାରତର ବିମାନ ମାର୍ଗରେ ସ୍ଥାନ ପାଇବ ବୋଲି କେହି କେବେ ଭାବିଥିଲା କି? କେହି କେବେ ଚିନ୍ତା କରିଥିଲା କି, ଅନୁଚ୍ଛେଦ 370 ଉଚ୍ଛେଦ କରାଯାଇପାରିବ? ତିନି ତଲାକ୍ ନିଷିଦ୍ଧ ହେବ? ଶାନ୍ତି ଓ ସୌହାର୍ଦ୍ଦ୍ୟର ବାତାବରଣରେ ରାମ ମନ୍ଦିର କାମ ଆରମ୍ଭ ହୋଇପାରିବ? କରୋନା ଭଳି ବିପର୍ଯ୍ୟୟ ସମୟରେ ଆତ୍ମନିର୍ଭର ଭାରତର ମନ୍ତ୍ର ସହିତ ଦେଶର ଜନଗଣଙ୍କ ସହିତ ଏକ ନେତୃତ୍ୱ ଯୋଡ଼ି ହୋଇପାରିବ? ଉରି ସର୍ଜିକାଲ ଷ୍ଟ୍ରାଇକ କିମ୍ବା ବାଲାକୋଟ ଏୟାର ଷ୍ଟ୍ରାଇକ୍ ଭଳି ଦୃଢ଼ ପଦକ୍ଷେପ ଜରିଆରେ, ଭାରତ ଦୃଢ଼ ଜବାବ ଦେଇପାରିଛି। ଏପରି ଅନେକଗୁଡ଼ିଏ ଉଦାହରଣ ରହିଛି ଯେଉଁଠି ସରକାର ଭାରତର ଦୀର୍ଘକାଳୀନ ହିତକୁ ଦୃଷ୍ଟିରେ ରଖି ଉପଯୁକ୍ତ ଓ ନିର୍ଣ୍ଣାୟକ ନିଷ୍ପତ୍ତି ଗ୍ରହଣ କରିଛନ୍ତି।

**ଭାରତ ପାଇଁ ଏକ ନୂଆ ସକାଳ**

ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ଲାଗି ସଂକଳ୍ପକୁ ଉତ୍ତମ ପ୍ରଶାସନର ଏକ ଦୃଢ଼ ବ୍ୟବସ୍ଥା ଜରିଆରେ କାର୍ଯ୍ୟକାରୀ କରାଯାଉଛି ଯାହା ବହୁସଂଖ୍ୟକ ଦୃଷ୍ଟିକୋଣ ପରିବର୍ତ୍ତେ ସହମତି ଉପରେ ଗୁରୁତ୍ୱାରୋପ କରିଥାଏ। ସମସ୍ତ ବିକାଶ

12 ଏପ୍ରିଲ ଠାରୁ କାର୍ଯ୍ୟସ୍ଥଳୀରେ 45 ବର୍ଷରୁ ଅଧିକ ବୟସ୍କ ଲୋକଙ୍କ ଟିକାକରଣ ମଧ୍ୟ ଆରମ୍ଭ କରାଯାଇଛି।
କ୍ୟୁଆର କୋଡ୍ ସ୍କାନ କରି ଆପଣଙ୍କ ସ୍ୱପ୍ନର ନୂତନ ଭାରତ କିପରି ହେବ ଶୁଣନ୍ତୁ
https://m.youtube.com/watch?v=G768OYT5QSY

ଯୋଜନା ପଛରେ 'ସବକା ସାଥ, ସବକା ବିକାଶ' ବିଚାର ଏକ ବାହକ ଶକ୍ତି ଭାବେ କାମ କରୁଛି।

ଆମେ ଆମ ସ୍ୱାଧୀନତାର 75ତମ ବର୍ଷ ପୂରଣ କରିବା ପୂର୍ବରୁ ଦେଶକୁ ଦାରିଦ୍ର୍ୟ, ମଇଳା, ଦୁର୍ନୀତି, ଆତଙ୍କବାଦ, ଜାତିବାଦ ଓ ସାମ୍ପ୍ରଦାୟିକତାରୁ ମୁକ୍ତ କରିବା ଲାଗି ଦେଶ ଏକ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ନିର୍ଦ୍ଧାରଣ କରିଛି। ନିଜର ନ୍ୟୁ ଇଣ୍ଡିଆ ବିଚାର ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ନ୍ୟୁ ଇଣ୍ଡିଆର ଅର୍ଥ ହେଉଛି ଏପରି ସ୍ୱପ୍ନର ଭାରତ ନିର୍ମାଣ କରିବା ଯେଉଁଠି 35 ବର୍ଷରୁ କମ ବୟସ୍କ 65 ପ୍ରତିଶତ ଜନସଂଖ୍ୟାର କଳ୍ପନାକୁ ଇନ୍ଧନ ମିଳିବ। ଏହା ସଶକ୍ତ ମହିଳାଙ୍କ ପାଇଁ ଏକ ରାଷ୍ଟ୍ରର ପରିକଳ୍ପନା କରିଥାଏ। ଏପରି ଏକ ନୂତନ ଭାରତ ଯାହା ଦେଶର ଗରିବମାନଙ୍କୁ ଲାଭ ଖୋଜିବା ପରିବର୍ତ୍ତେ ଦେଶ ପାଇଁ କିଛି କରିବାର ସୁଯୋଗ ପ୍ରଦାନ କରିଥାଏ। କିଛି ପାଇବା ବଦଳରେ କାହାକୁ ଭଲ ପାଇବାର ମାନସିକତାକୁ

## ନୂତନ ଭାରତ ବିଷୟରେ ଯୁବସମାଜ କଣ ଭାବୁଛି ?




**ଆଧୁନିକ ସମାଜକୁ ରୂପ ଦେବାରେ ପ୍ରଯୁକ୍ତିର ଭୂମିକା ଅନସ୍ୱୀକାର୍ଯ୍ୟ ଯାହା କେବଳ ଆମ ବ୍ୟକ୍ତିଗତ ଓ ପେସାଦାର ଜୀବନକୁ ପ୍ରଭାବିତ କରୁନାହିଁ ବରଂ କୂଟନୀତି ପରିଚାଳନା ଓ ବିଶ୍ୱର ଅର୍ଥବ୍ୟବସ୍ଥାକୁ ପରିଚାଳନା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି।**

ଦେଶର ଗରିବମାନେ ତ୍ୟାଗ କରିସାରିଛନ୍ତି। ବର୍ତ୍ତମାନ ଦେଶର ଗରିବମାନେ ଝାଳବୁହା ପରିଶ୍ରମ ଜରିଆରେ ସେମାନଙ୍କର ସାମର୍ଥ୍ୟକୁ ପ୍ରମାଣିତ କରିବାକୁ ଚାହୁଁଛନ୍ତି, ଏଥିପାଇଁ ସେମାନଙ୍କୁ କେବଳ ଯଥେଷ୍ଟ ସୁଯୋଗର ଆବଶ୍ୟକତା ରହିଛି। ଏହା ହିଁ ନୂତନ ଭାରତର ମୂଳଦୁଆ"।

**ପ୍ରଯୁକ୍ତି-ଆମ ଜାତୀୟ ନୀତିର ଆଧାର**

ଉପଯୁକ୍ତ ଉପାୟ ମାଧ୍ୟମରେ ସମସ୍ୟାର ସମାଧାନ କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱାସ କରିଥାନ୍ତି। ପ୍ରଧାନମନ୍ତ୍ରୀଙ୍କ ଅବିରାମ ପ୍ରୟାସ କାରଣରୁ ପ୍ରଯୁକ୍ତିର ବର୍ଦ୍ଧିତ ଉପଯୋଗ ମାଧ୍ୟମରେ ଉତ୍ତମ ପ୍ରଶାସନର ସ୍ୱପ୍ନ ସାକାର ହୋଇପାରିଛି। ବିମୁଦ୍ରୀକରଣ କାରଣରୁ ଦେଶରେ ଡିଜିଟାଲ କାରବାରକୁ ପ୍ରୋତ୍ସାହନ ମିଳିଛି।

ଭବିଷ୍ୟତ ପ୍ରତି ଦୃଷ୍ଟି ରଖି ନିଜର ପ୍ରଯୁକ୍ତିଗତ ନୀତିକୁ ପ୍ରାଥମିକତା ଦେଉଥିବା ହାତଗଣତି ରାଷ୍ଟ୍ର ମଧ୍ୟରେ ଭାରତ ନିଜକୁ ସାମିଲ କରିପାରିଛି। ବିଭିନ୍ନ କ୍ଷେତ୍ର ମଧ୍ୟରୁ ପ୍ରଯୁକ୍ତି କୃଷି କ୍ଷେତ୍ରରେ ମଧ୍ୟ ପ୍ରଭାବ ବିସ୍ତାର କରିପାରିଛି। ଦାରିଦ୍ର୍ୟ ଦୂରୀକରଣ, ଚାଷୀଙ୍କ ଜୀବନରେ ସୁଧାର ଏବଂ ଦିବ୍ୟାଙ୍ଗମାନଙ୍କ ଜୀବନକୁ ଆହୁରି ସହଜ କରିବା ଲାଗି ସୁବିଧା ଯୋଗାଇ ଦେବା ନିମନ୍ତେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ପ୍ରୋତ୍ସାହନ ଦିଆଯାଉଛି।

ଅଧିକରୁ ଅଧିକ ଲୋକ ଚାକିରି ସନ୍ଧାନୀ ହେବା ପରିବର୍ତ୍ତେ ଚାକିରି ସୃଷ୍ଟି କରିବା ଉପରେ ପ୍ରଧାନମନ୍ତ୍ରୀ ଜୋର ଦେଉଛନ୍ତି।



**ଦେଶରେ ଯେତେବେଳେ କରୋନା ମହାମାରୀ ଆସିଲା ପ୍ରଧାନମନ୍ତ୍ରୀ ଓ ସାଂସଦମାନଙ୍କ ଦରମା କାଟିବା ଲାଗି ଏକ ସ୍ପଷ୍ଟ ବାର୍ତ୍ତା ଦିଆଗଲା।**

ଏହି କ୍ଷେତ୍ରରେ, ଜିଏସଟି ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଛି ଏହା ମୁକ୍ତବୃତ୍ତି କାରବାରୀ ଓ ସେବା ପ୍ରଦାନକାରୀମାନଙ୍କୁ ନିଜ ଅଧୀନକୁ ଆଣିପାରିଛି। ଅଟଳ ଇନୋଭେସନ ମିଶନ ଏବଂ ଅଟଳ ଟିଙ୍କରିଂ ଲାବ ଜରିଆରେ ସରକାର 'ଦେଶର ଦଶ ଲକ୍ଷ ପିଲାଙ୍କୁ ଶିଶୁ ଉଦ୍ଭାବକରେ ପରିଣତ କରିବାକୁ' ଲକ୍ଷ୍ୟ ରଖିଛନ୍ତି। ଡିଜିଟାଲ ପ୍ରଯୁକ୍ତିର ବର୍ଦ୍ଧିତ ପ୍ରଭାବ କାରଣରୁ ଟଙ୍କା ଏବେ ସିଧାସଳଖ ବ୍ୟାଙ୍କ ଆକାଉଣ୍ଟକୁ ହସ୍ତାନ୍ତର ହୋଇପାରୁଛି ଏବଂ ନଗଦ ଟଙ୍କା ଦେବା ପରିବର୍ତ୍ତେ ଡିଜିଟାଲ ପେମେଣ୍ଟ ପଦ୍ଧତିର ପ୍ରଚଳନ ଲୋକପ୍ରିୟ ହେଉଛି। ଡିଜିଟାଲ ପ୍ରଯୁକ୍ତିକୁ ପ୍ରୋତ୍ସାହନ ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନା ଫଳରେ ନିଯୁକ୍ତି ପ୍ରଦାନକାରୀମାନେ ଏବେ ସେମାନଙ୍କର ନିଯୁକ୍ତି ସେବା ନିୟମ ଓ ସର୍ତ୍ତାବଳୀକୁ ପୁନଃପରିବର୍ତ୍ତନ ନିମନ୍ତେ ଅନୁପ୍ରାଣିତ ହେଉଛନ୍ତି। ଦେଶକୁ ଦ୍ରୁତ ବିକାଶ ମାର୍ଗରେ ଆଗେଇ ନେବାକୁ ଲକ୍ଷ୍ୟ ରଖି ଶ୍ରମ ସଂସ୍କାର ଅଣାଯାଉଛି।

**ବିଶ୍ୱସ୍ତରୀୟ ନେତୃତ୍ୱ ପାଇଁ ଅନୁକୂଳ ସମୟ**

ଦେଶରେ ଅକ୍ଷୟ ଶକ୍ତିକୁ ପ୍ରୋତ୍ସାହନ ଦେବା ଲାଗି ଭାରତ ଅତ୍ୟନ୍ତ ମହତ୍ୱାକାଂକ୍ଷୀ ଏବଂ ସ୍ୱେଚ୍ଛାକୃତ ଲକ୍ଷ୍ୟ ନିର୍ଦ୍ଧାରଣ କରିଛି। ପ୍ୟାରିସ ଜଳବାୟୁ ଚୁକ୍ତିକୁ ରୂପ ଦେବା ଏବଂ ଅନ୍ତର୍ଜାତୀୟ ସୌର ମେଣ୍ଟ ଗଠନ କରିବାରେ ଭାରତ ଏକ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲା। ଭାରତ ବିଶ୍ୱର ଅଳ୍ପ କେତୋଟି ରାଷ୍ଟ୍ର ମଧ୍ୟର ଅନ୍ୟତମ ଯାହା ନିରନ୍ତର ଭାବେ ନିଜର ବିଶ୍ୱ ନବୋନ୍ମେଷ ସୂଚକାଙ୍କରେ ସୁଧାର ଆଣିପାରିଛି ଏବଂ ବର୍ତ୍ତମାନ ଏହା 48ତମ ସ୍ଥାନରେ ପହଞ୍ଚିଛି। ବିଗତ କିଛି ବର୍ଷ ମଧ୍ୟରେ ବାର୍ଷିକ ମୁଣ୍ଡପିଛା ଆୟ 78,000ରୁ 1.25 ଲକ୍ଷରେ ପହଞ୍ଚିଛି। କୃଷିର ନକାରାତ୍ମକ ଅଭିବୃଦ୍ଧି ବିପରୀତମୁଖୀ ହୋଇଛି ଏବଂ ଆୟକରଦାତାମାନଙ୍କର ସଂଖ୍ୟା ଦୁଇଗୁଣରୁ ଅଧିକ ବୃଦ୍ଧି ପାଇଛି। ଜାତୀୟ ରାଜପଥ ନିର୍ମାଣର ଗତି ଦୈନିକ 12 କିମିରୁ 37 କିମିକୁ ବୃଦ୍ଧି ପାଇଛି। ଏହାଛଡ଼ା, ଗ୍ରାମୀଣ ସଡ଼କ ନିର୍ମାଣ ଗତିରେ ସୁଧାର ଆସି ଏହା ଦୈନିକ 70 କିମିରୁ ବୃଦ୍ଧି ପାଇ 130 କିମିରେ ପହଞ୍ଚିଛି।

ରେଳ ଲାଇନର ବିଦ୍ୟୁତିକରଣ 3,000 କିମିରୁ 13,000 କିମିକୁ ବୃଦ୍ଧି ପାଇଛି। ବିଦ୍ୟୁତ ଶକ୍ତି ଉତ୍ପାଦନ କ୍ଷମତା ବୃଦ୍ଧି କରିବା, ଅପ୍ଟିକାଲ ଫାଇଭର ନେଟୱାର୍କ ବଢ଼ାଇବା, ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ପ୍ରୋତ୍ସାହିତ କରି ଏହାକୁ ୨୨.6 ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚାଇବା ଫଳରେ ଦେଶକୁ ଏଫଡିଆଇ ପ୍ରବାହ ବୃଦ୍ଧି ପାଇଛି ଏବଂ ବିଭିନ୍ନ ଅଭିବୃଦ୍ଧି ସୂଚକାଙ୍କରେ ଦେଶର ସ୍ଥିତିରେ ସୁଧାର ଆସିଛି। ଭାରତର ଇଜ୍ ଅଫ୍ ଡୁଇଂ ବିଜନେସ ସୂଚକାଙ୍କରେ ସୁଧାର ଆସି ଏହା 142ରୁ ବର୍ତ୍ତମାନ 63ରେ ପହଞ୍ଚିଛି। ବିଶ୍ୱ ବ୍ୟାଙ୍କ ବିଦ୍ୟୁତଶକ୍ତି ଉପଲବ୍ଧତା ମାନ୍ୟତାରେ ଭାରତ 2014ରେ ୨୨ତମ ସ୍ଥାନରେ ଥିବା ବେଳେ 2018ରେ 26ତମ ସ୍ଥାନରେ ପହଞ୍ଚିଥିଲା। ସେହିପରି ବିଶ୍ୱ ପ୍ରତିଦ୍ୱନ୍ଦ୍ୱିତା ସୂଚକାଙ୍କରେ ଭାରତ ଅତି କମ ସମୟ ମଧ୍ୟରେ ନିଜର ସ୍ଥାନକୁ 71ରୁ ଉନ୍ନୀତ କରି 58ରେ ପହଞ୍ଚାଇଥିଲା। ଅନ୍ୟପକ୍ଷରେ ବିଶ୍ୱ ପର୍ଯ୍ୟଟନ ସୂଚକାଙ୍କରେ ଭାରତର ସ୍ଥାନ 65ରୁ ଉନ୍ନୀତ ହୋଇ 34ରେ ପହଞ୍ଚିଥିଲା। ଦୃଢ଼ ଏବଂ ଉତ୍ତରଦାୟୀ ନେତୃତ୍ୱ କାରଣରୁ ସଠିକ ନିଷ୍ପତ୍ତି ଗ୍ରହଣ କରାଯାଇପାରିଛି ଯାହା ଦ୍ରୁତ ବିକାଶ ସୁନିଶ୍ଚିତ କରିଛି। କରୋନାର ପ୍ରତିକୂଳ ସମୟରେ ସରକାର ସଙ୍କଟ ମୁକାବିଲା ନିମନ୍ତେ ଯଥାସମ୍ଭବ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହା ମଧ୍ୟ ଭାରତର ସହନଶୀଳତାର ପରୀକ୍ଷା। ସମୟ ଏହା ପ୍ରମାଣିତ କରିଛି ଏବଂ ଭାରତ ଯେତେବେଳେ ସମ୍ପୂର୍ଣ୍ଣ ସମର୍ପଣର ସହିତ କୌଣସି ଲକ୍ଷ୍ୟ ହାସଲ କରିବା ଲାଗି ଆଗକୁ ବଢ଼ିଥାଏ ଯେକୌଣସି ପରିସ୍ଥିତିରେ ତାହାକୁ ହାସଲ କରିଥାଏ। ଏହା ମଧ୍ୟ ଆମ ସ୍ୱାଧୀନତାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା। ତତ୍କାଳୀନ ସମୟର ସବୁଠୁ ଲୋକପ୍ରିୟ ସାହିତ୍ୟିକ ସୋହନ ଲାଲ ଦ୍ୱିବେଦୀଙ୍କ ଏକ କବିତା ସମ୍ପୂର୍ଣ୍ଣ ସ୍ୱାଧୀନତା ଆନ୍ଦୋଳନ ପ୍ରତି ସମର୍ପିତ ଏବଂ ମହାତ୍ମା ଗାନ୍ଧୀ ଏହି ଜାତୀୟ ବିଶେଷତ୍ୱକୁ 'ଏକତାର ଶକ୍ତି' ଭାବେ ଆଲୋପାତ କରିଥିଲେ।

ଚଲ ପଡ଼େ ଜିଧର ଦୋ ଡଗ୍, ମଗ ମେଁ
ଚଲ ପଡ଼େ କୋଟି ପଗ୍ ଉସି ଓର୍
ଗଡ଼ ଗଇ ଜିଧର ଭି ଏକ ଦୃଷ୍ଟି
ଗଡ଼ ଗଏ କୋଟି ଦୃଗ୍ ଉସି ଔର। ■



**ନୂତନ ଭାରତର କାହାଣୀ ସ୍ୱଚ୍ଛ ଭାରତ ସହ ଲେଖାଯିବା ଆରମ୍ଭ ହୋଇଥିଲା, ଧୀରେ ଧୀରେ ଏହା ଡିଜିଟାଲ ଇଣ୍ଡିଆ, ମେକ ଇନ ଇଣ୍ଡିଆ ଦେଇ ପ୍ରଦକ୍ଷିଣ କଲା ଏବଂ ଏବେ ଏହା ଆତ୍ମନିର୍ଭର ଭାରତ ଏବଂ ଭୋକାଲ ଫର ଲୋକାଲର ସବୁଠୁ ଉତ୍ସାହପ୍ରଦ ଏବଂ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଦେଇ ଗତି କରୁଛି....**



নବଭାରତ ଗଠନର **ସାତବର୍ଷ**

**ପ୍ରଯୁକ୍ତି ବଳରେ ପରିବର୍ତ୍ତନ**

# ଭାରତୀୟ ଯାନ୍ତ୍ରିକ ସାମର୍ଥ୍ୟର ଚମତ୍କାରିତା

**ପ୍ରତ୍ୟେକ ଭାରତୀୟ ପ୍ରଗତି ନିମନ୍ତେ ତତ୍ପର। ବର୍ତ୍ତମାନର ସରକାର ନବଭାରତ ଓ ଏହାର ଯୁବଗୋଷ୍ଠୀର ଉତ୍ସାହକୁ ବୁଝିଛି । ୧୩୭କୋଟି ଭାରତୀୟ ଦେଶକୁ ଆଗେଇ ନେବା ପାଇଁ ପ୍ରେରଣାରେ ଉଦ୍‌ବୃଦ୍ଧ । ଏଭଳି ପୃଷ୍ଠଭୂମିରେ ପ୍ରଥମ ପାଞ୍ଚ ବର୍ଷ ଶାସନ କାଳରେ ମୋଦୀ ସରକାର କେତେକ ପ୍ରକଳ୍ପର ଭିତ୍ତିପ୍ରସ୍ତର ଏପରି ସ୍ଥାନଗୁଡିକରେ ସ୍ଥାପନ କଲେ ଯେଉଁସବୁ ଅଞ୍ଚଳ ଯୁଗ ଯୁଗ ଧରି ବିକାଶ ଦୃଷ୍ଟିରୁ ଅବହେଳିତ ଅବସ୍ଥାରେ ଥିଲା । ତାପରେ ଦୁଇବର୍ଷରେ ଏପରି ନୂତନ ରେକର୍ଡ ସ୍ଥାପିତ ହେଲା ଯାହା ଫଳରେ କାର୍ଯ୍ୟ ବନ୍ଦ ହେବ ନାହିଁ କି ଦେଶ ମୁଣ୍ଡ ନୁଆଁଇବ ନାହିଁ ।**

"ଯେତେବେଳେ ଏହି ସଡକ ତିଆରି ହୋଇ ନ ଥିଲା ମୁଁ ଭାବିକି ଆଶ୍ଚର୍ଯ୍ୟ ହେଉଥିଲି କିପରି ମୁଁ ମୋ ଆଇ ଘରକୁ ଯିବି ।" କଶ୍ମୀର ଉପତ୍ୟକାର ରିୟାସୀ ସହରର ନିବାସୀ କୁନି ତନ୍‌ଭି ଓଠରେ ହସ ଖେଳିଗଲା" ଆମେ ରେଳବାଇ ନିକଟରେ କୃତଜ୍ଞ । ସେମାନଙ୍କ ଯୋଗୁଁ ଆଜି ଏଠାରେ ଗୋଟେ ନୂଆ ଲୌହ ସାମଗ୍ରୀ ଜିନିଷପତ୍ରର ବଜାର ହେଲା । ଏହାଆମ ପିଲାମାନଙ୍କୁ କର୍ମନିଯୁକ୍ତି ପ୍ରଦାନ କରିଛି" ବୋଲି କହନ୍ତି ଦୋଧାମ୍ବରର ଅବଦୁଲ କରିମ ଲୋହାର । ରାମବାନ ଜିଲ୍ଲାର ଖ୍ୱାଜ ଅହମ୍ମଦ ଖଟମ୍‌ତଙ୍କ କହିବା ଅନୁସାରେ ଉଦ୍ଧମପୁର-ବାରମୁଳା ରେଳ ସଂଯୋଗ ଯୋଗୁଁ ସେମାନଙ୍କ ଭାଗ୍ୟ ଉଦୟ ହୋଇଛି । ସେମାନଙ୍କୁ ଦୂରବାଟ ଚାଲିକରି ଯିବାକୁ ପଡୁନି ଓ ଆଖପାଖରେ ଦୋକାନବଜାର ଓ ହୋଟେଲ ମଧ୍ୟ ଖୋଲିପାରିଛି। ଟ୍ରକ ଡ୍ରାଇଭର କୁଳଦୀପ କହନ୍ତି ଯେ ଆଜି ରେଳ ବିଭାଗ ଏଠାକୁ ଆସି ନ ଥିଲେ ମଧ୍ୟ କୋଡିଏ ବର୍ଷ ଆଗରୁ ଏଠାକୁ ସଡକ ସଂଯୋଗ ହୋଇପାରିଥାନ୍ତା । ଏବେ ଯାତ୍ରୀମାନେ ପ୍ରତି ଘଂଟାରେ ଟ୍ରେନ ଯାତ୍ରା କରିପାରୁଛନ୍ତି । ଏହି ରେଳ ପ୍ରକଳ୍ପ ଜମ୍ମୁ ଓ କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ ଖୁସି ଆଣି ଦେଇଥିବା ସହ ଏହା ଗରୀବ, ରୋଗୀ ଓ ଛାତ୍ରଛାତ୍ରୀ ଏବଂ ସେହି ଅଞ୍ଚଳର ଯୁବଗୋଷ୍ଠୀଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହୋଇଛି ।

ଉଦ୍ଧମପୁର-ବାରମୂଳାରେଳ ସଂଯୋଗୀକରଣ ପ୍ରକଳ୍ପ କେନ୍ଦ୍ର ସରକାରଙ୍କ ଜମ୍ମୁ ଓ କଶ୍ମୀରକୁ ଗତିଶୀଳ ଓ ସମୃଦ୍ଧିଶାଳୀ କରିବା



# ଯାତ୍ରାକାଳ ହ୍ରାସ...

**ପୋଲର ଦୈର୍ଘ୍ୟ**

**1,315 | ମିଟର**

**ପ୍ରକଳ୍ପ ବାବଦ ବ୍ୟୟ**

**27,949 | କୋଟି**

**359- ମିଟର-ଉଚ୍ଚତା**

ଚେନାବ ନଦୀ ଉପରେ ହୋଇଥିବା ଏହି ପୋଲ ବିଶ୍ୱର ସବୁଠାରୁ ଉଚ୍ଚ ପୋଲ । ଏହା ଐତିହ୍ୟ ସମ୍ପନ୍ନ ପ୍ୟାରିସ୍ ସ୍ଥିତ ଆଇଫେଲ ଟାୱାର ଠାରୁ ମଧ୍ୟ ୩୫ମିଟର ଅଧିକ ଉଚ୍ଚ

**28,660 ମେଟ୍ରିକ ଟନ୍ ଇସ୍ପାତ ବ୍ୟବହୃତ**

ଏହି ୧,୩୧୫ମିଟର ଦୀର୍ଘ ସେତୁର ଜୀବନକାଳ ହେଉଛି ୧୨୦ବର୍ଷ ଡିଆରଡିଓ ସହ ପରାମର୍ଶ କରି ଦେଶରେ ପ୍ରଥମଥର ପାଇଁ ଏହି ସେତୁ ବ୍ଲାଷ୍ଟ ଲୋଡ ଦ୍ୱାରା ନିର୍ମାଣ କରାଯାଇଛି ।

ପାଇଁ ଏକ ଅଙ୍ଗୀକାରବଦ୍ଧତା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ସବୁଠାରୁ କଷ୍ଟକର କାର୍ଯ୍ୟଥିଲା ଚେନାବ ନଦୀ ଉପରେ ତୋରଣ ସଦୃଶ ସେତୁ ଯାହା କି ନିର୍ମିତ ହେଲା । ଦେଶର ଅନ୍ୟଭାଗ ସହ କାଶ୍ମୀର ଉପତ୍ୟକାକୁ ଯୋଡୁଥିବା ଏହି ସେତୁ ଉପରେ ଘଣ୍ଟା ପ୍ରତି ଶହେ କିଲୋମିଟର ଗତିରେ ଟ୍ରେନ ଅଗଷ୍ଟ ୨୦୨୨ରେ ଚଳାଚଳ ଆରମ୍ଭ କରିବ । ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ସିଧାସଳଖ କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଯୋଗାଯୋଗ ହୋଇପାରିବ । ସବୁଠାରୁ ଆହ୍ୱାନମୂଳକ ହେଲା ୨୭, ୯୪୯କୋଟି ଟଙ୍କା ବ୍ୟୟରେ ୨୭୨ କିଲୋମିଟର ଦୀର୍ଘ ଏଇ ରେଳପଥ ହିମାଳୟ ଉପତ୍ୟକା ଦେଇ ନିର୍ମିତ ହେଉଛି । ଏହି ରେଳପଥ ସମ୍ପୂର୍ଣ୍ଣ କରିବାକୁ ୯୨୭ଟି ପୋଲ ଓ ୩୯ଟି ସୁଡଙ୍ଗ ନିର୍ମାଣ କରାଯାଉଛି । ଏହା ବ୍ୟତୀତ ୨୦୫କିଲୋମିଟର ଦୀର୍ଘ ପାଶ୍ୱର୍ ରାସ୍ତା ମଧ୍ୟ ଏହି ପ୍ରକଳ୍ପ ସହିତ ନିର୍ମାଣ କରାଯାଉଛି ଯାହାକି ପ୍ରାୟ ଦେଢ ଲକ୍ଷ ଲୋକଙ୍କୁ ରାସ୍ତା ସଂଯୋଗ ଯୋଗାଇବ । ରେଳବାଇ ସାମାଜିକ ଓ ଆର୍ଥିକ ବିକାଶ ଘଟାଇବା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଓ ଜୀବନମାନରେମଧ୍ୟ ଉନ୍ନତି ଆଣୁଛି । ଚେନାବ ନଦୀ ଉପରେ ତୋରଣ ସଦୃଶ ସେତୁ ନିର୍ମାଣ ସହ ପାର୍ଶ୍ୱରେ ତିଆରି ରାସ୍ତା ଯୋଗୁଁ ସେ ଅଞ୍ଚଳର ଲୋକମାନଙ୍କ ଜୀବନରେ ମଧ୍ୟ ଅନେକ ପରିବର୍ତ୍ତନ ଆସିଛି। ତୋରଣ ସେତୁର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି" ବୋଲି କେନ୍ଦ୍ର ରେଳମନ୍ତ୍ରୀ ପୀୟୁଷ ଗୋଏଲ କହିଛନ୍ତି।

ତୋରଣ ସେତୁ ଆଇଫେଲ ଟାୱାରଠାରୁ ମଧ୍ୟ ଅଧିକ ଉଚ୍ଚ

କଟ୍ରା- ବନିହାଲ ସେକ୍ସନ ଏହି ପୋଲର ଦୈର୍ଘ୍ୟ ୧.୩ କିଲୋମିଟର ହେଲେ ମଧ୍ୟ ଏହାର ଉଚ୍ଚତା ୫୩୯ମିଟର ଯାହାକି ଫ୍ରାନ୍ସର ଆଇଫେଲ ଟାୱାରଠାରୁ ମଧ୍ୟ ଅଧିକ ଉଚ୍ଚତା ବିଶିଷ୍ଟ । ଚେନାବ ପୋଲ ବିଶ୍ୱର ଉଚ୍ଚତମ ରେଳ ପୋଲ ଯାହା ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହୋଇଛି। ୧.୩୧୫ କିଲୋମିଟର ଦୈଘ୍ୟ ଏହି ସେତୁର ୧୭ଟି ସ୍ପାନ ରହିଛି । ମୁଖ୍ୟ ତୋରଣ ସ୍ପାନ ମଧ୍ୟରେ ଦୂରତା ହେଉଛି ୪୬୭ମିଟର ଓ ଏହାର ଓଜନ ୧୦,୬୧୯ ମେଟ୍ରିକ ଟନ୍ । ଘଣ୍ଟାପ୍ରତି ୨୬୬କିଲୋମିଟର ଗତିରେ ପବନ ସହିବା କ୍ଷମତା ଏହି ସେତୁର ରହିଛି । ରିୟାସୀ ଅଂଚଳ ସେସମିକ ଜୋନ-ଚାରି ଅଧୀନରେ ଆସୁଥିଲେ ମଧ୍ୟ ଜୋନ-୫କ୍ଷେତ୍ରର ସର୍ବାଧିକ ତୀବ୍ରତାର ଭୂକମ୍ପନ୍ନ ସହିବା କ୍ଷମତା ଏହି ସେତୁର ରହିଛି । ସେତୁ ନିର୍ମାଣରେ ୨୮,୬୬୦ ମେଟ୍ରିକ ଟନ୍ ଇସ୍ପାତ ବ୍ୟବହୃତ ହୋଇଥିବା ବେଳେ, ଏହାର ଦୈର୍ଘ୍ୟ ୧,୩୧୫ମିଟର ଓ ସ୍ଥାୟୀତ୍ୱ ୧୨୦ବର୍ଷ ।

ଦେଶରେ ପ୍ରଥମ ଥର ପାଇଁ ଫେଜ ଆଚର ଅଲଟ୍ରା ସୋନିକ ଟେଷ୍ଟିଂ ମେସିନ ଏହାର ହେଲ୍‌ଡ ପରୀକ୍ଷା ପାଇଁ ବ୍ୟବହୃତ ହୋଇଛି । ଏହି ସେତୁର ବୃହତ୍ତମ ଭିତ୍ତିଭୂମି ହେଉଛି, ଏସ-୪ ଆକୃତିର ଯାହାକି ଏକ ଫୁଟବଲ ପଡିଆର ପ୍ରାୟ ଏକ ଚତୁର୍ଥାଂଶ। ୯୧୫ମିଟର ଦୀର୍ଘ ବିଶ୍ୱର ସବୁଠାରୁ ଉଚ୍ଚ କେବୁଲ କ୍ରେନ ଏହି ସେତୁର ନିର୍ମାଣ ପାଇଁ ବ୍ୟବହୃତ ହୋଇଛି ।

ଦଶ ଲକ୍ଷ ଘନମିଟର ମାଟି ଖୋଳା ହେବା ସହ ୬୬ହଜାର ଘନମିଟର କଂକ୍ରିଟ ସେତୁ ପାଇଁ ବ୍ୟବହୃତ ହୋଇଛି । "ସଂଯୋଗୀକରଣ ପ୍ରକଳ୍ପ ରାଜ୍ୟର ଭାଗ୍ୟ ପରିବର୍ତ୍ତନ କରିବାକୁ ଯାଉଛି । ମୁଁ ଚେନାବ ନଦୀ ଉପରେ ଏହି ଚମତ୍କାର ସେତୁର ଛବି ଦେଖିଛି । ଏସବୁ ଛବି ଅବଲୋକନ ପରେ କାହାର ବା ମଥା ଗର୍ବରେ ଉଚ୍ଚା ନ ହେବ ? ଆଗାମୀ ଦୁଇତିନି ବର୍ଷ ମଧ୍ୟରେ ଉପତ୍ୟକାକୁ ରେଳ ବିଭାଗ ସଂଯୋଗୀକରଣ କରିଦେବ" ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଏହି ସଂଯୋଗୀକରଣ ଦେଶର 'ଏକ ଭାରତ, ଶ୍ରେଷ୍ଠ ଭାରତ' ସ୍ୱପ୍ନକୁ ସାକାର କରିବ । ଏହି କୀର୍ତ୍ତିମାନ ଚେନାବ ନଦୀ ଉପରେ ନିର୍ମିତ ତୋରଣ ସଦୃଶ ସେତୁ କଶ୍ମୀର ଉପତ୍ୟକାକୁ ଦେଶର ଅବଶିଷ୍ଟ ଭାଗ ସହ ଯୋଡିବ । ଦୁଇଟି ଆର୍ନ୍ତଜାତିକ ସୀମା ଦୃଷ୍ଟିରୁ ଏହି ରେଳପଥ ଭାରତୟ ସେନା ପାଇଁ ଖୁବ୍ ସହାୟକ ହେବ । ବର୍ଷର ବାରମାସ ଜମ୍ମୁ ଓ କଶ୍ମୀର ଦୁର୍ଗମ ଅଂଚଳଗୁଡିକୁ ଏହି ରେଳପଥ ଯୋଗୁଁ ଅନାୟାସରେ ଯାତାୟତ କରିବା ସହ ସମୟ ମଧ୍ୟ ବଂଚିପାରିବ । ଏଥିସହ ପ୍ରକଳ୍ପ ଯୋଗୁଁ ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ସହ ସେ ଅଞ୍ଚଳବାସୀଙ୍କ ନିଯୁକ୍ତି ସୁଯୋଗ ମଧ୍ୟ ବୃଦ୍ଧି ପାଇବ । ■

# ପାଇପ ପାଣି

**ଏକ ଅସାମାନ୍ୟ ପ୍ରଯୁକ୍ତିଗତ ଉତ୍କର୍ଷ**

*ପାଇପ ପାଣି  ବରଫ ଭଳି ଥଣ୍ଡା ଓ ଦୁର୍ଗମ ଓ ବିପଦଜ୍ଜନକ ଗିରିପଥ ଅତିକ୍ରମ କରି ଲଦାଖରେ ଜଳଜୀବନ ମିଶନ ଜରିଆରେ ଜଳ ପରିବହନ*

## ବିଯୁକ୍ତ ୩୦ ଡିଗ୍ରୀରେ ଲଦାଖରେ ପହଞ୍ଚ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଗଷ୍ଟ ୧୫, ୨୦୧୯ଦିନ ଲାଲକିଲ୍ଲାର ପ୍ରାଚୀର ଉପରୁ ଦେଶର ପ୍ରତ୍ୟେକ ଘରକୁ ନିର୍ମଳ ପାନୀୟଜଳ ଯୋଗାଇବାକୁ ଶପଥ ନେଇଥିଲେ ।

ବିଶ୍ୱରେ ଅନେକ ଉନ୍ନତ ଦେଶଙ୍କ ନିମନ୍ତେ ମଧ୍ୟ ବିଯୁକ୍ତ ୩୦ ବା ୪୦ଡିଗ୍ରୀ ସେଲସିୟସ୍ ଅଞ୍ଚଳରେ ପାଇପ ପାଣି ଯୋଗାଇବା ଏକ ଦୁରୂହ ବ୍ୟାପାର । ଏତେ କମ୍ ତାପମାତ୍ରାରେ ପାଇପ ପାଣି ବରଫରେ ରୂପାନ୍ତରିତ ହେବା ସହ ଏହାର ନିରବଚ୍ଛିନ୍ନ ଯୋଗାଣ ମଧ୍ୟ ବ୍ୟାହତ ହୋଇଥାଏ । ଅତ୍ୟଧିକ ଶୀତରେ ବିଶ୍ୱର ଅନେକ ଭାଗ ଏପରିକି ରୁଷର ସାଇବେରିଆ ଓ ଯୁକ୍ତରାଷ୍ଟ୍ର ଆମେରିକାର ଚିକାଗୋ ଓ ଟେକ୍ସାସରେ ମଧ୍ୟ ସପ୍ତାହ ସପ୍ତାହ ଧରି ପାଇପ ଜଳ ଯୋଗାଣ ବ୍ୟାହତ ହୋଇଥାଏ । ମାତ୍ର ସୂକ୍ଷ୍ମ ବୈଷୟିକ ଜ୍ଞାନର ଉପଯୋଗ ଯୋଗୁଁ ବିଯୁକ୍ତ ୩୦ ଡିଗ୍ରୀ ସେଲସିୟସ ତାପମାତ୍ରା ସତ୍ତ୍ୱେ ଭାରତ ଲଦାଖ ଅଂଚଳରେ ପାଇପ ଯୋଗେ ପାନୀୟ ଜଳ ଯୋଗାଇପାରିଛି  । ସରକାରଙ୍କ ଆକାଂକ୍ଷିତ ଯୋଜନା ଯୋଗୁଁ ଏହା ସମ୍ଭବ ହୋଇପାରିଛି ।

- ପ୍ରଚଣ୍ଡ ଶୀତରେ ହ୍ରଦ ବା ପୋଖରୀ ଉପରିଭାଗ ବରଫରେ ରୂପାନ୍ତରିତ ହେଲେ ମଧ୍ୟ ତା ତଳେ ପାଣି ତରଳ ଅବସ୍ଥାରେ ଥାଏ । ଛଣା ପଦ୍ଧତିରେ ତଳେ ରହିଥବା ପାଣିକୁ ଘରକୁ ଯୋଗା ଯାଇଥାଏ ।

- ନଦୀ ଜଳ ପରିବହନ କରିବା ପାଇଁ ଏହା ଟାଙ୍କୀରେ ସଂଗ୍ରହ କରାଯିବା ପରେ ତାହାକୁ ସେଠାରୁ ମାଟି ତଳେ ବିଛା ଯାଇଥିବା ପାଇପଲାଇନ ଯୋଗେ ଘରେ ପହଂଚା ଯାଇଥାଏ। ଏହାକୁ ଗରମ ରଖିବା ପାଇଁ ସୌରଶକ୍ତିର ଉପଯୋଗ କରିବାକୁ ହୁଏ ।

- ଏକ ନିର୍ଦ୍ଧାରିତ ସମୟରେ ଘରକୁ ପାଣି ଯୋଗାଯାଇଥାଏ । ଷ୍ଟୋକ୍, ନାଙ୍ଗ୍ ଓ ଫାୟାଙ୍ଗ ଗ୍ରାମକୁ ଏହି ପଦ୍ଧତିରେ ପାଣି ଯୋଗାଯାଏ।

- ଜଳଯୋଗାଣ ପାଇପଲାଇନ ମାଟି ପତନ ତିନିରୁ ଚାରିଫୁଟ ତଳେ ବିଛାଯାଇଥିବାରୁ ଏହା ଶୀତଦିନେ ପାଣି ଜମାଟ ବାନ୍ଧି ନ ଥାଏ ବା ପାଇପ ଫାଟି ନ ଥାଏ । ଏଥିପାଇଁ ପାଇପକୁ ଢାଙ୍କୁଣୀ ଯୋଗେ ଘୋଡାଇ ଦିଆଯାଇଥାଏ ଯେଉଥିପାଇଁ ପାଣି ଜମାଟ ବାନ୍ଧେ ନାହିଁ ।

## ଜଳଜୀବନ ମିଶନର ମୁଖ୍ୟାଂଶ

*୨୦୨୪ ମସିହା ସୁଦ୍ଧା ଦେଶର ୧୯.୨୦ କୋଟି ପରିବାରକୁ ପାଇପ ପାଣି ଯୋଗାଇବା ଲକ୍ଷ୍ୟ*

*ସ୍ୱାଧୀନତା ପରଠାରୁ ୨୦୧୯ ମସିହା ମଧ୍ୟରେ ୩. ୨୩କୋଟି ପରିବାର ପାଇପ ଯୋଗେ ପାନୀୟ ଜଳ ପାଇଛନ୍ତି ।*

*ଜଳଜୀବନ ମିଶନ ଜରିଆରେ ଚାରିକୋଟି ପରିବାର ପାଇପପାଣି ପାଇପାରିଛନ୍ତି ।*

ଦେଶରେ ଗୋଆ ହେଉଛି ପ୍ରଥମ ରାଜ୍ୟ ଯେଉଁଠି ପ୍ରତ୍ୟେକ ପରିବାର ପାଇପ ଯୋଗେ ପାନୀୟ ଜଳ ପାଇଛନ୍ତି। ଏହି ଉତ୍କର୍ଷ ହାସଲ କରିବାରେ ତେଲେଙ୍ଗାନା ଦ୍ୱିତୀୟ ରାଜ୍ୟ ମାନ୍ୟତା ହାସଲ କରିଛି ।





# ବୃକ୍ଷ ପ୍ରତିରୋପଣ ଦ୍ୱାରା ରାଜପଥ ନିର୍ମାଣରେ ଗତିଶୀଳତା

ପରିବେଶ ଅନୁମତି ଅଭାବରୁ ଅନେକ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ତ୍ୱରାନ୍ୱିତ ହୋଇପାରୁ ନ ଥିବା ଲକ୍ଷ୍ୟ କରାଯାଇଛି । ଏହା ଫଳରେ ରାଜପଥ, ଏକ୍ସପ୍ରେସ ପଥ, ସବୁଜ ବଳୟ ଏକ୍ସପ୍ରେସ ପଥର ନିର୍ମାଣ କାର୍ଯ୍ୟ ବହୁଦିନ ଧରି ବନ୍ଦ ମଧ ରଖିବାକୁ ପଡୁଛି । ନିୟମାନୁସାରେ ଯଦି ଗୋଟିଏ ପ୍ରକଳ୍ପ ଅନୁମୋଦନ ଲାଭ କରୁଛି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଯେତେ ଗଛ କଟା ହେବ, ସେତେ ଗଛ ଲଗାଯିବାର ବ୍ୟବସ୍ଥା ରହିଛି । ମାତ୍ର କେନ୍ଦ୍ର ସରକାରଙ୍କ ଦୂରଦର୍ଶୀ ଚିନ୍ତାଧାରା ସମ୍ପୂର୍ଣ୍ଣ ପଦ୍ଧତି ପରିବର୍ତ୍ତନ କରିବାରେ ସକ୍ଷମ ହୋଇଛି। ବର୍ତ୍ତମାନ ବୃକ୍ଷ ପ୍ରତିରୋପଣ ପ୍ରତ୍ୟେକ ପ୍ରକଳ୍ପର ଅଂଶବିଶେଷ ହୋଇଉଠିଛି । ଦେଶର ସହରାଂଚଳ ଦ୍ୱାରକା ଏକ୍ସପ୍ରେସ ୱେରେ ଏହା ସଫଳତା ବେଶ ଦୃଷ୍ଟାନ୍ତମୂଳକ । ଏହି ୨୯କିଲୋମିଟର ଦୀର୍ଘ ଏକ୍ସପ୍ରେସ ୱେରେ ବାରହଜାର ବୃକ୍ଷ ପ୍ରତିରୋପଣ କରାଯାଇଛି ...

- ଭାରତମାଳା ପ୍ରକଳ୍ପ ଅଧୀନରେ ଦେଶର ୨୨ଟି ସବୁଜିମାଭରା ଚଲାପଥ ୨୦୨୫ ମସିହା ସୁଦ୍ଧା ୩,୧୦ଲକ୍ଷ କୋଟି ବ୍ୟୟରେ ନିର୍ମିତ ହେବ । ଏଥିରେ ଅନ୍ତର୍ଭୁକ୍ତ ହେଉଛି ଦିଲ୍ଲୀ -ମୁମ୍ବାଇ ଏକ୍ସପ୍ରେସ ୱେ । ଏହା ସମ୍ପୂର୍ଣ୍ଣ ହେଲେ ୧୩୨୦ କିଲୋମିଟର ଦୀର୍ଘ ପଥର ଯାତ୍ରା ସମୟ ୨୪ଘଣ୍ଟାରୁ ୧୩ଘଣ୍ଟାକୁ ହ୍ରାସପାଇବ । ଏଭଳି ପରିସ୍ଥିତିରେ ବୃକ୍ଷ ରୋପଣ ପଦ୍ଧତି ପ୍ରତ୍ୟେକ ପ୍ରକଳ୍ପରେ ଅନ୍ତର୍ଭୁକ୍ତ ହେବ ।
- ଏହି ନୂତନ ବୈଷୟିକ ପଦ୍ଧତି ବିକାଶ ସହ ବାୟୁମଣ୍ଡଳ ଓ ପରିବେଶର ମଧ ସୁରକ୍ଷା କରିବ । ମାନବ ସମାଜ ପାଇଁ ପରିବେଶ ସୁରକ୍ଷାରେ ଏହା ସବୁଠାରୁ ବଡ ଅବଦାନ ହେବ ଯେଉଁଥିରେ ଗଛକଟା ନ ହୋଇ ମଧ ଦେଶ ପ୍ରଗତି ପଥରେ ଆଗେଇ ପାରିବ।
- ଗୋଟିଏ ଗଛ ପ୍ରତିରୋପଣ ପାଇଁ ୨୫ହଜାର ଟଙ୍କା ଖର୍ଚ୍ଚ ହେଉଥିଲାବେଳେ ଦ୍ୱାରକାର ଏକ୍ସପ୍ରେସ ୱେରେ ୧୨ହଜାର ଗଛ ପ୍ରତିରୋପଣ କରାଯାଇ ଶତକଡା ୮୪ଭାଗ ସଫଳତା ହାସଲ ହୋଇଛି ।
- ପ୍ରଥମେ କୀଟନାଶକ ଗଛରେ ଛିଂଚାଯାଏ ଓ ପରେ ଯେପରି ଗଛର ମୂଳ କ୍ଷତିଗ୍ରସ୍ତ ନ ହେବ ତାହାକୁ ଦୃଷ୍ଟିରେ ରଖି ଗଛ ଚାରିପଟେ ଗାତ ଖୋଳାଯାଏ ।
- ଗଛମୂଳରେ ସାର ଦିଆହୋଇ ଗଛ ଚାରିପଟେ କାଦୁଅର ପାଚେରୀ କରାଯାଏ ଏହାକୁ ୨୦ରୁ ୨୫ଦିନ ପର୍ଯ୍ୟନ୍ତ ଛାଡି ଦିଆଯାଏ । ପରେ ଗଛ ସହ ଲାଗିଥିବା ମାଟିରେ ଏହା ଯୋଡାଯାଏ ।
- ପରେ ଗଛକୁ ପନ୍ଦରଦିନ ଛାଡି ଦିଆଯାଏ ଯେପରି ନିଜେ ନିଜେ ବଂଚିବ । ତା' ପରେ ଏହାକୁ ମେସିନ ସାହାଯ୍ୟରେ ନିଆଯାଇ ଅନ୍ୟତ୍ର ପ୍ରତିରୋପଣ କରାଯାଏ ।
- ହରିତ୍ ପାଥ ଆପ୍ ଜରିଆରେ ଜିଓ ଟ୍ୟାଗିଂ, ୱେବଭିତିକ ନିରୀକ୍ଷଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯାଏ । ■

ଜାତୀୟ ରାଜ୍ୟପଥ ନିର୍ମାଣ ୨୦୧୪ ମସିହାରେ ଦୈନିକ ୧୨ କିଲୋମିଟର ଥିବାବେଳେ ବର୍ତ୍ତମାନ ଏହା ୩୭ କିଲୋମିଟର

ସାତବର୍ଷ ମଧରେ ରାଜପଥ ନିର୍ମାଣ, ୧.୩୭,୬୨୫ କିଲୋମିଟର ବୃଦ୍ଧି ପାଇଛି । ପୂର୍ବରୁ ଏହା ୯୧, ୨୮୭ କିଲୋମିଟର ଥିଲା ।

**ଫାଷ୍ଟ ଟ୍ୟାଗର ପ୍ରବର୍ତ୍ତନ ଯୋଗୁଁ**

ରାଜପଥ ଟୋଲ ପ୍ଲାଜାର ଲମ୍ବା ଧାଡିରୁ ମୁକ୍ତି ।

**ନୂତନ ମୋଟର ଯାନ ଆଇନ**

୨୦୩୦ ସୁଦ୍ଧା ଶୂନ୍ୟ ସଡକ ଦୁର୍ଘଟଣା ଲକ୍ଷ୍ୟ ରଖି ନୂତନ ମୋଟରଯାନ ଆଇନ



ନବଭାରତ ଗଠନର
**ସାତବର୍ଷ**

# ପ୍ରଯୁକ୍ତି ବଳରେ ପରିବର୍ତ୍ତନ

ପଚାଶବର୍ଷ ପରେ

# କୋଲ୍ଲମ ବାଇପାସ

## କେରଳକୁ ଦେଖାଇଲା ନବଦିଗନ୍ତ

"ଯେତେବେଳେ ଆମେ ସଡକ ବା ଉଡନ୍ତା ପୋଲ ତିଆରି କରୁ ସେତେବେଳେ ଆମେ କେବଳ ସହରକୁ ଗ୍ରାମସହ ଯୋଡୁନା, ଆମେ ଆଶାକୁ ସଫଳତା ଓ ସୁଯୋଗ ସହ ଯୋଡୁ, ଆକାଂକ୍ଷାକୁ ଖୁସି ସହ ଯୋଡୁ ।"



## ଯେଉଁ ପ୍ରକଳ୍ପଗୁଡିକ ବହୁ ପ୍ରତୀକ୍ଷିତ ସେଗୁଡିକୁ ପ୍ରାଥମିକତା

ବହୁ ପ୍ରତୀକ୍ଷିତ ପ୍ରକଳ୍ପଗୁଡିକର ଏକ ଲମ୍ବା ତାଲିକା ରହିଛି । ସେଗୁଡିକ ମଧ୍ୟରୁ ଗତ କିଛି ବର୍ଷ ମଧ୍ୟରେ କେତେକ ସମ୍ପୂର୍ଣ୍ଣ ହୋଇଛି । ସେଗୁଡିକ ମଧ୍ୟରେ ଅଛି ବହୁପ୍ରତୀକ୍ଷିତ ବାଡମେର ବିଶୋଧନାଗାର, ୫୬ବର୍ଷ ଧରି ପଡି ରହିଥିବା ସର୍ଦ୍ଦାର ପଟେଲ ସରୋବର ଡ୍ୟାମ ବା ୬୫ବର୍ଷର ବିଳମ୍ବିତ ବାଂଶଘର ପ୍ରକଳ୍ପ ଓ ୧୬ବର୍ଷ ପୁରୁଣା ଆସାମର ବୋଗିବିଲ୍ ପ୍ରକଳ୍ପ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଭାଷାରେ ବିଳମ୍ବ, ପ୍ରତିବନ୍ଧକ, ଓ ଅଯଥା ଦରାଣ୍ଡି ହେବାର ସମୟ ଏବେ ଶେଷ ହୋଇଛି ।

ଜାନୁୟାରୀ ୧୫,୨୦୧୯ଦିନ କୋଲ୍ଲମ ଦୋହରା ରାସ୍ତା (ବାଇପାସ) ଉଦ୍‌ଘାଟନ କାଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି କେଇପଦ କଥା ଦେଶର ସଡକ ଭିତ୍ତିଭୂମି ବିକାଶ ପ୍ରକଳ୍ପ ନିମନ୍ତେ ଏକ ଉନ୍ମାଦନା ଆଣିଦିଏ। କୋଲ୍ଲମ ବାଇପାସ ସେହିପରି ଅନେକ ବିଳମ୍ବିତ ବିକାଶ ପ୍ରକଳ୍ପର ପ୍ରତୀକ। ଏହା ପୂର୍ବ ସରକାରମାନଙ୍କ ଉଦାସୀନତା କାରଣରୁ ହୋଇପାରି ନ ଥିଲା । ସାଢେ ତେର କିଲୋମିଟର ଦୀର୍ଘ ଏହି ବାଇପାସ ଆଲାପୁଜା ଓ ତିରୁଅନନ୍ତପୁରମ୍ ମଧ୍ୟରେ ଦୂରତ୍ୱ ହ୍ରାସ କରିବ। ଏହି ପ୍ରକଳ୍ପ ୨୦୧୯ରେ ଶେଷ ହୋଇଥିଲା ।

# ହଳଦିଆ-ବାରଣାସୀ ଜଳପଥ

## ପୂର୍ବ ଭାରତର ନଦୀପଥ ତଥା ବିଶାଳ ଜଳରାଶିର ସଦୁପଯୋଗ

ଅତୀତରେ ଭାରତରେ ନଦୀଗୁଡିକରେ ବିଶାଳ ଜାହାଜ ଓ ପୋତମାନ ପରିଦୃଶ୍ୟ ହେଉଥିଲା । ମାତ୍ର ସ୍ୱାଧୀନତା ପରବର୍ତ୍ତୀ କାଳରେ ଜଳଭିତ୍ତିଭୂମି ଅବହେଳିତ ହେଲା । ମାତ୍ର ସରକାରଙ୍କ ପଦକ୍ଷେପ ଯୋଗୁଁ ଦୃଶ୍ୟପଟରେ ପରିବର୍ତ୍ତନ ଦେଖାଦେଇଛି ।



## ପରିବହନ ଖର୍ଚ୍ଚ କମିଥିବାରୁ ସାମଗ୍ରୀ ଦର ମଧ୍ୟ କମିଛି

ହଳଦିଆ-ବାରଣାସୀ ଜଳପଥ ଦେଶ ମଧ୍ୟରେ ଜଳପଥ ଭିତ୍ତିଭୂମିରେ ପରିବର୍ତ୍ତନ ଆଣିଛି । ଯାହାଫଳରେ ଏହା ଦ୍ୱାରା ପୂର୍ବ ଭାରତର ଅଧିକାଂଶ ଅଞ୍ଚଳ ଉପକୃତ ହେବା ସହ ଉତ୍ତରପ୍ରଦେଶ, ବିହାର, ଝାଡଖଣ୍ଡ ଓ ପଶ୍ଚିମବଙ୍ଗରେ ବ୍ୟାପକ ବିକାଶ ହୋଇଛି ।

ବାରଣାସୀ-ହଳଦିଆ ମଧ୍ୟରେ ଜଳପଥ ପରିବହନ ଯୋଗୁଁ ପରିବହନ ଖର୍ଚ୍ଚ ଅନେକ ହ୍ରାସ ପାଇଛି। ହଳଦିଆକୁ ଏକ ବହୁମୁଖୀ ଆଦର୍ଶ ଟର୍ମିନାଲରେ ପରିଣତ କରିବାକୁ ଯୋଜନା ହେଉଛି । ଭବିଷ୍ୟତରେ ବାଂଲାଦେଶ ସହ ଏହି ଜଳପଥ ସଂଯୋଗୀକରଣ ଯୋଜନା ରହିଛି ।

| ହଳଦିଆ- ବାରଣାସୀ ଜଳପଥ | | |
|---|---|---|
| ଦୈର୍ଘ୍ୟ<br>୧୩୯୦<br>କିଲୋମିଟର | ବ୍ୟୟ<br>୪୨୦୦<br>କୋଟି | ହଳଦିଆ-ବାରଣାସୀ ଜଳପଥରେ ପରୀକ୍ଷାମୂଳକ ଭାବେ ମାରୁତି କାର ମାଲବୋଝେଇ ହୋଇ ବାରଣାସୀରୁ ହଳଦିଆ ଅଗଷ୍ଟ ୨୦୧୬ରେ ଯାଇଥିଲା । |

୨୦୧୪ ମସିହାରେ ମାତ୍ର ପାଞ୍ଚଟି ଜଳପଥ ଥିବାବେଳେ ଆଜି ଦେଶରେ ୧୧୧ଟି ଜଳପଥ ରହିଛି, ୨୪ଟି ରାଜ୍ୟରେ ଏହାର ଦୈର୍ଘ୍ୟ ହେଉଛି ୨୦,୨୭୫ କିଲୋମିଟର




# ଅଟଳ ଟନେଲ
## ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଅଭିବୃଦ୍ଧିର ପ୍ରତୀକ

ମନାଲୀ-ଲେହ ରାଜପଥର ରୋହତଙ୍ଗ ଠାରେ ଏକ ସୁଡଙ୍ଗ ନିର୍ମାଣର ସ୍ୱପ୍ନ ଗତ ୨୬ବର୍ଷ ଧରି ଅପୂରଣୀୟ ରହିଥିଲା। ମାତ୍ର ଗତ ଛଅବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ସଦିଚ୍ଛା ଯୋଗୁଁ ଏହା ସାକାର ହୋଇପାରିଛି । ଏହି ସୁଡଙ୍ଗ ଭାରତର ଆତ୍ମନିର୍ଭରଶୀଳତାର ଉଦାହରଣ ହୋଇଥିବାବେଳେ ବର୍ତ୍ତମାନ ଏସୀୟାର ସର୍ବବୃହତ ସୁଡଙ୍ଗ ରାସ୍ତା ଯୋଜିଲା ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି । ଏହା ସ୍ଥାନୀୟ ଲୋକମାନଙ୍କ ଜୀବନଧାରଣକୁ ସହଜ କରିବା ସହ ଦୁର୍ଗମ ସୀମାନ୍ତ ଅଞ୍ଚଳରେ ପହଞ୍ଚିବା ପାଇଁ ସଶସ୍ତ୍ର ସେନା ପାଇଁ ମଧ୍ୟ ସହଜ ହେବ ।

- ଶୀତଦିନେ ପ୍ରବଳ ତୁଷାରପାତ ଯୋଗୁଁ ମନାଲୀ-ଲେହ ରାଜପଥ ରୋହତଙ୍ଗ ଗିରିପଥ ନିକଟରେ ପାଞ୍ଚରୁ ଛଅ ମାସ ଧରି ବରଫାବୃତ୍ତ ହୋଇ ଦେଶର ଅନ୍ୟଭାଗ ସହ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡିଥାଏ । ବର୍ତ୍ତମାନ ଏହି ରାସ୍ତା ବର୍ଷ ତମାମ ଖୋଲା ରହିବ ।
- କେନ୍ଦ୍ର ସରକାର ସର୍ବୋଚ୍ଚ ଅଗ୍ରାଧିକାର ଦେବା ଫଳରେ ଏହି ସୁଡଙ୍ଗ ନିର୍ମିତ ହୋଇପାରିଛି । ଗତବର୍ଷ ଅକ୍ଟୋବର ତିନି ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ସୁଡଙ୍ଗକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି।
- ସୁଡଙ୍ଗ ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଭିତ୍ତିପ୍ରସ୍ତର ମେ ୨୬,୨୦୦୨ରେ ସ୍ଥାପନ କରିଥିଲେ । ମାତ୍ର ପରବର୍ତ୍ତୀ ସରକାରମାନେ ଏହାକୁ ଅଗ୍ରାଧିକାର ନ ଦେବା ଫଳରେ କାର୍ଯ୍ୟ ଆଗେଇ ପାରି ନ ଥିଲା ୨୦୧୪ ମସିହାର ନୂତନ ସରକାର ଦାୟିତ୍ୱ ଦେବା ପରେ ଏହାର କାର୍ଯ୍ୟ ତ୍ୱରାନ୍ୱିତ କଲେ ।

### ଅଟଳ ଟନେଲ ଗୁରୁତ୍ୱପୂର୍ଣ୍ଣ କାହିଁକି ?



ଅଟଳ ଟନେଲ ନିର୍ମାଣ ଯୋଗୁଁ ଲଦାଖରେ ମୃତୟନ ସୈନ୍ୟବାହିନୀ ଯବାନମାନଙ୍କୁ ବିଶେଷ ସୁବିଧା ମିଳିବ। ବର୍ତ୍ତମାନ ପ୍ରଚଣ୍ଡ ଶୀତ ସତ୍ତ୍ୱେ ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ଯୁଦ୍ଧୋପକରଣ ସହଜରେ ପଠାଯାଇପାରିବ ।

- ଅଟଳ ଟନେଲ ୧୦ହଜାର ୧୭୧ ଫୁଟ ଉଚ୍ଚତାରେ ନିର୍ମିତ । ଏହା ବିଶ୍ୱର ସବୁଠାରୁ ଦୀର୍ଘ ଓ ଉଚ୍ଚତମ ଟନେଲ ।
- ଏହି ଏକକ ଓ ଡବଲ ଲେନ ଟନେଲ ଦୈର୍ଘ୍ୟ ୫.୫୨୫ମିଟର ।
- ଏହି ଟନେଲ ମଧ୍ୟରେ ଅଗ୍ନି ପ୍ରତିରୋଧକ, ଆଲୋକ, ପର୍ଯ୍ୟବେକ୍ଷଣ ପଦ୍ଧତି ଭଳି ଇଲେକ୍ଟ୍ରୋ-‌-ମେକାନିକାଲ ପ୍ରଣାଳୀ ରହିଛି ।m

### ଏସୀୟର ବୃହତ୍ତମ ସୁଡଙ୍ଗ ରାସ୍ତା ଯୋଜିଲା



- ଏସୀୟାର ଦୀର୍ଘତମ ସୁଡଙ୍ଗ ରାସ୍ତା ଯୋଜିଲା ସୁଡଙ୍ଗ କାର୍ଯ୍ୟ ଗତବର୍ଷଠାରୁ ଆରମ୍ଭ ହୋଇଛି । ଏହି ସୁଡଙ୍ଗ ନିର୍ମାଣ କାର୍ଯ୍ୟ ଶେଷ ହେଲେ ଶ୍ରୀନଗର, ଦ୍ରାସ, କାରଗିଲ ଓ ଲେହ ଅଂଚଳ ବର୍ଷର ସବୁଦିନ ପାଇଁ ସଂଯୋଗ ହୋଇରହିବ ।
- ଯୋଜିଲା ଗିରିପଥର ତଳେ ତିନିହଜାର ମିଟର ଉଚ୍ଚତାରେ ଏହି ସୁଡଙ୍ଗ ନିର୍ମାଣ କରାଯାଉଛି । ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଏହିସବୁ ଅଞ୍ଚଳକୁ ଯାତ୍ରା କାଳ ତିନିଘଣ୍ଟାରୁ ମାତ୍ର ୧୫ମିନିଟ୍‌କୁ ହ୍ରାସ ପାଇବ । ସାତହଜାର କୋଟି ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଯାଉଥିବା ଏହି ସୁଡଙ୍ଗ ପ୍ରତିରକ୍ଷା ପ୍ରସ୍ତୁତିକୁ ମଧ୍ୟ ସୁଦୃଢ କରିବ ।■



ନବଭାରତ ଗଠନର
**ସାତବର୍ଷ**

**ପ୍ରଯୁକ୍ତି ବଳରେ ପରିବର୍ତ୍ତନ**

# ବୋଗିବିଲ ସେତୁ:
## ଆସାମ ପାଇଁ ସୁନେଲି ଭବିଷ୍ୟତ

ବୋଗିବିଲ ସେତୁ ନିର୍ମାଣ ଶେଷ ହେବା ଭାରତୀୟ ବୈଷୟିକ ଜ୍ଞାନର ଦୂରଦର୍ଶିତାର ନମୁନା ସହ ଦେଶର ପ୍ରଗତିପଥରେ ଏଭଳି ଭିତ୍ତିଭୂମି ପ୍ରକଳ୍ପ ଅପରିହାର୍ଯ୍ୟ ବୋଲି ପ୍ରମାଣିତ ହୋଇଛି । ପୂର୍ବ ହେଉ ବା ଉତ୍ତର-ପୂର୍ବ ବା ଦକ୍ଷିଣ ଦେଶର ସବୁ ଆଡୁ ଅନେକ ସଫଳତାର କାହାଣୀ ଭରି ହୋଇରହିଛି । ଆସାମର ବୋଗିବିଲ  ସେତୁ ଦେଶର ଦୀର୍ଘତମ ସଡକ ଓ ରେଳ ସେତୁ ହୋଇଥିବା ବେଳେ ରାମେଶ୍ୱରମ୍‌ରୁ ତାମିଲନାଡୁର ମଣ୍ଡପମ ପର୍ଯ୍ୟନ୍ତ ଯାଇଥିବା ପାମବାନ ରେଳ ପୋଲ ଭାରତୀୟ ବୈଷୟିକ ଉତ୍କର୍ଷକୁ ପ୍ରତିପାଦିତ କରିଛି ।

**4.94**

୪.୯୪ କିଲୋମିଟର ଲମ୍ବ ଧେମାଜୀରୁ ଡିବ୍ରୁଗଡକୁ ଯୋଡୁଥିବା ସେତୁ ଯୋଗୁଁ ଦୂରତା ୫୦୦ରୁ ଶହେ କିଲୋମିଟରକୁ ହ୍ରାସ ପାଇଛି । ଆଗରୁ ଯାତ୍ରା ପାଇଁ ୨୪ଘଣ୍ଟା ଦରକାର ପଡୁଥିଲା ।

ବୋଗିବିଲ ସେତୁ ନିର୍ମାଣ ପାଇଁ ୧୯୬୫ ମସିହାଠାରୁ ଦାବି ହୋଇ ଆସୁଥିଲା। ଏହି ସେତୁ ସମ୍ପୂର୍ଣ୍ଣ କରିବା ପାଇଁ ୩୦ଲକ୍ଷ ବସ୍ତା ସିମେଣ୍ଟ ଖର୍ଚ୍ଚ ହୋଇଛି। ଏଥିରେ ୧୨୫ ମିଟର ଦୈର୍ଘ୍ୟ ବିଶିଷ୍ଟ ୩୯ଟି ସ୍ପାନ ମଧ୍ୟ ଅନ୍ତର୍ଭୁକ୍ତ । ରେଳବାଇ ଦ୍ୱାରା ସମ୍ପୂର୍ଣ୍ଣ କରାଯାଇଥିବା ଏହି ସେତୁ ଏହାର ନିଜସ୍ୱ ଗୁଣରେ ବୈଷୟିକ ଉତ୍କର୍ଷ କହିଲେ ଅତ୍ୟୁକ୍ତି ହେବ ନାହିଁ ।

**5,900**

କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ରେଳ ଓ ରାସ୍ତା ସେତୁର ତଳପଟେ ଦୋହରା ରେଳପଥ ଯାଇଥିବାବେଳେ, ଉପରେ ତିନିଲେନ ବିଶିଷ୍ଟ ରାସ୍ତା ରହିଛି ଯେଉଁଥିରେ ଭାରି ସାମରିକ ଟ୍ୟାଙ୍କ ମଧ୍ୟ ଅନାୟାସରେ ଗତି କରିପାରିବ ।

# ପାମବାନ ସାମୁଦ୍ରିକ ପୋଲ:
## ତାମିଲନାଡୁ ପ୍ରଗତିର ଆଉ ଏକ ପ୍ରେରଣା



ତାମିଲନାଡୁର ନିର୍ମାଣାଧୀନ ନୂତନ ପାମବାନ୍ ସାମୁଦ୍ରିକ ସେତୁ ଚଳିତବର୍ଷ ଡିସେମ୍ବର ସୁଦ୍ଧା ଶେଷ ହେବାର ଆଶା କରାଯାଉଛି । ଏହି ସେତୁ ୧୦୫ବର୍ଷର ପୁରୁଣା ସେତୁ ବଦଳରେ କାର୍ଯ୍ୟ କରିବ । ସ୍ପାନ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗରେ ଦେଶରେ ପ୍ରଥମଥର ପାଇଁ ଏହି ତୀର୍ଯ୍ୟକ ରେଳ ସେତୁ ନିର୍ମିତ ହୋଇଛି ।

ପାମବାନ ସେତୁ ଟ୍ରେନର ଦ୍ରୁତଗତି ସହ ଅଧିକ ମାଲ ମଧ୍ୟ ପରିବହନ କରିବ । ପ୍ରତିବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକ ରାମେଶ୍ୱରମ୍ ଓ ଧନୁଷ କୋଡି ପରିଦର୍ଶନରେ ଆସୁଥିବାରୁ ଏହି ପାମବାନ୍ ସାମୁଦ୍ରିକ ସେତୁ ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ।



# ସାଧାରଣ ଲୋକଙ୍କ ନିମନ୍ତେ ବିମାନଯାତ୍ରା

**"ମୋ ଲକ୍ଷ୍ୟ ହେଲା ଲୋକେ ହାୱାଇ ଚପଲ ପିନ୍ଧି ଉଡାଜାହାଜରେ ଉଡିବେ"**

- ଏହି କଉତୁକିଆ ମନ୍ତବ୍ୟ ହେଉଛି ବିମାନ ଭଡା ହ୍ରାସ କରି ସାଧାରଣ ଲୋକଙ୍କୁ ଉଡାଜାହାଜ ଯାତ୍ରା କରାଇବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଙ୍ଗୀକାରବଦ୍ଧତାର ନିଦର୍ଶନ । ଖୁବ୍ କମ୍ ଦିନ ମଧ୍ୟରେ ଏହା ସାକାର ହେଲା, ଯେତେବେଳେ ସାଧାରଣ ନାଗରିକ ୨୫ଶହ ଟଙ୍କା ଦେଇ ବିମାନଯାତ୍ରା କରିବାରେ ସମର୍ଥ ହେଲେ ।

- ଉଡାନ ଯୋଜନାର ଉଦ୍ଦେଶ୍ୟ ହେଉଛି କମ୍ ବ୍ୟୟ ସାପେକ୍ଷ ବିମାନଯାତ୍ରା ସମସ୍ତଙ୍କୁ ପ୍ରଦାନ କରିବା । ଏହି ମହତ୍ୱାକାଂକ୍ଷୀ ଯୋଜନା ଅଧୀନରେ ବିମାନଭଡା କିଲୋମିଟର ପିଛା ପାଞ୍ଚ ଟଙ୍କା ହାରାହାରି ପଡିବ । ଭାରତରେ ବର୍ତ୍ତମାନ ଟ୍ୟାକ୍ସି ଭଡା ମଧ୍ୟ କିଲୋମିଟର ପିଛା ଦଶଟଙ୍କା ପଡୁଛି ।

- ୫୦୦ କିଲୋମିଟର ପର୍ଯ୍ୟନ୍ତ ଘଣ୍ଟିକିଆ ବିମାନଯାତ୍ରା ବା ଅଧଘଣ୍ଟାକ ପାଇଁ ହେଲିକପ୍ଟର ଯାତ୍ରା ଭଡା ୨୫୦୦ ଟଙ୍କା ରଖାଯାଇଛି ।

- ୨୫୦୦ ଟଙ୍କା ଭଡା ଦେଇ ଏପର୍ଯ୍ୟନ୍ତ ଏହି ଯୋଜନା ଅଧୀନରେ ପ୍ରାୟ ୫୩ ହଜାର ବ୍ୟକ୍ତି ବିମାନଯାତ୍ରା କରିସାରିଛନ୍ତି ।

- ବର୍ତ୍ତମାନ ଦେଶରେ ଏକହଜାର ବିମାନପଥକୁ ସଂଯୋଗ କରାଯିବାକୁ ଯୋଜନା କରାଯାଇଛି, ଯାହାଫଳରେ ଏକ କୋଟି ପର୍ଯ୍ୟଟକ ବିମାନଯାତ୍ରା କରିପାରିବେ ।

- ବର୍ତ୍ତମାନ ଦେଶରେ ପାଞ୍ଚଟି ହେଲିପ୍ୟାଡ, ୫୩ ବିମାନଘାଟି ଓ ଦୁଇଟି ୱାଟର ଏରୋଡ୍ରୋମ ଜରିଆରେ ୩୦୩ଟି ବିମାନ ପଥରେ ବିମାନଯାତ୍ରା ହେଉଛି ।

- ହେଲିକପ୍ଟର ଓ ସମୁଦ୍ର ବିମାନକୁ ମଧ୍ୟ ଉଡାନ ଯୋଜନା ଅଧୀନକୁ ଅଣାଯାଇଛି । ଉଡାନ ବିମାନଯାତ୍ରୀଙ୍କୁ ଏଗାର ଜଣ ଅପରେଟର ଶସ୍ତା ବିମାନଯାତ୍ରା ପାଇଁ ସହାୟତା କରୁଛନ୍ତି ।

- ଯୋଜନା ଅଧୀନରେ ଆଉ ଏକ ହଜାର ବିମାନଯାତ୍ରା ପଥ ଓ ଶହେ ବିମାନ ବନ୍ଦରର ନିର୍ମାଣ ପାଇଁ କାର୍ଯ୍ୟ ଚାଲିଛି ।

- ଆଉ ୩୦ଟି ହେଲିପୋର୍ଟ ଓ ଦଶଟି ୱାର୍ଟର ଏରୋଡ୍ରମ ପାଇ ଭିତ୍ତିଭୂମି ପ୍ରସ୍ତୁତି କରାଯାଇଛି ।

- ଗୁଜରାଟର ଅହମ୍ମଦାବାଦରୁ କେଭାଡିଆ ପର୍ଯ୍ୟନ୍ତ ଦେଶର ପ୍ରଥମ ସାମୁଦ୍ରିକ ଉଡାଣ ସେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତବର୍ଷ ଉଦ୍‌ଘାଟନ କରିଛନ୍ତି । ■




# ଆତ୍ମନିର୍ଭର ଭାରତର ଏକ ଆଇନା

ଭାରତ ହେଉଛି ବିଶ୍ୱର ବୃହତମ ଗଣତନ୍ତ୍ର ଓ ଏହାର ମନ୍ଦିର ହେଉଛି ସଂସଦ ଭବନ । ଏହିଠାରେ ହିଁ ଦେଶର ଭବିଷ୍ୟତ ଗଢାହୁଏ । ବର୍ତ୍ତମାନର ସଂସଦ ଭବନ ଶହେ ବର୍ଷ ତଳେ ନିର୍ମିତ ହୋଇଥିଲା । ଏହି ଶହେ ବର୍ଷ ମଧ୍ୟରେ ଆବଶ୍ୟକତା ଅନୁସାରେ ଏହାର ମରାମତି ଓ ପୁନଃ ନିର୍ମାଣ କାର୍ଯ୍ୟ କରାଯାଉଛି । ପୁରୁଣା ଢାଞ୍ଚାକୁ ନେଇ ଏହାର ବସିବା ସ୍ଥାନ ବୃଦ୍ଧିକରିବା ବା ବୈଷୟିକ ଉନ୍ନୀତକରଣ ଦ୍ୱାରା କିଛି ପରିବର୍ତ୍ତନ କରିବା ମଧ୍ୟ ସମ୍ଭବ ନୁହେଁ । ଏଭଳି ପରିସ୍ଥିତିରେ ଏକବିଂଶ ଶତାବ୍ଦୀର ନବୀନ ଭାରତ ନିମନ୍ତେ ଏକ ନୂତନ ସଂସଦ ଭବନ ଏବଂ ସେଣ୍ଟ୍ରାଲ ଭିଷ୍ଟା ପ୍ରୋଜେକ୍ଟ ଅବଶ୍ୟମ୍ଭାବୀ ।

- ନୂତନ ସଂସଦ ଭବନ ୬୪ହଜାର ୫୦୦ବର୍ଗ ମିଟର ପରିମିତ ଅଞ୍ଚଳରେ ନିର୍ମିତ ହୋଇ ଏକ ଭାରତ, ଶ୍ରେଷ୍ଠ ଭାରତ ସ୍ୱପ୍ନ ସାକାର କରିବ । ନୂତନ ଚାରିମହଲା ବିଶିଷ୍ଟ ସୌଧ ବାବଦ ୯୭୧କୋଟି ଟଙ୍କା ବ୍ୟୟ ହେବ । ନୂତନ ସଂସଦ ଭବନ ଆଗାମୀ ୨୧ ମାସ ଅର୍ଥାତ୍ ଦେଶର ୭୫ତମ ସ୍ୱାଧୀନତା ଦିବସ ପୂର୍ତ୍ତି ବେଳକୁ ସମ୍ପୂର୍ଣ୍ଣ ହେବ ।

- ଭବନର ତ୍ରିଭୂଜାକାର ପରିପାଟି ଆମର ସାଂସ୍କୃତିକ ବିବିଧତା ଯୋଗୁଁ ଖୁବ୍ ସ୍ୱତନ୍ତ୍ର ହେବ । ଏହି ତ୍ରିଭୂଜାକାର ଭବନର ଆନ୍ତରୀଣ ପରିପାଟି, ଆଞ୍ଚଳିକ କଳା, ଭାସ୍କର୍ଯ୍ୟର ଏକ ଅନନ୍ୟ ଉଦାହରଣ ହେବ । ସୁରକ୍ଷା ଦୃଷ୍ଟିରୁ ଏହା ଅଭେଦ୍ୟ ହେବା ସହ ଏହି ଭବନ ଭୂମିକମ୍ପ ପ୍ରତିରୋଧ ବୈଷୟିକ ଜ୍ଞାନ ଦ୍ୱାରା ନିର୍ମିତ ହେବ ।

- ପ୍ରତ୍ୟେକ ସଂସଦ ସଦସ୍ୟଙ୍କ ନିମନ୍ତେ ଗୋଟେ ଲେଖାଏଁ ପୃଥକ୍ କାର୍ଯ୍ୟାଳୟ ଶ୍ରମ ଶକ୍ତି ଭବନ ନିକଟରେ ତିଆରି ହେବ । ସଂସଦ ସଦସ୍ୟମାନଙ୍କ କାର୍ଯ୍ୟାଳୟରେ ଡିଜିଟାଲ ଇଣ୍ଟରପ୍ରେସ ସହ ଅତ୍ୟାଧୁନିକ ସୁବିଧାମାନ ରହିବ । ଏଥିରେ ସାମ୍ବିଧାନିକ ପ୍ରକୋଷ୍ଠ, ଗ୍ରନ୍ଥାଗାର, କମିଟି କକ୍ଷ ଇତ୍ୟାଦି ରହିବ ।

- ପୁରାତନ ଭବନ ନୂତନ ଭବନ ନିର୍ମିତ ହେବା ପରେ ମଧ୍ୟ



**150%**

ନୂତନ ସଂସଦ ଭବନରେ ୧୫୦%
ଅଧିକ ବସିବା ବ୍ୟବସ୍ଥା

**888**
**ଲୋକସଭା ପ୍ରକୋଷ୍ଠ**

**384**
ରାଜ୍ୟସଭା ପ୍ରକୋଷ୍ଠ

ସଂସଦର ମିଳିତ ଅଧିବେଶନରେ ୧୨୭୨ଜଣ ସଂସଦ ସଦସ୍ୟଙ୍କ ନିମନ୍ତେ ବସିବା ସ୍ଥାନ ରହିବ ।

**2000**

ଇଞ୍ଜିନିୟର ଏବଂ କର୍ମଚାରୀ ପ୍ରତ୍ୟକ୍ଷ ଓ ୨000 କର୍ମଚାରୀ ପରୋକ୍ଷ ଭାବେ ସଂସଦ ଭବନ ନିର୍ମାଣରେ ନିୟୋଜିତ ହେବେ ।



ଏହି ଭବନ ଅଭେଦ୍ୟ ଓ ଭୂମିକମ୍ପ ନିରୋଧୀ



ପରିବେଶ ଅନୁକୂଳ ନିର୍ମାଣ ଶୈଳୀ ଯେଉଁଥିରେ ଶକ୍ତି ଉପଯୋଗ ଶତକଡା ୩୦ଭାଗ ହ୍ରାସ ପାଇବ



ଏହା ୧୫୦ବର୍ଷର ଆବଶ୍ୟକତା ପୂରଣ କରିବା ଭଳି ନିର୍ମିତ ହେବ ।

ଲୋକସଭା ଓ ରାଜ୍ୟସଭାର ଉତ୍ତମ ଦୃଶ୍ୟଶ୍ରାବ୍ୟ ଉପକରଣ ରହିବ । ପ୍ରତ୍ୟେକ ଡେସ୍କରେ ଇଲେକ୍ଟ୍ରୋନିକ ଗେଜେଟ ଖଞ୍ଜା ହେବ ।

ବ୍ୟବହୃତ ହେବ । ଉଭୟ ଭବନ ପରସ୍ପର ପରିପୂରକ ଭାବେ କାର୍ଯ୍ୟ କରିବେ । ବର୍ତ୍ତମାନ ଭବନର ଐତିହାସିକ ସଂରକ୍ଷଣ ନେଇ ମଧ୍ୟ ପଦକ୍ଷେପ ନିର୍ମାଣ କାଳରେ ନିଆଯିବ ।

- ଆମେ ଯେପରି ଉପନିବେଶ କାଳର ପ୍ରାଚୀନ ଯୁଦ୍ଧ ସ୍ମାରକୀ ସାମ୍ନାରେ ଜାତୀୟ ଯୁଦ୍ଧ ସ୍ମାରକୀ ନିର୍ମାଣ କରୁଛୁ ସେହିପରି ଆମେ ଏକ ନୂତନ ସଂସଦ ଭବନ ମଧ୍ୟ ନିର୍ମାଣ କରୁଛୁ । ନୂତନ ଓ ଆତ୍ମନିର୍ଭରଶୀଳ ଭାରତ ପାଇଁ ଉତ୍ସର୍ଗୀକୃତ ଏହି ଭବନ ପୁରାତନ ସଂସଦ ଭବନ ସାମ୍ନାରେ ରହିବ ।

- ରାଷ୍ଟ୍ରପତି ଭବନଠାରୁ ରାଜପଥ ମଧ୍ୟରେ ତିନି କିଲୋମିଟର ବ୍ୟାପୀ ଉଭୟ ପାର୍ଶ୍ୱରେ କେନ୍ଦ୍ରୀୟ କାର୍ଯ୍ୟାଳୟ ରହିବ । ଏଠାରେ ଥିବା ଅଧିକାଂଶ ଭବନ ୧୯୩୧ ମସିହା ପୂର୍ବରୁ ନିର୍ମିତ ହୋଇଥିଲା ।

- ସରକାରଙ୍କୁ ଅଧିକ କାର୍ଯ୍ୟକ୍ଷମ କରାଇବାକୁ ହେଲେ କର୍ମଚାରୀମାନଙ୍କ ସହ ସମନ୍ୱୟ ରକ୍ଷା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନର କେନ୍ଦ୍ରୀୟ ସଚିବାଳୟ ଏକବିଂଶ ଶତାବ୍ଦୀର ଆବଶ୍ୟକତା ଅନୁରୂପ ହୋଇ ନ ଥିବାରୁ ସେଣ୍ଟ୍ରାଲ ଭିଷ୍ଟାର ଆବଶ୍ୟକତା ଉପୁଜିଛି ।

- ଉଭୟ ପାର୍ଶ୍ୱର ଚାରିଟି ପ୍ଲଟରେ ୧୦ଟି କାର୍ଯ୍ୟାଳୟ ରହିବ ଓ ଭାରତ ସରକାରଙ୍କ ସମସ୍ତ ମନ୍ତ୍ରଣାଳୟ ଓ କାର୍ଯ୍ୟାଳୟଗୁଡିକ ଗୋଟିଏ ସ୍ଥାନରେ ରହିବ । ମେଟ୍ରୋ ଷ୍ଟେସନରୁ ସୁଡଙ୍ଗ ଦେଇ ଏହିସବୁ ଭବନଗୁଡିକୁ ଯାଇହେବ ।

- ପ୍ରଧାନମନ୍ତ୍ରୀଙ୍କ ବାସଭବନ ଓ କାର୍ଯ୍ୟାଳୟ ମଧ୍ୟ ଏହି ପ୍ରକଳ୍ପ ଅଧୀନରେ ରହିଛି । ଏଥିରେ ଉପରାଷ୍ଟ୍ରପତିଙ୍କ ବାସଭବନ ଓ କାର୍ଯ୍ୟାଳୟ ମଧ୍ୟ ରହିବ । ■

# ଏକ କମ୍ ବ୍ୟୟସାପେକ୍ଷ ମଙ୍ଗଳଗ୍ରହ ଅଭିଯାନ ଦେଶର ବୈଷୟିକ ଉତ୍କର୍ଷର ପ୍ରତିଫଳନ

**"ଆମ ଯୁବଗୋଷ୍ଠୀଙ୍କ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଉତ୍କର୍ଷ ବିନା ଭାରତ କେବେ ବି ମହାକାଶ ଯୁଗରେ ପ୍ରବେଶ କରିପାରି ନ ଥାନ୍ତା । ଆମ ପୂର୍ବ ପୁରୁଷ ସାପ ସହ ଖେଳୁ ଥାଇ ପାରିଥାନ୍ତି, ମାତ୍ର ବଂଶଧର ମାନେ 'ମାଉସ' ସହ ଖେଳୁଛନ୍ତି ।"**

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଯୁକ୍ତରାଷ୍ଟ୍ର ଆମେରିକା ମେଡିସନ୍ ସ୍କୋୟାର ଗ୍ରାଉଣ୍ଡରେ କହିଥିଲେ ଭାରତ ଶକ୍ତିଶାଳୀ ବୈଷୟିକ ଜ୍ଞାନର ଯୁଗରେ ପ୍ରବେଶ କରିସାରିଛି । ଏହା ଦେଶର ତଥାକଥିତ ଛବି ସାପୁଆ କେଳାଙ୍କ ଦେଶର ଭାବନାର ଅନ୍ତ ଘଟାଇଛି ।

- ଭାରତର କମ୍ ବ୍ୟୟସାପେକ୍ଷ ମଙ୍ଗଳଗ୍ରହ ଅଭିଯାନ ଓ ନାଲି ଗ୍ରହରେ ପହଞ୍ଚିବାର ଖର୍ଚ୍ଚ ଗୋଟେ କିଲୋମିଟର ପିଛା ଅଟୋଭଡା ଠାରୁ ମଧ କମ୍ । ଏହା କେବଳ ଦେଶର ପ୍ରଯୁକ୍ତି ଧର୍ମୀ ନୀତି ଓ ଉତ୍ସର୍ଗୀକୃତ କାର୍ଯ୍ୟ ଦ୍ୱାରା ସମ୍ଭବ ହୋଇଛି ।
- ବିଶ୍ୱରେ ଭାରତ ହେଉଛି ଚତୁର୍ଥ ଦେଶ ଯେ କି ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଉପଗ୍ରହ ନିରୋଧୀ ଅସ୍ତ୍ର ନିର୍ମାଣ କରିଛି । ଏହି ବୈଷୟିକ ଜ୍ଞାନ ବଳରେ ମହାକାଶରେ ଉପଗ୍ରହକୁ ମଧ ଧ୍ୱଂସ କରିହେବ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମାର୍ଚ୍ଚ ୨୦୧୯ରେ ଏହା ଘୋଷଣା କରିଛନ୍ତି ।
- ଚନ୍ଦ୍ରଯାନ-୨ ଅଭିଯାନର ଆଂଶିକ ସଫଳତା ପରେ ଚନ୍ଦ୍ରଯାନ-୩ ଅଭିଯାନକୁ ଅନୁମୋଦନ ମିଳିଛି ।
- ଗଗନଯାନ ଅଭିଯାନ ପ୍ରସ୍ତୁତି ପୁରା ଦମ୍‌ରେ ଚାଲୁଛି । ମହାକାଶକୁ ମଣିଷ ପଠାଇବାକୁ ଥିବା ଏହି ଅଭିଯାନ ଦେଶର ୭୫ତମ ସ୍ୱାଧୀନତା ଦିବସ ଅବସରରେ ଆରମ୍ଭ ହେବ ।



ଭାରତ 34 ଟି ଦେଶର 357 ଟି ବିଦେଶୀ ଉପଗ୍ରହକୁ କକ୍ଷପଥରେ ସ୍ଥାପନ କରିଛି

- ଉପଗ୍ରହ ଉତ୍କ୍ଷେପଣ ଓ ଅନ୍ୟାନ୍ୟ ମହାକାଶଜନିତ ସେବା ନିମନ୍ତେ ଘରୋଇ ଉଦ୍ୟୋଗୀମାନଙ୍କୁ ମଧ ଅନୁମତି ପ୍ରଦାନ କରାଯାଇଛି ।
- ୨୦୨୦ରେ ଭାରତୀୟ ମହାକାଶ ବିଜ୍ଞାନୀ ବ୍ରହ୍ମାଣ୍ଡର ବହୁ ଦୂରରେ ଥିବା ଏକ ଜ୍ୟୋତିଷ୍କକୁ ଆବିଷ୍କାର କରିଛନ୍ତି ।
- ୬ଟି ଉତ୍କ୍ଷେପଣ ଯାନ ଓ ୭ଟି ଉପଗ୍ରହ ପ୍ରେରଣ ସମେତ ୨୦୧୯ରେ ୧୩ଟି ମହାକାଶ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି ।
- ଗତବର୍ଷ ବିଏସଏନଏଲ ପକ୍ଷରୁ ଉପଗ୍ରହଭିତ୍ତିକ ଇଣ୍ଟରନେଟ (IoT) ଯାନ୍ତ୍ରିକ ସେବା ଆରମ୍ଭ କରାଯାଇଛି । ଯେଉଁଥିରେ ଦେଶର ସୀମା ମଧରେ ସମୁଦ୍ରର ଯେକୌଣସି ସ୍ଥାନରୁ କଲ କରିହେବ ।



**୨୦୨୦ରେ ଭାରତ ଏହାର ୪୨ତମ ଦୂରସଞ୍ଚାର ଉପଗ୍ରହ CMS-01 PSLV-C -50ମାଧ୍ୟମରେ ପ୍ରେରଣ କରିଛି ।**



**ଜାନୁୟାରୀ ୨୨, ୨୦୨୦ରେ ଇସ୍ରୋ ଏହାର ପ୍ରଥମ ଅର୍ଦ୍ଧନାରୀଶ୍ୱର ବ୍ୟୋମିତ୍ର ବେଙ୍ଗାଲୁରୁରେ ପ୍ରବର୍ତ୍ତନ କରିଛି ।**



ନବଭାରତ ଗଠନର
**ସାତବର୍ଷ**

**୩୪ ବର୍ଷ ପରେ ନୂତନ ଜାତୀୟ ଶିକ୍ଷା ନୀତି**

# ଜ୍ଞାନର ବୈଶ୍ୱିକ ମହାଶକ୍ତିରେ ପରିଣତ ହେବା ଦିଗରେ ଭାରତ ଗତିଶୀଳ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଶିକ୍ଷା ବ୍ୟବସ୍ଥାର ଉନ୍ନତି କରିବା ପାଇଁ ବଦ୍ଧ ପରିକର ଏବଂ ଏଥିପାଇଁ ନିରନ୍ତର ପ୍ରୟାସ କରିଆସୁଛନ୍ତି । ଦ୍ୱିତୀୟ ଥର ପାଇଁ ଦେଶର ଶାସନ ଭାର ସମ୍ଭାଳିବା ମାତ୍ରେ ସେ ଭାରତର ଶିକ୍ଷା ବ୍ୟବସ୍ଥାକୁ ଆମୁଳଚୂଳ ପରିବର୍ତ୍ତନ କରିବା ସହିତ ନୂତନ ଜାତୀୟ ଶିକ୍ଷା ନୀତି ୨୦୨୦କୁ ଅନୁମୋଦନ କରିଛନ୍ତି । ଏଥିସହ କରୋନା କାଳରେ ସବୁ ବର୍ଗର ଛାତ୍ରଛାତ୍ରୀଙ୍କୁ ନିରବଚ୍ଛିନ୍ନ ଶିକ୍ଷା ଯୋଗାଇ ଦିଆଯାଇଛି ଏବଂ ଭାରତରେ ପ୍ରଥମଥର ପାଇଁ ଏନଟିଏ ମାଧ୍ୟମରେ ସମ୍ପୂର୍ଣ୍ଣ କାଗଜ ବିହୀନ ପରୀକ୍ଷା ଅନୁଷ୍ଠିତ ହୋଇଛି ।

- ଭାରତର ଶିକ୍ଷା ବ୍ୟବସ୍ଥାର ରୂପାନ୍ତରଣ ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ୨୦୨୦ ମସିହା ଜୁଲାଇ ୨୯ ତାରିଖରେ ଏକ ନୂତନ ଜାତୀୟ ଶିକ୍ଷା ନୀତିକୁ ଅନୁମୋଦନ କରିଛନ୍ତି, ଯାହା ଉଭୟ ବିଦ୍ୟାଳୟ ଶିକ୍ଷା ଓ ଉଚ୍ଚ ଶିକ୍ଷାରେ ଆମୁଳଚୂଳ ପରିବର୍ତ୍ତନ ଆଣିବ ।
- କେନ୍ଦ୍ର ସରକାର ୩୪ ବର୍ଷ ପରେ ନୂତନ ଶିକ୍ଷା ନୀତି ପ୍ରଚଳନ କରିଛନ୍ତି। ଏହା ହେଉଛି ଏକବିଂଶ ଶତାବ୍ଦୀର ପ୍ରଥମ ଶିକ୍ଷା ନୀତି ଏବଂ ୧୯୬୮ ଓ ୧୯୮୬ ପରେ ଭାରତର ତୃତୀୟ ଶିକ୍ଷା ନୀତି ।
- ଜାତୀୟ ଶିକ୍ଷା ନୀତି ୨୦୨୦ ଅଧିନରେ କେନ୍ଦ୍ର-ରାଜ୍ୟ ସହଭାଗୀତା ମାଧ୍ୟମରେ ଦେଶର ଜିଡିପିର ୬ ପ୍ରତିଶତ ଶିକ୍ଷା କ୍ଷେତ୍ରରେ ନିବେଶ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।
- ଭାଷାଗତ ଅନିବାର୍ଯ୍ୟତାକୁ ଦୂରକରିବା ସହିତ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଯୁକ୍ତି ବିଦ୍ୟାର ବ୍ୟବହାରକୁ ପ୍ରୋତ୍ସାହନ ଯୋଗାଣ ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଭିନବତାର ଭାବନା, ଯଥାର୍ଥ ନିଷ୍ପତି ଓ ସୃଜନଶୀଳ ଚିନ୍ତାଧାରା ଉଦ୍ରେକ କରିବା ସହିତ ସେମାନଙ୍କୁ ଆବଶ୍ୟକ ଜ୍ଞାନ ଓ ଦକ୍ଷତାରେ ପରିପୁଷ୍ଟ କରାଇ ପ୍ରତି ସ୍ତରର ଶିକ୍ଷା ପ୍ରତି ସମାନ ଉପଲବଧତା ସୁନିଶ୍ଚିତ କରାଇବା ନୂତନ ଶିକ୍ଷା ନୀତିର ଉଦ୍ଦେଶ୍ୟ ।
- ସମସ୍ତଙ୍କୁ ଶିକ୍ଷାଦାନ ପାଇଁ ପ୍ରତିଶୃତିବଦ୍ଧ କେନ୍ଦ୍ର ସରକାର ଶିକ୍ଷା ଅଧିକାରର ପରିସରକୁ ବ୍ୟାପକ କରି ପୂର୍ବର ୬ରୁ ୧୪ ବର୍ଷକୁ ୩ରୁ ୧୮ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଏଥିସହ, ଏହି ଶିକ୍ଷା ନୀତି ଆସନ୍ତା ୨୦୩୦ ମସିହା ସୁଦ୍ଧା ଯୁବପିଢ଼ୀ ଓ ବୟସ୍କଙ୍କ ମଧ୍ୟରେ ଶତ ପ୍ରତିଶତ ସାକ୍ଷରତା ହାସଲ କରିବା ପାଇଁ ଲକ୍ଷ୍ୟ ରଖିଛି ।
- ବିଦ୍ୟାଳୟ ପାଠ୍ୟକ୍ରମର ୧୦+୨ ଢାଞ୍ଚା ସ୍ଥାନରେ ୫+୩+୩+୪ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରି ବିଦ୍ୟାଳୟ ଶିକ୍ଷାର ମୌଳିକ ଢାଞ୍ଚାରେ ବୃହତ ପରିବର୍ତ୍ତନ କରାଯାଇଛି । ■

### କରୋନା କାଳରେ ଇ-ଶିକ୍ଷାଗ୍ରହଣକୁ ପ୍ରୋତ୍ସାହନ ଦେବା ନିମନ୍ତେ ଭାରତ ସରକାରଙ୍କ ଦ୍ୱାରା ହାତକୁ ନିଆଯାଇଥିବା ପ୍ରମୁଖ ପଦକ୍ଷେପ

**ଦୀକ୍ଷା:** ଏଥିରେ ସିବିଏସଇ, ଏନସିଇଆରଟି ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ଦ୍ୱାରା ପ୍ରଣୀତ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ଭାଷାର ୮୦ ହଜାରରୁ ଅଧିକ ଇ-ପୁସ୍ତକ ରହିଛି । ଛାତ୍ରଛାତ୍ରୀମାନେ ଏହି ଆପ୍ ଡାଉନଲୋଡ କରି ବହୁ ପରିମାଣରେ ଲାଭାନ୍ୱିତ ହେଉଛନ୍ତି ।

**ଇ-ପାଠଶାଳା:** ଏନସିଇଆରଟି ବିଭିନ୍ନ ଭାଷାରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ନିମନ୍ତେ ୧୮୮୬ ଅଡିଓ, ୨୦୦୦ ଭିଡିଓ, ୬୯୬ ଇ-ପୁସ୍ତକ ଏବଂ ୫୦୪ ଫ୍ଲିପ ପୁସ୍ତକ ସ୍ଥାନିତ କରିଛି ।

**ସ୍ୱୟଂପ୍ରଭା:** ଏହାର ଶୈକ୍ଷିକ ବିଷୟବସ୍ତୁକୁ ୨୪/୭ ଆଧାରରେ ପ୍ରସାରଣ କରୁଥିବା ୩୨ଟି ଡିଟୁଏଚ୍ଚ ଟିଭି ଚ୍ୟାନେଲ ରହିଛି । ଯେଉଁମାନଙ୍କ ନିକଟରେ ଇଣ୍ଟରନେଟ ସୁବିଧା ନାହିଁ ସେମାନଙ୍କ ନିକଟରେ ପହଞ୍ଚିବା ଓ ସେମାନଙ୍କୁ ସହାୟତା କରିବା ପାଇ ଏହାକୁ ପ୍ରସ୍ତୁତ କରାଯାଇଛି ।

**ଜାତୀୟ ମୁକ୍ତ ଶୈକ୍ଷିକ ସମ୍ବଳର ଭଣ୍ଡାର :** ଏଥିରେ ବିଭିନ୍ନ ଭାଷାର ୪୦୧ ସଂଗ୍ରହ, ୨,୭୭୯ ଦସ୍ତାବିଜ୍, ୧,୩୪୫ ପର୍ଯ୍ୟାଲୋଚନା, ୧,୬୬୪ ଅଡିଓ, ୨,୫୮୬ ଫଟୋଚିତ୍ର ଏବଂ ୬,୧୫୩ ଭିଡିଓ ସମେତ ସମୁଦାୟ ୧୪,୫୨୭ ଫାଇଲ୍ ରହିଛି।




# ସମସ୍ତ କ୍ଷେତ୍ରରେ ଡିଜିଟାଲ ସଶକ୍ତିକରଣ

ବର୍ତ୍ତମାନ ଦେଖାଦେଇଥିବା କରୋନା ସଙ୍କଟ ସମୟରେ ଲୋକମାନେ ଗୋଟିଏ ଜିନିଷର ବହୁଳ ବ୍ୟବହାର କରୁଛନ୍ତି, ତାହା ହେଉଛି ଡିଜିଟାଲ ପ୍ରଯୁକ୍ତିବିଦ୍ୟା । ୨୦୧୫ ମସିହାଠାରୁ, କେନ୍ଦ୍ର ସରକାର ଶକ୍ତ ଢ଼ାଞ୍ଚା ନିର୍ମାଣ ପଦକ୍ଷେପ ସହିତ ଏହି ଦିଗରେ ଅନେକ କାର୍ଯ୍ୟ କରିଛନ୍ତି ଯାହା ବର୍ତ୍ତମାନ ଏକ ମଜବୁତ ସମାଜର ସହାୟକ ଓ ଜୀବନରେଖା ପାଲଟୁଛି । ଶ୍ରମ କ୍ଷେତ୍ର ହେଉ ବା ମହିଳାମାନଙ୍କ ପାଇଁ ଜୀବନକୁ ସହଜସାଧ କରିବା, ପ୍ରଶାସନ ପାଇଁ ଗାଁ ଓ ଗରିବଙ୍କ ନିକଟରେ ପହଞ୍ଚିବାକୁ ସହଜ କରିବା, କିମ୍ବା ଖାଉଟି ସୁରକ୍ଷା, ଏହା ରାଜନୀତି, ଶାସନ ଏବଂ କୂଟନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଆଧାର ପାଲଟିଛି । ଡିଜିଟାଲ ପ୍ରଯୁକ୍ତିବିଦ୍ୟା ଦେଶରେ ଏକ ନୂତନ ଯୁଗର ଅଗ୍ରଦୂତ ପାଲଟିଛି ।

## ଶ୍ରମ ସଂସ୍କାର:ସମସ୍ତ ସଂସ୍କାରର ମୂଳ ଆଧାର

ସ୍ୱାଧୀନ ଭାରତର ୫୦ କୋଟି ଶ୍ରମିକଙ୍କ ପାଇଁ ସବୁଠାରୁ ବଡ ସଂସ୍କାର ୭୩ ବର୍ଷ ପରେ ଚାରିଟି ଶ୍ରମ କୋଡ ମାଧ୍ୟମରେ ଆସିଥିଲା, ଯାହା ଶ୍ରମିକଙ୍କ ପାଇଁ ଏକ ବରଦାନ ସାବ୍ୟସ୍ତ ହେବାରେ ଲାଗିଛି। ପୂର୍ବର ଶ୍ରମ ଆଇନ୍‌ଗୁଡିକରେ ଥିବା ଅଧିକାଂଶ ପ୍ରାବଧାନ ବ୍ରିଟିଶ ଶାସନ ଅମଳର ହୋଇଥିବାରୁ ଏଥିରେ ପ୍ରବଳ କାଗଜପତ୍ର କାମ ଆବଶ୍ୟକ ହେଉଥିଲା ଯାହା ଶ୍ରମିକ ଓ କର୍ମଚାରୀମାନଙ୍କ ସ୍ୱାର୍ଥର ସୁରକ୍ଷା ପରିବର୍ତ୍ତେ ଦୁର୍ବହ ଓ କଷ୍ଟସାଧ ସାବ୍ୟସ୍ତ ହେଉଥିଲା । ଏହି ଆଇନ୍ ଏତେମାତ୍ରାରେ ଅଡୁଆ ହୋଇ ଥିଲା ଯେ ସେହି ଏକା କାମ ପାଇଁ ଶ୍ରମିକମାନଙ୍କୁ ୪ଟି ପୃଥକ ଫର୍ମ ପୂରଣ କରିବାକୁ ପଡୁଥିଲା । ସେହି ଆଇନ୍‌ରେ ପାଖାପାଖି ୩ ଡଜନ ଆଇନ୍, ୧୪୫୮ ବିଭାଗ ଏବଂ ୯୩୭ ଅନ୍ୟାନ୍ୟ ବିଷୟ ଆଦି ରହିଥିବାରୁ ନିଯୁକ୍ତିଦାତାମାନଙ୍କୁ ଶ୍ରମ ବିଭାଗର ବିଭିନ୍ନ କାର୍ଯ୍ୟାଳୟକୁ ଦୌଡିବାକୁ ପଡୁଥିଲା । କିନ୍ତୁ ନବ ଭାରତର ନୂତନ ଶ୍ରମିକ କୋଡ ଚାହିଦା ଭିତ୍ତିକ ଅର୍ଥନୀତିକୁ ଉତ୍ସାହିତ କରିବ ଏବଂ ଅଭିବୃଦ୍ଧି ଗତିଶୀଳ ହେବ ।

### ସବୁଠାରୁ ବ୍ୟାପକ ଏବଂ ପ୍ରଭାବଶାଳୀ ସଂସ୍କାର

**29** କୋଟି ଶ୍ରମିକ ପରିବାର

**50** କୋଟି ଶ୍ରମିକ ଦେଶରେ ଅଛନ୍ତି

ଏବେ ସବୁ ଶ୍ରମ ଆଇନ୍ ୪ଟି କୋଡ୍ ସହ ସଂଯୁକ୍ତ ହୋଇଛି । ଏବେ ପ୍ରଥମ ଥର ପାଇଁ ସବୁ ଶ୍ରମିକ ସର୍ବନିମ୍ନ ମଜୁରୀର ଅଧିକାର ପାଇଛନ୍ତି । ପ୍ରତ୍ୟେକଙ୍କୁ ସାମାଜିକ ସୁରକ୍ଷା ବଳୟ ଅଧିନକୁ ଅଣାଯାଇ ସେମାନଙ୍କୁ ବୀମା ଓ ପେନସନ ଭଳି ସୁବିଧା ସୁନିଶ୍ଚିତ କରାଯାଉଛି ।

### ଇଏସଆଇ, ପେନସନ୍

ଏବେ ଅନଲାଇନ ପୋର୍ଟାଲ ମାଧ୍ୟରେ ସବୁ ସୁବିଧା ଉପଲବଧ ଅଛି, ଯାହାକୁ ଯେକେହି ଯେକୌଣସି ସ୍ଥାନରୁ ହାସଲ କରିପାରିବ

क.रा.बी.नि. ESIC



### ପରିବାରବୋଧ

ପ୍ରଥମ ଥର ପାଇଁ ସଂଗଠିତ ଓ ଅଣସଂଗଠିତ କ୍ଷେତ୍ରର ଶ୍ରମିକ ଓ ସେମାନଙ୍କ ନିଯୁକ୍ତିଦାତାଙ୍କ ମଧ୍ୟରେ ଏକ ପାରିବାରିକ ଭାବନା ଅନ୍ତର୍ନିବିଷ୍ଟ କରିବା ପାଇଁ ଏକ ଉଦ୍ୟମ କରାଯାଇଛି।




### ଶ୍ରମ ସୁବିଧା ପୋର୍ଟାଲ

ଶ୍ରମ ସୁବିଧା ପୋର୍ଟାଲ ମାଧ୍ୟମରେ ସହଜରେ ଆୟକର ରିଟର୍ଣ୍ଣ ଦାଖଲ କରିବା ପାଇଁ ଶିଳ୍ପସଂସ୍ଥାଗୁଡିକ ସକାଶେ ସମସ୍ତ ବ୍ୟବସ୍ଥା କରାଯାଇଛି ।

# ସର୍ବନିମ୍ନ ସରକାର
# ସର୍ବାଧିକ ଶାସନ

ଡିଜିଟାଲ ହେଉଛି ଏହି ମନ୍ତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଯାହା ସାଧାରଣ ନାଗରିକଙ୍କ ଜୀବନକୁ ସୁଗମ କରିବା ସହିତ ସେମାନଙ୍କୁ ଫର୍ମର ଜାଲରୁ ମୁକ୍ତ କରିବା ପାଇଁ ପ୍ରଚଳନ ଯାଇଥିଲା ।



**1842** ମାନ୍ଧାତା ଆଇନ ଉଚ୍ଛେଦ କରାଯାଇଛି

ବିଭାଗ, ଯୋଜନା ଓ ମନ୍ତ୍ରଣାଳୟଗୁଡିକର ପୁନର୍ଗଠନ ଦ୍ୱାରା କାର୍ଯ୍ୟର ବେଗ ତ୍ୱରାନ୍ୱିତ ହୋଇଛି । ଏକ ନିର୍ଦ୍ଦିଷ୍ଟ ସ୍ତରର ତଳେ ଥିବା ସମସ୍ତ ନିଯୁକ୍ତି ନିମନ୍ତେ ସାକ୍ଷାତକାର ବ୍ୟବସ୍ଥାକୁ ଉଚ୍ଛେଦ କରାଯିବା ସହିତ ଦସ୍ତାବିଜ ଯାଞ୍ଚ ସ୍ଥାନରେ ସ୍ୱ-ପ୍ରମାଣନ କରିବା ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଡିଜିଟାଲ ମଞ୍ଚ ମାଧ୍ୟମରେ ଜନସାଧାରଣଙ୍କ ସହ ସିଧାସଳଖ କଥାବାର୍ତ୍ତା ଆରମ୍ଭ ହୋଇଛି ।



ଉମଙ୍ଗ ଆପ, ଡିଜି ଲକର ଭଳି ସୁବିଧା ଜନସାଧାରଣଙ୍କୁ ସରଳ ଓ ପାରଦର୍ଶୀ ଡିଜିଟାଲ ବ୍ୟବସ୍ଥା ଯୋଗାଇ ଦେଇଛି




ଆୟକର ରିଟର୍ଣ୍ଣ ପାଇଁ ଆବେଦନ ହେଉ କିମ୍ବା ଫେରସ୍ତ ବ୍ୟବସ୍ଥା ପ୍ରତିଟି ଜିନିଷ ଏବେ ମୁଖବିହୀନ, ଏହା ଦୁର୍ନୀତିର ମୁକାବିଲା ସହିତ କରଦାତାମାନଙ୍କୁ ଏକ ବଡ ଆଶ୍ୱସ୍ତି ପ୍ରଦାନ କରୁଛି ।

**ପ୍ରବାସୀ ଶ୍ରମିକ**
ପ୍ରବାସୀ ଶ୍ରମିକମାନଙ୍କ ପାଇଁ ଶ୍ରମ ଆଇନରେ ସଂସ୍କାର ସହିତ ଏକ ଜାତୀୟ ଡାଟାବେସ ପ୍ରସ୍ତୁତ କରାଯାଇଛି ।

**06**
କୋଟି ଲୋକଙ୍କୁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଡିଜିଟାଲ ସାକ୍ଷରତା ଅଭିଯାନ ଅଧିନରେ ଡିଜିଟାଲ ଭାବେ ସାକ୍ଷର କରାଯାଇଛି ।

**ଡିଜିଟାଲ ଜୀବନ ପ୍ରମାଣନ**
ଏବେ ସେବାନିବୃତ ହେବା ପରେ ପେନସନ ପାଇବା ପାଇଁ ଜୀବନ ପ୍ରମାଣନ ଦେବା ସକାଶେ ଡିଜିଟାଲ ପ୍ରମାଣନ ସୁବିଧା ଯୋଗାଇ ଦିଆଯାଉଛି

**ଡିଜିଟାଲ ଖାଉଟି ଅଧିକାର**
ଖାଉଟି ଗୋଷ୍ଠୀ, ଗାମା ପୋର୍ଟାଲ ଏବଂ କନଫୋନେଟ ଆପ୍ ଜରିଆରେ ଖାଉଟିମାନେ ଏବେ ସହଜରେ ଅଭିଯୋଗ ଦାଖଲ କରିପାରିବେ

## ପ୍ରତି ଗାଁରେ ଅପଟିକାଲ ଫାଇବର ପହଞ୍ଚିଛି

ଆଜିର ନବ ଭାରତରେ ସହରଗୁଡିକ ତୁଳନାରେ ଗ୍ରାମଗୁଡିକରେ ଅଧିକ ସଂଖ୍ୟାରେ ଇଣ୍ଟରନେଟ ବ୍ୟବହାରକାରୀ ଅଛନ୍ତି, ଏହି କଥାରୁ ସହଜରେ ବୁଝାପଡୁଛି ଯେ ଗାଁଗୁଡିକ କେତେ ମାତ୍ରାରେ ପ୍ରଗତି କରିଛନ୍ତି । ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଅନ୍ତଃସଲୀଳ ଅପ୍ଟିକାଲ ଫାଇବର କେବଲ ସଂଯୋଗ କାରଣରୁ ଏହିସବୁ ଦ୍ୱୀପପୁଞ୍ଜରେ ୪ଜି ମୋବାଇଲ ସେବା ଟେଲି ଶିକ୍ଷା, ଟେଲି ସ୍ୱାସ୍ଥ୍ୟ, ଇ-ଗଭର୍ଣ୍ଣାନସ ସେବା, ଓ ପର୍ଯ୍ୟଟନ ଭଳି ଡିଜିଟାଲ ସେବାକୁ ପ୍ରୋତ୍ସାହନ ମିଳିବ । ଏଥିପାଇଁ ୧,୨୨୪ କୋଟି ଟଙ୍କା ବ୍ୟୟ କରାଯାଇଛି ।

ଦେଶର ସମସ୍ତ ୬ଲକ୍ଷ ଗାଁରେ ଅପ୍ଟିକାଲ ଫାଇବର ବିଛାଇବାକୁ ଲକ୍ଷ୍ୟ ରଖାଯାଇଛି ।

୧.୫୮ ଲକ୍ଷ ଗାଁରେ ଅପ୍ଟିକାଲ ଫାଇବର ବିଛାଯାଇଛି ।

୩.୭୪ ଲକ୍ଷ ଜନ ସେବା କେନ୍ଦ୍ରରେ ବିଭିନ୍ନ ସରକାରୀ ସେବା ନିମନ୍ତେ ଡିଜିଟାଲ ସୁବିଧା ଉପଲବଧ ଅଛି ।





# ସବକା ସାଥ ସବକା ବିକାଶ

ସହର ଗୁଡିକ ଭଳି ଗ୍ରାମାଞ୍ଚଳର ପ୍ରଗତି ପାଇଁ ଗରିବ ଲୋକଙ୍କ ସକାଶେ ସମସ୍ତ ସୁବିଧା ଉପଲବ୍ଧ କରାଇବା, ମଧ୍ୟବିତ ଶ୍ରେଣୀ ଲୋକମାନଙ୍କର ଜୀବନ ଧାରଣର ମାନକୁ ଉନ୍ନତ କରିବା, ଏବଂ କୃଷକମାନଙ୍କ ଆୟକୁ ଦୁଇଗୁଣା କରିବା ପାଇଁ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିବା ଆଦି ସରକାରଙ୍କ ବିଶିଷ୍ଟତା, ଯାହାଦ୍ୱାରା ସ୍ୱଚ୍ଛନ୍ଦରେ ଜୀବନ ଯାପନରେ ବ୍ୟାପକଭାବେ ଉନ୍ନତି ଘଟିଛି ।

"ମୁଁ ଗୋଟିଏ କଥା କହିବାକୁ ଚାହୁଁଛି ଯେ, ଯେଉଁମାନେ ମତେ ଜାଣିଛନ୍ତି, ସେମାନେ ହିଁ କେବଳ ମତେ ବୁଝିଛନ୍ତି । ମୁଁ ନିଜ ପାଇଁ କିମ୍ବା ମୋ ପାଖ ଲୋକଙ୍କ ପାଇଁ ବଞ୍ଚେ ନାହିଁ । ଗରିବ ଲୋକମାନଙ୍କର ମଙ୍ଗଳ ହିଁ ମୋର ଉଦ୍ଦେଶ୍ୟ । ମୁଁ ଦାରିଦ୍ର୍ୟ ମଧ୍ୟରେ ଜନ୍ମଗ୍ରହଣ କରିଛି ଏବଂ ଜଣେ ଗରିବର ଜୀବନ ଅତିବାହିତ କରିଛି । ମୁଁ ଗରିବର ପୀଡାକୁ ଭଲଭାବେ ବୁଝିଛି ।" ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି କଥା ସମସ୍ତଙ୍କ ପାଇଁ ବିକାଶ ସକାଶେ ତାଙ୍କ ଆଭିମୁଖ୍ୟ ଓ ଅଙ୍ଗୀକାରବଦ୍ଧତାକୁ ପ୍ରତିଫଳିତ କରୁଛି । ଏକ ସନ୍ତୁଳିତ ବିକାଶ ଲକ୍ଷ୍ୟରେ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି, ଯାହା ମଧ୍ୟରେ ଗ୍ରାମାଞ୍ଚଳରେ ଭିତ୍ତିଭୂମୀ ବିକାଶ, ଗରିବମାନଙ୍କ ପାଇଁ ପକ୍କାଘର ନିର୍ମାଣ, ଶୌଚାଳୟ ନିର୍ମାଣ, ସମସ୍ତଙ୍କ ପାଇଁ ଏଲପିଜି ସଂଯୋଗ ଉପଲବଧ କରିବା, ଜନଧନ ଯୋଜନା ମାଧ୍ୟମରେ ବ୍ୟାଙ୍କ ଖାତା ଖୋଲିବା, ନିଯୁକ୍ତି ସୃଷ୍ଟି ପାଇଁ ଆର୍ଥିକ ସହାୟତା କିମ୍ବା ଜୀବନ ସୁରକ୍ଷା ପାଇଁ ବୀମା ଯୋଜନା ଆଦି ଅନ୍ତର୍ଭୁକ୍ତ । ୬ଲକ୍ଷ ଗ୍ରାମରେ ବସବାସ କରୁଥିବା ଦେଶର ୮୦-୮୫ ପ୍ରତିଶତ ଜନସଂଖ୍ୟା ସନ୍ତୁଳିତ ବିକାଶ ପାଇଁ ସରକାରଙ୍କ ଯୋଜନା ପରିସରଭୁକ୍ତ ହୋଇଛନ୍ତି ।

### ସରକାରଙ୍କ ଦରିଦ୍ର ପ୍ରାଧାନ୍ୟ ନୀତି

**ଗରିବମାନଙ୍କ କଲ୍ୟାଣକୁ ଅଗ୍ରାଧିକାର ଦିଆଯାଇଆସୁଛି:** ୨୦୨୦ ମାର୍ଚ୍ଚ ୨୬ ତାରିଖରେ ଲକଡାଉନ୍ ଘୋଷଣା ହେବାର ମାତ୍ର ଗୋଟିଏ ଦିନ ପରେ, ଗରିବ ମାନଙ୍କ ପାଇଁ ୧.୭୫ ଲକ୍ଷ କୋଟି ଟଙ୍କାର ଏକ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରାଯାଇଥିଲା । ଏହି ପ୍ୟାକେଜ୍‌ରେ ୫ କିଲୋଗ୍ରାମ ଚାଉଳ ଏବଂ ଡାଲି ତଥା ରାସନ୍ ବିତରଣ, ୨୦ କୋଟି ମହିଳାଙ୍କ ଆକାଉଂଟରେ ୫୦୦ ଟଙ୍କା ଲେଖାଏଁ ଜମା, ୮କୋଟି ପରିବାରକୁ ମାଗଣା ଏଲପିଜି ସଂଯୋଗ, ୩ କୋଟି ବରିଷ୍ଠ ନାଗରିକ, ବିଧବା, ଏବଂ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ମାସିକ ୧,୦୦୦ଟଙ୍କା ଲେଖାଏଁ ପେନସନ୍ ଆଦି ବ୍ୟବସ୍ଥା ସାମିଲ ଥିଲା । ପ୍ରବାସୀ ଶ୍ରମିକମାନଙ୍କୁ ନିରାପଦ ଭାବେ ନିଜ ଭିଟାମାଟିକୁ ଫେରାଇ ଆଣିବା ଓ ସେମାନଙ୍କ କଲ୍ୟାଣ ପାଇଁ ରାଜ୍ୟଗୁଡିକୁ ୧୧ ହଜାର କୋଟି ଟଙ୍କା ପ୍ରଦାନ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ଥିଲା ।

**ଗରିବମାନଙ୍କୁ ମାଗଣାରେ ରାସନ୍ ଉପଲବଧତା ସୁନିଶ୍ଚିତ କରାଇବା:** କରୋନା ମହାମାରୀ ସମୟରେ ମେ-ଜୁନ୍ ମାସରେ ୨୬ ହଜାର କୋଟି ଟଙ୍କା ବିନିମୟରେ ୮୦ କୋଟି ନାଗରିକଙ୍କୁ ମାଗଣାରେ ରାସନ୍ ଯୋଗାଇ ଦିଆଯାଇଥିଲା ।

**ପକ୍କା ଗୃହ:** ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଅଧିନରେ ୨.୧୪ କୋଟି ଯୋଗ୍ୟ ପରିବାର ମଧ୍ୟରୁ ୧.୯୩ କୋଟି ଗୃହ ମଞ୍ଜୁର କରାଯାଇସାରିଛି । ଉଲ୍ଲେଖନୀୟ ବିଷୟ ହେଉଛି, ୧.୩୭ କୋଟି ଗୃହର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ସମସ୍ତଙ୍କୁ ପକ୍କା ଗୃହ ଯୋଗାଇଦେବା ପାଇଁ ସରକାରଙ୍କର ଯେଉଁ ସ୍ୱପ୍ନ ରହିଛି ଅମୃତ ମହୋତ୍ସବର ଉଦଯାପନ ପୂର୍ବରୁ ତାହା ବାସ୍ତବ ରୂପ ନେବ ।

**ଉଜ୍ଜ୍ୱଳା ଯୋଜନା:** ୮କୋଟି ଗରିବ ପରିବାରକୁ ଏଲପିଜି ସଂଯୋଗ ଯୋଗାଇ ଦିଆଯାଇଛି, ଏହାଦ୍ୱାରା ଜନସଂଖ୍ୟାର ୯୯.୬ ପ୍ରତିଶତ ଲୋକ ଏହି ସୁବିଧାର ଅନ୍ତର୍ଭୁକ୍ତ ହୋଇଛନ୍ତି ।

**ସବୁ ଘରେ ଶୌଚାଳୟ ନିର୍ମାଣ:** ସ୍ୱଚ୍ଛ ଭାରତ ଅଭିଯାନ ଅଧିନରେ ୧୧ କୋଟି ଶୌଚାଳୟ ନିର୍ମାଣ କରାଯାଇଛି ।

**ଗରିବ କଲ୍ୟାଣ ରୋଜଗାର ଯୋଜନା:** ପ୍ରବାସୀ ଶ୍ରମିକମାନଙ୍କୁ ସେମାନଙ୍କ ଗାଁରେ ହିଁ ନିଯୁକ୍ତି ସୁଯୋଗ ପ୍ରଦାନ କରାଯିବ ।

**ଜୀବନ ବୀମା:** କେନ୍ଦ୍ର ସରକାର ବାର୍ଷିକ ୧୨ ଟଙ୍କା ପ୍ରିମିୟମରେ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଏବଂ ବାର୍ଷିକ ୩୩୦ ଟଙ୍କା ପ୍ରିମିୟମରେ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଭଳି ଦୁଇଟି ମହତ୍ୱାକାଂକ୍ଷୀ ବୀମା ଯୋଜନା ଆରମ୍ଭ କରିଛନ୍ତି । ଏହି ଦୁଇଟି ଯୋଜନାରୁ ପ୍ରାୟ ୩୩ କୋଟି ଲୋକ ଉପକୃତ ହେଉଛନ୍ତି ।

**ଗାଁ ପର୍ଯ୍ୟନ୍ତ ଇଣ୍ଟରନେଟ ସଂଯୋଗ ପହଞ୍ଚାଇବା:** ପ୍ରଥମ ଥର ପାଇଁ, ଗ୍ରାମାଞ୍ଚଳରେ ଇଣ୍ଟରନେଟ ବ୍ୟବହାର ସହରକୁ ଟପିଯାଇଛି। ପ୍ରତ୍ୟେକ ପଞ୍ଚାୟତକୁ ଅପ୍ଟିକାଲ ଫାଇବର କେବୁଲ ଯୋଗେ ସଂଯୋଗ ପାଇଁ ଜୋରସୋରରେ କାର୍ଯ୍ୟ ଜାରି ରହିଛି ।

**ସ୍ୱାମୀତ୍ୱ ଯୋଜନା: ମୋ ସମ୍ପତି-ମୋ ଅଧିକାର**

- ଏହି ଯୋଜନା ଅଧିନରେ ହିତାଧିକାରୀମାନଙ୍କୁ ସେମାନଙ୍କ ଜମିର ସତ୍ତ୍ୱାଧିକାର ନିଶ୍ଚିତ କରୁଥିବା ସରକାରୀ ଦସ୍ତାବିଜ୍ ମଞ୍ଜୁର କରାଯାଉଛି ।
- ପ୍ରତ୍ୟେକ ଗ୍ରାମରେ ଜମି ରେକର୍ଡର ଡିଜିଟିକରଣ କରିବା ଏହି ଯୋଜନାର ଉଦ୍ଦେଶ୍ୟ । ଗୃହପୋଯୋଗୀ ଜମିର ଡିଜିଟାଲ ନକସା ପ୍ରସ୍ତୁତି ପାଇଁ ଦୃତ ଗତିରେ କାର୍ଯ୍ୟ ଆଗେଇ ଚାଲିଛି, ଯେଉଁ ସମସ୍ୟା ପ୍ରତି ଭାରତରେ ବ୍ରିଟିଶ ଶାସନ କାଳରୁ ଉପଯୁକ୍ତ ଦୃଷ୍ଟି ଦିଆଯାଇନଥିଲା ।
- ଏହାଦ୍ୱାରା ୨୦୨୪ ଏପ୍ରିଲ ସୁଦ୍ଧା ସ୍ୱାମୀତ୍ୱ ଯୋଜନାରେ ୬.୬୨ ଲକ୍ଷ ଗାଁକୁ ଅନ୍ତର୍ଭୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି ।

**ପିଏମ ସ୍ୱନିଧି ଯୋଜନା:** ରାସ୍ତାକଡର ଉଠାଦୋକାନୀମାନଙ୍କୁ ସମ୍ମାନ ଓ ଆତ୍ମନିଯୁକ୍ତି ସୁଯୋଗ ପ୍ରଦାନ ଉଦ୍ଦେଶ୍ୟରେ ଏହି ଯୋଜନା ରାସ୍ତାକଡର ଉଠାଦୋକାନୀମାନଙ୍କ ମନରେ ଆଶ୍ୱସ୍ତି ଆଣିଦେଇଛି । ଏହି ଯୋଜନା ଅଧିନରେ ୫୦ ଲକ୍ଷ ରାସ୍ତାକଡର ଉଠାଦୋକାନୀମାନଙ୍କ ପାଇଁ ୧୦ହଜାର ଟଙ୍କାର ଋଣ ବ୍ୟବସ୍ଥା ରହିଛି । ଏହି ଋଣ ପାଇଁ ପାଖାପାଖି ୪୧ ଲକ୍ଷ ଆବେଦନକାରୀ ଆବେଦନ କରିଛନ୍ତି ଯାହା ମଧ୍ୟରୁ ୨୪ଲକ୍ଷଙ୍କୁ ଏହି ଋଣ ମଞ୍ଜୁର କରାଯାଇସାରିଛି ।

**ଦଲାଲଙ୍କଠାରୁ ମୁକ୍ତି:** କୃଷକମାନେ ନିଜ ଇଚ୍ଛାରେ ସେମାନଙ୍କ ଉତ୍ପାଦ ବିକ୍ରୀ କରିବାକୁ ଅନୁମତି ଦେବା ନିମନ୍ତେ ଦୃଢ ଦଲାଲ ନେଟୱର୍କ ଶୃଙ୍ଖଳକୁ ଭାଙ୍ଗି ଦିଆଯାଇଛି ।

**"ଅତୀତରେ ଗରିବମାନଙ୍କ କଲ୍ୟାଣ ପାଇଁ ଅନେକ ପ୍ରତିଶୃତି ଦଆଯାଇଛି, କିନ୍ତୁ ଏହି ସରକାରଙ୍କ ଅମଳରେ କୃଷକମାନଙ୍କ କଲ୍ୟାଣ ନିମନ୍ତେ ଯେଉଁଭଳି ଭାବରେ ଏତେସବୁ କାର୍ଯ୍ୟ କରାଯାଇଛି, ତାହା ଅଭୂତପୂର୍ବ।**

**-ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ**

## ଅନ୍ନଦାତା (କୃଷକ)ମାନଙ୍କ ପାଇଁ ସମ୍ମାନ ଓ ସୁବିଧା ସୁନିଶ୍ଚିତ କରିବା

**ପିଏମ କିଷାନ ସମ୍ମାନନିଧି:** ଏହି ଯୋଜନା ଅଧିନରେ ଫେବୃଆରୀ ମାସ ପର୍ଯ୍ୟନ୍ତ କୃଷକମାନଙ୍କ ବ୍ୟାଙ୍କ ଖାତାକୁ ୧ଲକ୍ଷ୧୩ ହଜାର କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର କରାଯାଇଛି ।

**କିଷାନ ରେଲ:** କରୋନା କାଳରେ କୃଷି କ୍ଷେତ୍ରର ଆୟ ବୃଦ୍ଧି କରିବା ଉଦ୍ଦେଶ୍ୟରେ କିଷାନ ରେଳର ଶୁଭାରମ୍ଭ କରାଯାଇଥିଲା ।

**କୃଷକମାନେ ସେମାନଙ୍କ ଦ୍ୱାରା ଉତ୍ପାଦିତ କୃଷିଜାତ ଉତ୍ପାଦର ମାଲିକ ହେବେ:** ସଂସଦ ତିନିଟି ନୂତନ କୃଷି ନୀତିକୁ ଅନୁମୋଦନ କରିଥିଲା ଯାହା କୃଷକମାନଙ୍କୁ ମଣ୍ଡି ବାହାରେ ସେମାନଙ୍କ ଉତ୍ପାଦ ବିକ୍ରୀ କରିବା ପାଇଁ ସମର୍ଥ କରାଇଛି ।



**ଇ-ନାମ କୃଷିଜାତ ସାମଗ୍ରୀ ନିମନ୍ତେ ଅନଲାଇନ ବ୍ୟବସାୟ ମଞ୍ଚ ଯୋଗାଇ ଦେଉଛି:**
କେତେକ ରାଜ୍ୟରେ ଏହି ମଞ୍ଚ ମାଧ୍ୟମରେ କୃଷକ ଓ କ୍ରେତାଙ୍କ ମଧ୍ୟରେ ୧.୧୩ ଲକ୍ଷ କୋଟି ଟଙ୍କାର କାରବାର ହୋଇପାରିଛି। ବର୍ତ୍ତମାନ ସୁଦ୍ଧା ୧କୋଟି ୭୦ଲକ୍ଷରୁ ଉର୍ଦ୍ଧ୍ୱ କୃଷକ ଏଥିରେ ପଞ୍ଜିକୃତ ହୋଇଛନ୍ତି ।

**ଏକ ରାଷ୍ଟ୍ର, ଏକ ସର୍ବନିମ୍ନ ସହାୟକ ମୂଲ୍ୟ ଏବଂ ଏକ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର:** ପ୍ରଥମ ଥର ପାଇଁ କୌଣସି ସରକାର ଉତ୍ପାଦନ ଖର୍ଚ୍ଚର ଦେଢଗୁଣା ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରିଛନ୍ତି ।

**କୃଷକ ଉତ୍ପାଦକ ସଂଗଠନ (ଏଫପିଓ):** ଦେଶର ୮୬ ପ୍ରତିଶତ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ଲକ୍ଷ୍ୟରେ ୧୦ହଜାର ଏଫପିଓ ଗଠନ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି ଓ ଏଥିପାଇଁ ଅନୁମୋଦନ ମିଳିସାରିଛି । କେନ୍ଦ୍ର ସରକାର ୨୦୨୨ ସୁଦ୍ଧା କୃଷକମାନଙ୍କୁ ଋଣ ମୁକ୍ତ କରିବା ଓ ସେମାନଙ୍କର ଆୟ ଦ୍ୱିଗୁଣିତ କରିବା ପାଇଁ କୃଷକ ଅନୁକୂଳ ନୀତି ମାଧ୍ୟମରେ ପଦକ୍ଷେପ ନେଇଛନ୍ତି । ■




ନବଭାରତ ଗଠନର
**ସାତବର୍ଷ**

**ଅଭିବୃଦ୍ଧିଶୀଳ ଅର୍ଥନୀତି**

# ଅର୍ଥନୀତି ଆତ୍ମନିର୍ଭରତାର ପଥରେ ଆଗେଇ ଚାଲିଛି

ଅର୍ଥନୀତି ଓ ସମାଜ ପାଇଁ ଆବଶ୍ୟକ ରଣନୀତି କେବଳ ସ୍ଥାନୀୟ, ଜାତୀୟ ଓ ବୈଶ୍ୱିକ ନୀତି ଦ୍ୱାରା ସ୍ଥିର କରାଯାଇପାରିବ। ଭାରତର ସାମୁହିକ ପ୍ରଗତି ଓ ସମୃଦ୍ଧିର କାରଣ ହେଉଛି ଏହାର ଜନସଂଖ୍ୟାର ପ୍ରାୟ ଅଧା ଶ୍ରମଜିବୀ ଗୋଷ୍ଠୀର । ଯେତେବେଳେ ଏକ ମହାମାରୀ ରୂପରେ କରୋନା ଆକ୍ରମଣ କଲା, ସେତେବେଳେ ରାଷ୍ଟ୍ରର ନେତୃତ୍ୱ ଜୀବନ ସୁରକ୍ଷା ପ୍ରଥମ ମନ୍ତ୍ର ଦେଲେ, ଏହା ପରେ 'ଜାନ ଭି, ଜାହାନ୍ ଭି'ର ମନ୍ତ୍ର ଓ ତା ପରେ ଦେଶବାସୀଙ୍କୁ ଆତ୍ମନିର୍ଭରତାର ମନ୍ତ୍ରରେ ଦିକ୍ଷୀତ କରାଇ ଏହାକୁ ସାକାର କରିବା ଦିଗରେ ପଦକ୍ଷେପ ନେଇଥିଲେ ।.. ..

ମହାମାରୀ ସମୟରେ ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କ ଭଳି ଭାରତୀୟ ଅର୍ଥନୀତି ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା । ପୂର୍ବ ଆର୍ଥିକ ବର୍ଷର ପ୍ରଥମ ତ୍ରିମାସରେ ଜିଡିପି ଅଭିବୃଦ୍ଧି ୨୩.୯ ପ୍ରତିଶତରେ ପହଞ୍ଚିଥିଲା। ସବୁ ଅନ୍ତର୍ଜାତୀୟ ସଂସ୍ଥା ଭାରତର ଆର୍ଥିକ ବିକାଶ ହାର ମନ୍ଥର ହେବ ବୋଲି ଆକଳନ କରିଥିଲେ । କିନ୍ତୁ ଏହି ସଙ୍କଟ କାଳରେ ମଧ୍ୟ କେନ୍ଦ୍ର ସରକାରଙ୍କର ବିଭିନ୍ନ ନୀତିଗୁଡିକର ପରିଣାମ ସ୍ୱରୂପ ତୃତୀୟ ତ୍ରିମାସ ମଧ୍ୟରେ ଅଭିବୃଦ୍ଧି ପୁଣିଥରେ ସକରାତ୍ମକ ହୋଇପାରିଥିଲା । ସକରାତ୍ମକ ଜିଡିପି ଅଭିବୃଦ୍ଧି ହାସଲ କରିବାରେ ଭାରତ ସେତେବେଳେ ବିଶ୍ୱର ଦ୍ୱିତୀୟ ରାଷ୍ଟ୍ର ହୋଇପାରିଥିଲା । ଅଧିକନ୍ତୁ, ଭାରତରେ ଭୟଙ୍କର ଆର୍ଥିକ ମାନ୍ଦାବସ୍ଥା ଦେଖାଦେବ ବୋଲି ଯେଉଁମାନେ ପୂର୍ବାନୁମାନ କରିଥିଲେ, ସେମାନେ ନିଜର ଆକଳନରେ ସଂଶୋଧନ ଆଣି ନୂତନ ଆର୍ଥିକ ବର୍ଷରେ ଭାରତର ଜିଡିପିରେ

## ଆତ୍ମନିର୍ଭର ଭାରତ ପ୍ୟାକେଜ ବାଟ ଦେଖାଇଲା



**ଲକଡାଉନ ସମୟରେ ଅର୍ଥନୀତିକୁ ସହାୟତା କରିବା ପାଇଁ ସରକାର 'ଆତ୍ମନିର୍ଭର ଭାରତ' ପ୍ୟାକେଜ ଘୋଷଣା କଲେ ।**

**29.87**

**ଲକ୍ଷ କୋଟି ଟଙ୍କା ତିନିଟି ପର୍ଯ୍ୟାୟରେ ଘୋଷଣା କରାଗଲା**

ଏହି ଆର୍ଥିକ ପ୍ୟାକେଜ ସାଧାରଣ ଲୋକ, ଗରିବ, କୃଷକ, ପ୍ରବାସୀ ଶ୍ରମିକ ଓ ଶିଳ୍ପ ତଥା ଏମଏସଏମଇ ଗୁଡିକର ସ୍ୱାର୍ଥର ସୁରକ୍ଷା କଲା

**15%**

ଏହି ପ୍ୟାକେଜ୍ ଭାରତର ଜିଡିପିର ୧୫% । ଏହା କେବଳ ଏସବୁର ପରିଚାଳନା କରିନଥିଲା ବରଂ ଅର୍ଥନୀତିକୁ ଆତ୍ମନିର୍ଭରତାର ପଥ ଦେଖାଇଥିଲା ।

# ଚତୁର୍ଥ ଶିଳ୍ପ ବିପ୍ଳବର ନେତୃତ୍ୱ ନେବା ପାଇଁ ଭାରତ ପ୍ରସ୍ତୁତ

ଆର୍ଟିଫିସିଆଲ ଇଂଟେଲିଜେନ୍ସ, ମେସିନ୍ ଲର୍ଣ୍ଣିଂ, ଇଂଟରନେଟ ଅଫ ଥିଙ୍ଗସ, ବ୍ଲକଚେନ୍ ଓ ବିଗ ଡାଟା ଆଦି ପ୍ରଯୁକ୍ତି ଜ୍ଞାନକୌଶଳର ଦେଶକୁ ନୂତନ ଶିଖରକୁ ନେବାର ସାମର୍ଥ୍ୟ ରହିଛି । ବର୍ତ୍ତମାନ ଯୁଗରେ ସମ୍ପୂର୍ଣ୍ଣ ପ୍ରଗତୀ ହାସଲ ପାଇଁ ପ୍ରଯୁକ୍ତି ବିଦ୍ୟା ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ । ଏହି ମାର୍ଗରେ ହିଁ ଭାରତ ଭବିଷ୍ୟତରେ ଏହାର ଆତ୍ମନିର୍ଭରତାର ସ୍ୱପ୍ନ ସାକାର କରିପାରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭାଷାରେ, "ବିଶ୍ୱର ପ୍ରଥମ ଓ ଦ୍ୱିତୀୟ ଶିଳ୍ପ ବିପ୍ଳବ ସମୟରେ ଭାରତ ଦାସତ୍ୱର ବେଢିରେ ବନ୍ଧା ଥିଲା । ଯେତେବେଳେ ତୃତୀୟ ଶିଳ୍ପ ବିପ୍ଳବ ଆରମ୍ଭ ହେଲା ସେତେବେଳେ ସ୍ୱାଧୀନତା ପରବର୍ତୀ ସମୟର ଆହ୍ୱାନଗୁଡିକର ମୁକାବିଲା ନିମନ୍ତେ ଭାରତ ସଂଘର୍ଷ କରୁଥିଲା । କିନ୍ତୁ ବର୍ତ୍ତମାନ ଭାରତ ସମ୍ପୂର୍ଣ୍ଣଭାବେ ପ୍ରସ୍ତୁତ । ବର୍ତମାନ ଦେଶର ୫୦ ପ୍ରତିଶତ ଜନସଂଖ୍ୟା ୨୭ ବର୍ଷରୁ କମ୍ ବୟସର । ତେଣୁ ଭାରତ ଚତୁର୍ଥ ଶିଳ୍ପ ବିପ୍ଳବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ପାଇଁ ପ୍ରସ୍ତୁତ ।"



**93%**

ବୃଦ୍ଧି ଟେଲିଯୋଗାଯୋଗ ଉପଲବଧତାରେ । ୫୦ କୋଟି ଭାରତୀୟ ମୋବାଇଲ ଫୋନ୍ ବ୍ୟବହାର କରୁଛନ୍ତି ।

ଭାରତ ବିଶ୍ୱର ସର୍ବବୃହତ ମୋବାଇଲ ଇଣ୍ଟରନେଟ ବ୍ୟବହାରକାରୀ ରାଷ୍ଟ୍ର । ଦର ଏଠାରେ ସର୍ବନିମ୍ନ । ଗତ ୪ ବର୍ଷ ମଧ୍ୟରେ ମୋବାଇଲ ଡାଟା ବ୍ୟବହାର ୩୦ଗୁଣା ବୃଦ୍ଧି ପାଇଛି ।

**120**
କୋଟି ଲୋକଙ୍କ ନିକଟରେ ଆଧାର ରହିଛି

ଏହିସବୁ ପରିସ୍ଥିତି କାରଣରୁ, ଭାରତ ବିଶ୍ୱର ଚତୁର୍ଥ ଶିଳ୍ପ ବିପ୍ଳବର ନେତୃତ୍ୱ ନେବା ସକାଶେ ସମ୍ପୂର୍ଣ୍ଣ ପ୍ରସ୍ତୁତ ।

**1.58 ଲକ୍ଷ**



ଗ୍ରାମ ପଞ୍ଚାୟତରେ ବର୍ତମାନ ଅପ୍ଟିକାଲ ଫାଇବର ପହଞ୍ଚି ସାରିଛି। ୨୦୧୪ ମସିହାରେ ଏହା କେବଳ ୫୯ ଗ୍ରାମପଞ୍ଚାୟତରେ ସିମୀତ ଥିଲା ।

ନବସୃଜନ କ୍ଷେତ୍ରରେ ରାଷ୍ଟ୍ର ନିରନ୍ତର ଭାବେ ଅଗ୍ରଗତି କରିଚାଲିଛି । ବିଶ୍ୱ ଅଭିନବତା ତାଲିକାରେ ୫୨ତମ ସ୍ଥାନ ଏହାର ପ୍ରମାଣ । ୭ ବର୍ଷ ମଧ୍ୟରେ ଏହା କ୍ରମାଗତ ଭାବେ ବୃଦ୍ଧି ପାଇଛି ।

## ଜିଏସଟି

ଏକ ଦେଶ-ଏକ କର ଶାସନ ଅଧିନରେ କର ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ସ୍ୱରୂପ ସାମଗ୍ରୀ ଓ ସେବା କର (ଜିଏସଟି) ଅର୍ଥନୀତିକୁ ଏକ ନୂତନ ଶିଖରରେ ପହଞ୍ଚାଇବାରେ ସାହାଯ୍ୟ କରିଛି। ଯେତେବେଳେ ଶିଳ୍ପଜଗତ ଓ ବ୍ୟବସାୟୀମାନେ ଟିକସ ଜାଲରୁ ମୁକ୍ତି ପାଇଲେ, ସେତେବେଳେ ରାଜସ୍ୱ କ୍ଷତି ମଧ୍ୟ ହ୍ରାସ ପାଇଲା ।

୨୦୨୧ ମାର୍ଚ୍ଚରେ ରେକର୍ଡ ପରିମାଣର ୧.୨୩ ଲକ୍ଷ କୋଟି ଟଙ୍କାର ଜିଏସଟି ଆଦାୟ ହୋଇଛି । କ୍ରମାଗତ ଭାବେ ଜିଏସଟି ଆଦାୟ ୧ ଲକ୍ଷ କୋଟି ଅତିକ୍ରମ କରିବାରେ ଏହା ହେଉଛି ଷଷ୍ଠ ମାସ ।

ସଚ୍ଚୋଟ କରଦାତାଙ୍କ ସମ୍ମାନାର୍ଥେ ପ୍ରଥମଥର ପାଇଁ ମୁଖବିହୀନ ଆକଳନ ବ୍ୟବସ୍ଥା ପ୍ରଚଳନ କରାଯାଇଛି । 'ବିବାଦ ସେ ବିଶ୍ୱାସ' ଯୋଜନା ମାଧ୍ୟମରେ ଅଟକି ରହିଥିବା ଟାକ୍ସ ମାମଲାଗୁଡିକୁ ହ୍ରାସ କରିବା ପାଇଁ ପଦକ୍ଷେପ ନିଆଯାଇଛି ।

୨ ଅଙ୍କର ବୃଦ୍ଧି ଘଟିବ ବୋଲି ପୁନରାୟ ମତ ରଖିଥିଲେ ।

**ଏମଏସଏମଇର ସଂଜ୍ଞା ବଦଳିଛି...**

ଯେତେବେଳେ ବି ବିଶ୍ୱ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛି, ସେତେବେଳେ ଭାରତ ଏହାକୁ ଏଡାଇବାରେ ସମର୍ଥ ହୋଇଛି, କାରଣ ଭାରତର ଅର୍ଥନୀତିକୁ ସହାୟତା ଦେବା ପାଇଁ କୃଷି ଏବଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମୂଳ ଆଧାର ଭଳି କାର୍ଯ୍ୟ କରିଥାଆନ୍ତି। ଅର୍ଥନୀତିରେ ୨୯ ପ୍ରତିଶତ ଭାଗ ରଖିଥିବା ଏମଏସଏମଇ କ୍ଷେତ୍ରର ସଂଜ୍ଞା ବଦଳିଯାଇଛି । ଜିଡିପିରେ ଏହାର ଭାଗ ୫୦ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

**ରାଷ୍ଟ୍ରାୟତ ବ୍ୟାଙ୍କ ଗୁଡିକର ସମ୍ମିଶ୍ରଣ**

ଆର୍ଥିକ ଦୂରାବସ୍ଥାର ସମୁଖୀନ ହେଉଥିବା ବ୍ୟାଙ୍କଗୁଡିକର ସ୍ଥିତିରେ ଉନ୍ନତି ଆଣିବା ଏବଂ କ୍ରମବର୍ଦ୍ଧିଷ୍ଣୁ ଋଣ ନିଅଣ୍ଟ ପରିମାଣ ହ୍ରାସ କରିବା ପାଇଁ ୨୭ଟି ରାଷ୍ଟ୍ରାୟତ ବ୍ୟାଙ୍କର ସମ୍ମିଶ୍ରଣ କରାଯାଇ ୧୨ଟି ବ୍ୟାଙ୍କ ଗଠନ ପାଇଁ ନିଷ୍ପତି ନିଆଯାଇଛି। ଅନାଦେୟ ଋଣ ପରିମାଣରେ ୨୦୧୮ ମାର୍ଚ୍ଚରେ ୧୧.୫ ପ୍ରତିଶତରୁ ୨୦୧୯ ମାର୍ଚ୍ଚରେ ୯.୩ ପ୍ରତିଶତ ଓ ୨୦୨୦ରେ ୮.୫ ପ୍ରତିଶତକୁ ହ୍ରାସ ଘଟିଛି ।

**ପ୍ରଥମଥର ପାଇଁ ଶିଳ୍ପାନୁଷ୍ଠାନ ନିମନ୍ତେ ପିଏଲଆଇ**

ଏପର୍ଯ୍ୟନ୍ତ, କେବଳ ବିଭିନ୍ନ ସରକାର ଶିଳ୍ପାନୁଷ୍ଠାନଗୁଡିକୁ ଶସ୍ତା ଋଣ, ବିଦ୍ୟୁତ୍, ଜଳ ଆଦି ଯୋଗାଇ ଆସୁଥିଲେ । କିନ୍ତୁ ପ୍ରଥମ ଥର ପାଇଁ କେନ୍ଦ୍ର ସରକାର ନିର୍ମାଣ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିଥିବା ୧୩ଟି ଶିଳ୍ପ ପାଇଁ ପ୍ରୋତ୍ସାହନ ପ୍ୟାକେଜ ଘୋଷଣା କରିଛନ୍ତି । ଏହି ୧.୯୭ ଲକ୍ଷ କୋଟି ଟଙ୍କାର ପିଏଲଆଇ ଆସନ୍ତା ୫ ବର୍ଷ ମଧ୍ୟରେ ୫୦୦ବିଲିଅନ୍ ଆମେରିକୀୟ ଡଲାର ମୂଲ୍ୟର ଉତ୍ପାଦ ନିର୍ମାଣ ସହିତ ଏକ କୋଟି ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ।

# ଡିବିଟି ଓ ଡିଜିଟାଲ ଅର୍ଥନୀତି ନୂତନ ଦିଗ ପ୍ରଦର୍ଶନ କରୁଛି...



**54** ମନ୍ତ୍ରଣାଳୟଗୁଡିକର ୩୧୮ଟି ଯୋଜନାରୁ ୫୪ଟିର ବକେୟା ଡିବିଟି ଜରିଆରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପଠାଯାଉଛି ।

**Rs. 15.16**

୧୫.୧୬ ଲକ୍ଷ କୋଟି ଟଙ୍କା ଡିବିଟି ମାଧ୍ୟମରେ ବର୍ତ୍ତମାନ ସୁଦ୍ଧା ସିଧାସଳଖ ବ୍ୟାଙ୍କ ଆକାଉଂଟକୁ ପଠାଯାଇ ସାରିଛି ଏବଂ ଡିବିଟି ଜରିଆରେ ୧.୭୮ଲକ୍ଷ କୋଟି ଟଙ୍କା ସଞ୍ଚୟ କରାଯାଇପାରିଛି ।

**ଆୟକର ରିଟର୍ଣ୍ଣ ଦାଖଲକାରୀଙ୍କ ସଂଖ୍ୟା ୨.୫ କୋଟିକୁ ବୃଦ୍ଧି ପାଇଛି**




ଆଜି, ଦେଶର ୧୨୦ କୋଟିରୁ ଅଧିକ ଲୋକଙ୍କ ନିକଟରେ ଆଧାର କାର୍ଡ ଅଛି। ଆଧାର ମାଧ୍ୟମରେ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ବା ଡିବିଟି ସରକାରୀ ଯୋଜନାଗୁଡିକର କେନ୍ଦ୍ରବିନ୍ଦୁ ପାଲଟିଛି ।



ସରକାର ବିଦେଶୀ ପୁଞ୍ଜିନିବେଶ ପାଇଁ ନିୟମକୁ କୋହଳ କରିଛନ୍ତି । ପ୍ରତିରକ୍ଷା, ବୀମା ଏବଂ ରେଳବାଇ ଭଳି କ୍ଷେତ୍ରରେ ବିଦେଶୀ ପୁଞ୍ଜିନିବେଶକୁ ଅନୁମତି ପ୍ରଦାନ କରାଯାଇଛି । ଏହାଫଳରେ ନିର୍ମାଣରେ ଅଭିବୃଦ୍ଧି ଘଟିବା ସହ ଦେଶରେ ନୂତନ ନିଯୁକ୍ତି ସୃଷ୍ଟି ହୋଇଛି ।

ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଲାଭ ହସ୍ତାନ୍ତର କରାଯାଉଛି । ଦୁର୍ନୀତି ବିରୋଧରେ ଏହା ହେଉଛି କେନ୍ଦ୍ର ସରକାରଙ୍କର ଅନ୍ୟତମ ସର୍ବବୃହତ ପଦକ୍ଷେପ । ବର୍ତ୍ତମାନ ଶହେରୁ ଶହେ ପଇସା ଅସହାୟ ଲୋକଙ୍କ ନିକଟରେ ପହଞ୍ଚୁଛି ।

**ଜନ ଧନ**

**42** କୋଟି ବ୍ୟାଙ୍କ ଆକାଉଂଟ ୭ ବର୍ଷ ମଧ୍ୟରେ ଖୋଲାଯାଇଛି

**64%** ଆକାଉଂଟ ଗ୍ରାମାଞ୍ଚଳରେ ଖୋଲାଯାଇଛି । ୫୫% ଖାତାଧାରୀ ମହିଳା ।

**Rs 1, 45,000** କୋଟି ଟଙ୍କା ବର୍ତ୍ତମାନ ଜମା ଅଛି ।



୨୫,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସହାୟତା ଏବେ ଷ୍ଟାର୍ଟ ଅପ୍ ଇଣ୍ଡିଆ ଯୋଜନା ଅଧିନରେ ଯୋଗାଇ ଦିଆଯାଇଛି ।



ଏପର୍ଯ୍ୟନ୍ତ ୨୮କୋଟିରୁ ଅଧିକ ଟଙ୍କାର ଋଣ ମୁଦ୍ରା ଯୋଜନା ଅଧିନରେ ମଞ୍ଜୁର କରାଯାଇଛି ।

ଜନଧନ ଯୋଜନା ଅଧିନରେ ଏବେ ପ୍ରତ୍ୟେକ ପରିବାରର ପ୍ରତିଟି ସଦସ୍ୟ ବ୍ୟାଙ୍କ ଖାତା ଖୋଲିଛନ୍ତି ।

- ଏପ୍ରିଲ ୨୦୨୦ରୁ ଜାନୁଆରୀ ୨୦୨୧ ମଧ୍ୟରେ ୭୨.୧୨ ବିଲିଅନ୍ ଡଲାର ବିଦେଶୀ ପୁଞ୍ଜିନିବେଶ ସମ୍ଭବ ହୋଇପାରିଛି । ଯାହା ଇତିହାସରେ ସର୍ବପ୍ରଥମ ।
- ନଗଦ ବିହୀନ ଅର୍ଥନୀତି ବର୍ତ୍ତମାନ ସମୟର ଆବଶ୍ୟକତା । ସେଥିପାଇଁ, କେନ୍ଦ୍ର ସରକାର ଦେଶର ଅର୍ଥନୀତିକୁ ଡିଜିଟାଲ କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି ।
- ଭୀମ ଆପ୍ ୧୭୦ଟି ବ୍ୟାଙ୍କର ଡିଜିଟାଲ ପେମେଂଟ ଉପଲବଧ କରାଉଛି ।
- ଭାରତରେ ଡିଜିଟାଲ ଦେଣନେଣକୁ ପ୍ରୋତ୍ସାହନ ଦେବା ପାଇଁ ଚଳିତ ବର୍ଷ ହିଁ ବଜେଟରେ୧୫୦୦ କୋଟି ଟଙ୍କାର ପ୍ରାବଧାନ ରଖାଯାଇଛି । ଡିଜିଟାଲ କାରବାରରେ ଭାରତ ୨୦୨୦ରେ ଆମେରିକା ଓ ଚୀନକୁ ଟପିଯାଇଛି ।
- ଅଗଷ୍ଟ ୨୦୧୬ରୁ ମାର୍ଚ୍ଚ ୨୦୨୧ ମଧ୍ୟରେ ଭୀମ ଆପ ଦ୍ୱାରା ୪ ଟ୍ରିଲିଅନରୁ ଅଧିକ କାରବାର ହୋଇଛି ।

**ବଜେଟ ପରେ ସଂପୃକ୍ତ ପକ୍ଷଙ୍କ ସହ ଆଲୋଚନାର ଆଉ ଏକ ନୂଆ ଅଧ୍ୟାୟ..**

ସାଧାରଣ ବଜେଟ ପ୍ରତି ବର୍ଷ ଆସେ, କିନ୍ତୁ ପ୍ରଥମଥର ପାଇଁ ତୃଣମୂଳ ସ୍ତରରେ ବଜେଟର କାର୍ଯ୍ୟାନ୍ୱୟନ ନିମନ୍ତେ ପ୍ରଥମ କରି ବିଶେଷଜ୍ଞମାନଙ୍କୁ ନିୟୋଜିତ କରିବା ଦିଗରେ ପଦକ୍ଷେପ ନିଆଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜେ ୯ଟି କ୍ଷେତ୍ରର ବିଶେଷଜ୍ଞମାନଙ୍କ ସହ ସିଧାସଳଖ ଆଲୋଚନା କରିବାର ଏକ ନୂଆ ପରମ୍ପରା ସୃଷ୍ଟି କରିଛନ୍ତି । ଏହି ପଦକ୍ଷେପ ନାଗରିକ ଓ ଘରୋଇ କ୍ଷେତ୍ର ମଧ୍ୟରେ ଏକ ସେତୁ ସଦୃଶ କାର୍ଯ୍ୟ କରିବ । ଏହାଛଡା ଭାରତକୁ ଆତ୍ମନିର୍ଭର କରିବା ନିମନ୍ତେ ତୃଣମୂଳ ସ୍ତରରେ ବଜେଟର କାର୍ଯ୍ୟାନ୍ୱୟନକୁ ସୁନିଶ୍ଚିତ କରାଇବ ଯାହା ଦେଶର ଅର୍ଥନୀତିକୁ ୫ ଟ୍ରିଲିଅନ ଆମେରିକିୟ ଡଲାରରେ ପହଂଚାଇପାରିବ, ଯାହା ଏକ ଗୁରୁତ୍ୱପୂର୍ଣ୍ଣ କିର୍ତୀମାନ ଭାବେ ସାବ୍ୟସ୍ତ ହେବ । ■

 କ୍ୟାବିନେଟ ନିଷ୍ପତ୍ତି

# ଭାରତରେ ପ୍ରଥମଥର ପାଇଁ ନୂତନ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରାଯାଇ ୟୁରିଆ ଉତ୍ପାଦନ କରାଯିବ

ଦେଶରେ ବୈଷୟିକ ପ୍ରଗତିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ କ୍ୟାବିନେଟ କମିଟି ଏକ ଅଭିନବ ପ୍ରକ୍ରିୟାରେ ୟୁରିଆ ଉତ୍ପାଦନ ପାଇଁ ଅନୁମତି ପ୍ରଦାନ କରିଛି । କୋଇଲା ବାଷ୍ପିୟକରଣ ବାଟ ଦେଇ ୟୁରିଆ ଉତ୍ପାଦନ ଆତ୍ମନିର୍ଭର ଭାରତ ଆଡକୁ ଆଉ ଏକ  ପଦକ୍ଷେପ ଏବଂ ଏହା ଦେଶର ଉର୍ଜା ନିରାପତା କ୍ଷେତ୍ର ଓ ୟୁରିଆ ଆତ୍ମନିର୍ଭରତା ଏକ ନୂତନ କାହାଣୀ ଲେଖିବ । ଏହାବ୍ୟତୀତ କ୍ୟାବିନେଟ ବାଙ୍ଗାଲୋର ମେଟ୍ରୋ ରେଳ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ ସହିତ ଅର୍ଥ ବିଲରେ ସଂଶୋଧନ ଆଣିଛି ।..



- ନିଷ୍ପତ୍ତି: ତାଳଚେର ସାର କାରଖାନା ଦ୍ୱାରା କୋଇଲା ବାଷ୍ପିୟକରଣ ମାଧ୍ୟମରେ ଉତ୍ପାଦିତ ୟୁରିଆ ନିମନ୍ତେ ରିହାତି ନୀତିକୁ ମଞ୍ଜୁରୀ
- ଲାଭ: ତାଳଚେର ସାର କାରଖାନା ୟୁରିଆ ପ୍ରକଳ୍ପର ପ୍ରକଳ୍ପ ବ୍ୟୟ ଅଟକଳ ୧୩,୨୭୭.୨୧ କୋଟି ଟଙ୍କା ରହିଛି ।
- ଏହି ପ୍ରକଳ୍ପ 'ମେକ ଇନ୍ ଇଣ୍ଡିଆ' ଓ 'ଆତ୍ମନିର୍ଭର' ଅଭିଯାନକୁ ପ୍ରୋତ୍ସାହିତ କରିବ ।
- ଏହି ପ୍ରକଳ୍ପ କୃଷକମାନଙ୍କ ପାଇଁ ସାର ଉପଲବଧତା ବୃଦ୍ଧି କରାଇବ, ଏହାଦ୍ୱାରା ପୂର୍ବାଞ୍ଚଳର ବିକାଶ ତ୍ୱରାନ୍ୱିତ ହେବା ସହ ଦେଶର ପୂର୍ବ ଭାଗରେ ୟୁରିଆ ଯୋଗାଣ ଉପରେ ପରିବହନ ବାବଦ ରିହାତି ଅର୍ଥ ସଞ୍ଚୟ କରିବ ।
- ଏହା ବାର୍ଷିକ ୧୨.୭ ଲକ୍ଷ ମେଟ୍ରିକ ଟନ ୟୁରିଆ ଆମଦାନୀ ହ୍ରାସ କରିବାରେ ସହାୟକ ହେବ ଏବଂ ଯାହାଦ୍ୱାରା ମୁଦ୍ରା ସଂଚୟ ହୋଇପାରିବ ।
- ନିଷ୍ପତ୍ତି: ବାଙ୍ଗାଲୋର ମେଟ୍ରୋ ରେଳ ପ୍ରକଳ୍ପ ଫେଜ ୨ଏକୁ ଅନୁମୋଦନ ମିଳିଛି । ଯାହା ବାଙ୍ଗାଲୋରରେ ସହରାଞ୍ଚଳ ପରିବହନ ବ୍ୟବସ୍ଥାକୁ ସୁଗମ କରିବ । ଯାହା  ସଘନ ବିକାଶ, ଘରୋଇ ଯାନବାହନ ସଂଖ୍ୟା ବୃଦ୍ଧି ଏବଂ ସହରରେ ଚାଲିଥିବା ବଡ ବଡ ନିର୍ମାଣ କାର୍ଯ୍ୟ ଯୋଗୁଁ ବିପର୍ଯ୍ୟସ୍ତ ହୋଇପଡିଛି ।
- ଲାଭ: ଫେଜ ୨ଏ ସେଂଟ୍ରାଲ ସିଲ୍କ ବୋର୍ଡ ଜଙ୍କସନରୁ କେ.ଆର.ପୁରମ ପର୍ଯ୍ୟନ୍ତ ସଂଯୋଗ କରିବ ଏବଂ ଫେଜ୍ ୨ବି କେ.ଆର.ପୁରମକୁ ହେବାଲ ଜଙ୍କସନ ଦେଇ ବିମାନବନ୍ଦର ସହିତ ସଂଯୋଗ କରିବ ।
- ସମୁଦାୟ ପ୍ରକଳ୍ପ ଦୈର୍ଘ ୫.୧୯ କିଲୋମିଟର । ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ପାଇଁ ୧୪,୭୮୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।
- ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ଫଳରେ ବାଙ୍ଗାଲୋରକୁ ଖୁବ ଆବଶ୍ୟକ ଅତିରିକ୍ତ ସାର୍ବଜନିନ ପରିବହନ ଭିତ୍ତିଭୂମୀ ମିଳିପାରିବ ।
- ନିଷ୍ପତ୍ତି: ସମସ୍ତ ସମ୍ପୃକ୍ତ ପକ୍ଷଙ୍କ ସମସ୍ୟାର ସମାଧାନ ନିମନ୍ତେ କ୍ୟାବିନେଟ ୨୦୨୧ ଅର୍ଥ ବିଲ୍‌ରେ ସମସ୍ତ ସରକାରୀ ସଂଶୋଧନକୁ ପୂର୍ବବ୍ୟାପୀ ମଞ୍ଜୁରୀ ପ୍ରଦାନ କରିଛି ।
- ଲାଭ: ୨୦୨୧ ଅର୍ଥ ବିଲରେ ସରକାରୀ ସଂଶୋଧନଗୁଡିକ ହେଉଛି, ସରକାରଙ୍କ ନିମନ୍ତେ ସମୟାନୁବର୍ତ୍ତୀ ଭାବେ ରାଜସ୍ୱ ସୃଷ୍ଟି କରିବା ପାଇଁ ଟିକସ ପ୍ରସ୍ତାବ ଏବଂ ବର୍ତ୍ତମାନର ବ୍ୟବସ୍ଥାର ସରଳିକରଣ ।
- ଏହିସବୁ ସଂଶୋଧନ ଅର୍ଥ ବିଲରେ ପ୍ରସ୍ତାବିତ ସଂଶୋଧନ ଯୋଗୁଁ ସମ୍ପୃକ୍ତ ପକ୍ଷମାନଙ୍କ ପାଇଁ ଉପୁଜିଥିବା ସମସ୍ୟାଗୁଡିକର ସମାଧାନ କରିବ ।
- ୨୦୨୧ ଅର୍ଥ ବିଲର ସଂଶୋଧନ ସମସ୍ତ କରଦାତାଙ୍କୁ ସମାନତା ଏବଂ ଅନ୍ତର୍ଭୁକ୍ତିକରଣର ସୁବିଧା ପ୍ରଦାନ କରିବ ।

# ପ୍ରତିରକ୍ଷା କ୍ଷେତ୍ରର ପୁନର୍ବିନ୍ୟାସ

**|| ମରମାନମ ମାଂଡ ବଡିଛେଲବ ତେତ୍ରମ ଯେନା ନାତୋ ଯେମମ ପଡଇକ୍କୁ ||**

ଯେ କୌଣସି ରାଷ୍ଟ୍ରର ସେନାର ୪ଟି ଉତ୍କର୍ଷର ମାନଦଣ୍ଡ ହେଉଛି ଶୌର୍ଯ୍ୟ, ସମ୍ମାନ, ଗରିମା ଏବଂ ବିଶ୍ୱସନୀୟତା ।



କେନ୍ଦ୍ର ସରକାର ସ୍ୱଦେଶରେ ନିର୍ମିତ ହାଲୁକା ଲଢୁଆ ବିମାନ ତେଜସକୁ **୪୮,୦୦୦କୋଟି** ଟଙ୍କାରେ କ୍ରୟ କରିବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି ।

ଭାରତ **୨୫ଟି** ଶ୍ରେଷ୍ଠ ଅସ୍ତ୍ରଶସ୍ତ୍ର ରପ୍ତାନିକାରୀଙ୍କ ତାଲିକାରେ ରହିଛି ।

ଶହ ଶହ ବର୍ଷ ପୂର୍ବେ ସନ୍ଥ ଥିରୁଭଲ୍ଲୁଭରଙ୍କ ମୁଖନିସୃତ ଏହି ପ୍ରସିଦ୍ଧ ବାଣୀକୁ ଭାରତୀୟ ସେନା କାୟମନୋବାକ୍ୟରେ ପାଳନ କରୁଛି। ଆଧୁନିକୀକରଣ ଓ ସର୍ବାଧୁନିକ ଜ୍ଞାନକୌଶଳ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରି ପ୍ରତିରକ୍ଷା କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ନିମନ୍ତେ ଭିତ୍ତିଭୂମୀ ପ୍ରକଳ୍ପଗୁଡିକର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ବଦ୍ଧ ପରିକର ଅଟନ୍ତି, ଯାହା ପୂର୍ବ ସରକାରଙ୍କ ପାଖରେ ଦେଖାଯାଇନଥିଲା ।

ଅତୀତରେ ଅପାରଗତା ଏବଂ ପ୍ରତିରକ୍ଷା ପ୍ରକଳ୍ପଗୁଡିକର ଅନୁମୋଦନରେ ମନ୍ଥରତା ଦ୍ୱାରା ପିଡୀତ ଏହି ପ୍ରତିରକ୍ଷା ମନ୍ତ୍ରଣାଳୟର ମୋଦୀ ସରକାର ନବକଳେବର କରିଛନ୍ତି। ଏହି ମନ୍ତ୍ରଣାଳୟ କେବଳ ଯେ ଦେଶର ପ୍ରତିରକ୍ଷା ଆବଶ୍ୟକତାକୁ ଦେଖୁନାହିଁ ବରଂ ସ୍ଥଳସେନା, ନୌସେନା, ବାୟୁସେନା ଓ ତଟରକ୍ଷୀଙ୍କୁ ନେଇ ଗଠିତ ୧.୫ ନିୟୁତ ପ୍ରତିରକ୍ଷା କର୍ମଚାରୀଙ୍କ କଲ୍ୟାଣର ଉତରଦାୟିତା ମଧ୍ୟ ବହନ କରୁଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ପରମ୍ପରାଗତଭାବେ ବାର୍ଷିକ ବଜେଟର ସର୍ବାଧିକ ଅଂଶ ପାଇଥାଏ ଅତୀତରେ ଯାହାର ସଠିକ ଭାବେ ବିନିଯୋଗ ହୋଇପାରୁନଥିଲା । ଏହିଭଳି ଆହ୍ୱାନ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେତେବେଳେ ୨୦୧୪ ମସିହାରେ ଦେଶର ଦାୟିତ୍ୱ ସମ୍ଭାଳିଥିଲେ ସେତେବେଳେ ପ୍ରତିରକ୍ଷା ମନ୍ତ୍ରଣାଳୟର ରୂପାନ୍ତରଣ କରିବା ତାଙ୍କର ପ୍ରମୁଖ ଅଗ୍ରାଧିକାର ମଧ୍ୟରୁ ଅନ୍ୟତମ ଥିଲା । ମେକ ଇନ୍ ଇଣ୍ଡିଆ ଭଳି ନୀତିଗୁଡିକର ସେ ଅନାବରଣ କରି ସାମରିକ ଭିତ୍ତିଭୂମୀର ଦୃତ ବିକାଶ ଉପରେ ଜୋର ଦେଇଥିଲେ ଯାହାଫଳରେ ଶତ୍ରୁ ରାଷ୍ଟ୍ରମାନେ ଭାରତ ପ୍ରତି ପୂର୍ବରୁ ରଖିଥିବା ସେମାନଙ୍କର ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବାକୁ ବାଧ୍ୟ ହୋଇଥିଲେ ।

**ସ୍ୱଦେଶୀ ପୋତ୍ସାହନ ପାଇଁ ପ୍ରତିରକ୍ଷା ଅଧିଗ୍ରହଣ ନୀତିର ଘୋଷଣା**

## ପ୍ରତିରକ୍ଷା କ୍ଷେତ୍ରକୁ ଆତ୍ମନିର୍ଭର କରିବା ପାଇଁ ପଦକ୍ଷେପ





- ଷ୍ଟାର୍ଟ ଅପଗୁଡିକୁ କ୍ଷୁଦ୍ର ଶିଳ୍ପ ସହ ସଂଯୋଗ କରିବା ପାଇଁ ଏକ ଅନୁକ୍ରମଣିକା ଅଭିଯାନର ଶୁଭାରମ୍ଭ
- ମେକ ଇନ ଇଣ୍ଡିଆ ଅଧିନରେ ଅସ୍ତ୍ରଶସ୍ତ୍ର ଓ ସରଞ୍ଜାମ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା
- ନିର୍ମାଣ ପାଇଁ ୫୨,୦୦୦ କୋଟି ଟଙ୍କାର ପୃଥକ ବଜେଟ
- ତାମିଲନାଡୁ ଓ ଉତ୍ତର ପ୍ରଦେଶରେ ଦୁଇଟି ପ୍ରତିରକ୍ଷା କରିଡର ସ୍ଥାପନ





୨୦୨୧-୨୨ ବଜେଟରେ ସେନାର ଆଧୁନିକୀକରଣ ପାଇଁ ୧୮.୭୫ ପ୍ରତିଶତ ଅଧିକ ବ୍ୟୟବରାଦ ଘୋଷଣା ହୋଇଛି। ଉଲ୍ଲେଖନୀୟ ଭାବେ, ନୂତନ ଆବିଷ୍କାର କିମ୍ବା ପ୍ରତ୍ୟେକ ପ୍ରକଳ୍ପ ପାଇଁ ୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର କୌଣସି ନୂତନ ଅସ୍ତ୍ରଶସ୍ତ୍ର କ୍ରୟ ପାଇଁ ସେନାର ତିନି ବାହିନୀକୁ ଅନୁମତି ପ୍ରଦାନ କରାଯାଇଛି ।

### ସୀମାରେ ବଳିଷ୍ଠ ଭିତ୍ତିଭୂମି

| | |
|---|---|
| **2008 to 2014** | |
| **3600** କିମି ରାସ୍ତା | **7270** ପୋଲ |
| **2014-2020** | |
| **4700** କିମି ରାସ୍ତା | **14953** ପୋଲ |

**ପ୍ରତିରକ୍ଷା ବିଭାଗର ଘାତକ ଅସ୍ତ୍ରଶସ୍ତ୍ର କ୍ରୟ:** ଭାରତ ଚଳିତ ବର୍ଷ ଋଷଠାରୁ ଏସ୍-୪୦୦ ଆକାଶ ପ୍ରତିରକ୍ଷା ବ୍ୟବସ୍ଥା ହାସଲ କରିବ । ସ୍ୱଦେଶୀ ଜ୍ଞାନକୌଶଳରେ କାଲାଶନିକୋଭ ଏକେ-୨୦୩ ରାଇଫଲ ନିର୍ମାଣ କରାଯିବ। ଅତି ହାଲୁକା ହାୱିଜର ଟ୍ୟାଙ୍କ ଏବଂ ସ୍କୋର୍ପିନ ବୁଡାଜାହାଜ ମଧ୍ୟ ଦେଶରେ ନିର୍ମିତ ହେଉଛି ।



## ସିଡିଏସ୍ ପଦବୀର ସୃଷ୍ଟି



ଦୁଇ ବର୍ଷରୁ ଉର୍ଦ୍ଧ୍ୱ ସମୟର ଦାବିର ଅବସାନ ଘଟାଇ ପ୍ରତିରକ୍ଷା କର୍ମଚାରୀ ମୁଖ୍ୟ ପଦବୀ ସୃଷ୍ଟି କରାଯାଇଛି । ଜେନେରାଲ ବିପିନ ରାୱତ ଭାରତର ପ୍ରଥମ ସିଡିଏସ ପଦବୀରେ ଅଧିଷ୍ଠିତ ହୋଇଛନ୍ତି ।

## ସନ୍ତ୍ରାସବାଦ ଉପରେ ନିୟନ୍ତ୍ରଣ

ଜମ୍ମୁ ଓ କଶ୍ମୀରରୁ ଧାରା ୩୭୦ର ଉଚ୍ଛେଦ ପରେ ସନ୍ତ୍ରାସବାଦ ଗତିବିଧି ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି ।




**ୟୁଏପିଏକୁ ଅଧିକ କଠୋର କରାଯାଇଛି:** ସନ୍ତ୍ରାସବାଦର ମୂଳୋତ୍ପାଟନ ଉଦ୍ଦେଶ୍ୟରେ ବିଲରେ ସଂଶୋଧନ ଜରିଆରେ ଜାତୀୟ ତଦନ୍ତ ସଂସ୍ଥା ଏନଆଇଏକୁ ପର୍ଯ୍ୟାପ୍ତ କ୍ଷମତା ପ୍ରଦାନ କରାଯାଇଛି । ବେଆଇନ୍ କାର୍ଯ୍ୟକଳାପ (ନିବାରଣ) ଆଇନ୍-ୟୁଏପିଏକୁ ସଂଶୋଧନ ଜରିଆରେ ଅଧିକ କଠିନ କରାଯାଇଛି ।

**ଡିଆରଡିଓ ବଜେଟ ବୃଦ୍ଧି କରାଯାଇଛି:** ଚଳିତବର୍ଷ ବଜେଟରେ ପ୍ରତିରକ୍ଷା କ୍ଷେତ୍ରରେ ଗବେଷଣାର ପ୍ରୋତ୍ସାହନ ଉଦ୍ଦେଶ୍ୟରେ ଡିଆରଡିଓ ପାଇଁ ବ୍ୟୟବରାଦରେ ୮ପ୍ରତିଶତ ବୃଦ୍ଧି କରାଯାଇଛି ।

୨୦୧୬ ମସିହାରେ ପ୍ରତିରକ୍ଷା ଅଧିଗ୍ରହଣ ନୀତିର ଘୋଷଣା ଏକ ଭବିଷ୍ୟୋନ୍ମୁଖୀ ସୁଦୀର୍ଘ ଲମ୍ଫ ଥିଲା । ଭାରତରେ ପ୍ରତିରକ୍ଷା ବିନିର୍ମାଣ କ୍ଷେତ୍ରକୁ ପ୍ରୋତ୍ସାହନ ଯୋଗାଇ ଦେବା ଏହି ନୀତିର ଉଦ୍ଦେଶ୍ୟ । ଏହି ନୀତି ପ୍ରତିରକ୍ଷା ଅଧିଗ୍ରହଣ ସମୟରେ ସେହି ଭାରତୀୟ କମ୍ପାନୀମାନଙ୍କୁ ଅଗ୍ରାଧିକାର ଦେଇଥାଏ ଯେଉଁମାନେ ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରତିରକ୍ଷା ସାମଗ୍ରୀର ଢାଞ୍ଚା ନିର୍ମାଣ, ବିକାଶ ଏବଂ ଉତ୍ପାଦନ କରିବା ପାଇଁ ସକ୍ଷମ ।

ବିଭିନ୍ନ ଯୋଜନାକୁ ଚିହ୍ନଟ କରି ସେସବୁ ନିମନ୍ତେ ପାଣ୍ଠିର ଆବଣ୍ଟନ ପାଇଁ ଏକ ଜରୁରୀ ନୀତିଗତ ନିଷ୍ପତ୍ତି ନେବା ପରବର୍ତ୍ତୀ ପ୍ରମୁଖ ଆହ୍ୱାନ ଥିଲା । ବୁଲେଟପ୍ରୁଫ ଜ୍ୟାକେଟର ସମ୍ପୂର୍ଣ୍ଣ ଅଭାବର ସମ୍ମୁଖୀନ ହେଉଥିବା ସେନା ଜବାନମାନଙ୍କ ପାଇଁ ୫୦,୦୦୦ ବୁଲେଟପ୍ରୁଫ ଜ୍ୟାକେଟ କ୍ରୟକୁ ତ୍ୱରାନ୍ୱିତ କରାଯାଇଥିଲା । ସନ୍ତ୍ରାସବାଦ ବିରୋଧୀ ଅଭିଯାନରେ ସାମିଲ ଥିବା ଆମର ଜବାନମାନେ ପୂର୍ବରୁ ବୁଲେଟପ୍ରୁଫ ଜ୍ୟାକେଟର ଅଭାବ ଯୋଗୁଁ ସୃଷ୍ଟ ଅସୁବିଧାର ସମ୍ମୁଖୀନ ହେଉଥିଲେ ।

ପୂର୍ବରୁ ହେଲମେଟର ଘୋର ଅଭାବର ସମ୍ମୁଖୀନ ହେଉଥିବା ସେନା ଜବାନମାନଙ୍କ ପାଇଁ ହେଲମେଟ କ୍ରୟ କରିବାର ପ୍ରକ୍ରିୟାକୁ ଦୁଇ ଦଶନ୍ଧିର ସୁଦୀର୍ଘ ପ୍ରତିକ୍ଷା ପରେ ଅନୁମୋଦନ ମିଳିଥିଲା । କାନପୁରଭିତ୍ତିକ ଏମକେୟୁ ଶିଳ୍ପସଂସ୍ଥାକୁ ୧୮୦ କୋଟି ଟଙ୍କା ବ୍ୟୟରେ ୧.୫୮ ଲକ୍ଷ ହେଲମେଟ ପ୍ରସ୍ତୁତି ପାଇଁ ଅନୁବନ୍ଧିତ କରାଯାଇଥିଲା। ୨୦୧୬ ବର୍ଷ ସେନା ପାଇଁ ସବୁଠାରୁ ଘଟଣାବହୁଳ ବର୍ଷ ଥିଲା, ଯେଉଁବର୍ଷ ସର୍ଜିକାଲ ଷ୍ଟ୍ରାଇକ ପରେ ପାକିସ୍ତାନର ଯେକୌଣସି ଦୁଃସାହସିକ ପଦକ୍ଷେପର ମୁକାବିଲା ପାଇଁ ନିରାପତ୍ତା ବିଷୟ କ୍ୟାବିନେଟ କମିଟି ଫାଷ୍ଟ ଟ୍ରାକ୍ ପ୍ରକ୍ରିୟା ମାଧ୍ୟମରେ ୨୦୦୦୦ କୋଟି ଟଙ୍କା ମୂଲ୍ୟର ସାମଗ୍ରୀ କ୍ରୟ ପାଇଁ ପ୍ରତିରକ୍ଷା ଚୁକ୍ତି ସକାଶେ ସେନାର ତିନି ବାହିନୀକୁ କ୍ଷମତା ପ୍ରଦାନ କରିଥିଲା ।

ଏହି ପରିସ୍ଥିତି ଉପରେ ଆଲୋକପାତ କରି ପୂର୍ବତନ ସିଏଜିଙ୍କ ଦ୍ୱାରା ସଂସଦରେ ଉପସ୍ଥାପିତ ଏକ ରିପୋର୍ଟରେ ସ୍ପଷ୍ଟ ଭାବେ ଦର୍ଶାଯାଇଥିଲା ଯେ ଆସନ୍ନ ବିପତି ସତ୍ତ୍ୱେ ପର୍ଯ୍ୟାପ୍ତ ପରିମାଣର ଜରୁରୀ ଅସ୍ତ୍ରଶସ୍ତ୍ର ଗଚ୍ଛିତ ରଖାଯାଇନଥିଲା । ୨୦୧୩ ମାର୍ଚ୍ଚ ସୁଦ୍ଧା ପରିସ୍ଥିତି ଏକ ଭୟାବହ ସ୍ତରରେ ପହଞ୍ଚିସାରିଥିଲା। ସେନାକୁ ମଜବୁତ କରିବା ପାଇଁ ନିକଟ ଅତୀତରେ ନିଆଯାଇଥିବା ପର୍ଯ୍ୟାପ୍ତ ପଦକ୍ଷେପ ଯୋଗୁଁ ଭାରତ ଯେଉଁ ଗମ୍ଭୀର ପରିସ୍ଥିତିର ସାମନା କରିବା ଅବସ୍ଥାରେ ଥିଲା ତାହା ଏବେ ଅପସରି ଯାଇଛି । ୪୩ ବର୍ଷର ପ୍ରତୀକ୍ଷା ପରେ ଏକ ପାହ୍ୟା ଏକ ପେନସନ୍ ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ ହୋଇଛି । ■




# ବିଶ୍ୱ ସ୍ତରରେ ଭାରତ ପ୍ରଶଂସିତ

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୨୦୧୪ ମସିହାର ସାଧାରଣ ନିର୍ବାଚନରେ ଅଭୂତପୂର୍ବ ବିଜୟ ହାସଲ କରିବା ପରେ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ଶାସନଭାର ୨୦୧୪ ମସିହାରେ ଗ୍ରହଣ କରିଥିଲେ । ଏହା ପରେ ସେ ଭାରତର ବୈଦେଶିକ ନୀତିକୁ ତ୍ୱରାନ୍ୱିତ କରି ପୁରୁଣା ବନ୍ଧୁ ରାଷ୍ଟ୍ରମାନଙ୍କ ସହିତ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ସହିତ ନୂତନ ବନ୍ଧୁରାଷ୍ଟ୍ରମାନ ସୃଷ୍ଟି କରିଥିଲେ। ଏକବିଂଶ ଶତାବ୍ଦୀରେ ଭାରତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେ ଏହି ଦିଗରେ ଅତି ସକାରାତ୍ମକ ପଦକ୍ଷେପ ଗ୍ରହଣ କରିଥିଲେ । ଏଥିପାଇଁ ସେ "ଇଣ୍ଡିଆ ଫାଷ୍ଟ" ନୀତି ଆପଣାଇଥିଲେ । ପ୍ରଧାନମନ୍ତ୍ରୀଙ୍କ ବିଦେଶ ନୀତିର ଦୁଇଟି ପ୍ରମୁଖ ବୈଶିଷ୍ଟ୍ୟ ହେଲା- "ଆକ୍ଟିଂ ଇଷ୍ଟ" ଏବଂ "ଲୁକିଂ ୱେଷ୍ଟ", ଅର୍ଥାତ୍ "ପୂର୍ବ ଏସୀୟ ରାଷ୍ଟ୍ରମାନଙ୍କ ସହିତ ସୁସମ୍ପର୍କ ରକ୍ଷା ଦିଗରେ ଗୁରୁତ୍ୱ ଆରୋପ" ଏବଂ "ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ସହ ସୁସମ୍ପର୍କ ବୃଦ୍ଧି" ଯାହାକି ଭାରତର ବୈଶ୍ୱିକ ମହତ୍ତ୍ୱାକାଂକ୍ଷାକୁ ଏକ ନବ ଜୀବନ ପ୍ରଦାନ କରିଛି ।

ମୋଦୀ ସରକାରଙ୍କ ବୈଦେଶିକ ନୀତିର ପ୍ରମୁଖ ବୈଶିଷ୍ଟ୍ୟଟି ହେଲା ପ୍ରତିବେଶୀ ରାଷ୍ଟ୍ରମାନଙ୍କ ନିକଟତର ହେବା ଯଦ୍ୱାରା ସେମାନେ ଯେଭଳି ନିଜ ଘର ପଛପଟେ ରହିଥିବା ପରି ଅନୁଭୂତ ହେବେ। ଏଥିପାଇଁ ୨୦୧୪ ମସିହାରେ କ୍ଷମତାକୁ ଆସିବା ପରଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ "ପ୍ରଥମେ ପ୍ରତିବେଶୀ" ନୀତିକୁ ଅଗ୍ରାଧିକାର ପ୍ରଦାନ କରିଆସିଛନ୍ତି । ଏହି ନୀତିକୁ ମହାମନ୍ତ୍ର ରୂପେ ଗ୍ରହଣ କରି ସେହି ଦିଗରେ ସରକାର ଦରିଆପାରୀ ପ୍ରତିବେଶୀ ରାଷ୍ଟ୍ରମାନଙ୍କ ସହ ସମ୍ପର୍କକୁ ଘନିଷ୍ଠ କରିବା ଦିଗରେ ପ୍ରୟାସୀ ହୋଇଛନ୍ତି । ମୋଦୀ ସରକାର ଏହି ନୀତିକୁ ନିଷ୍ଠାର ସହ ଅନୁପାଳନ କରିବା ଦ୍ୱାରା ଦେଶକୁ ଏହାର ସୁଫଳ ପ୍ରାପ୍ତ ହୋଇଛି ଏବଂ ଅନେକ ରାଷ୍ଟ୍ରଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କରେ ଯଥେଷ୍ଟ ଉନ୍ନତି ପରିଲକ୍ଷିତ ହୋଇଛି । ଭାରତ ତାର ପ୍ରାଚୀନ ଚିନ୍ତାଧାରା "ବସୁଧୈବ କୁଟୁମ୍ବକମ୍" ନୀତିକୁ ପୁଣି ଥରେ କାର୍ଯ୍ୟରେ ରୂପାନ୍ତରୀତ କରି କରୋନା ମହାମାରୀ ସମୟରେ ବିଶ୍ୱର ଅନେକ ରାଷ୍ଟ୍ରଙ୍କୁ ସହାୟତା ଯୋଗାଇ ଦେବା ସହିତ ଏକ ବୈଶ୍ୱିକ ନେତୃତ୍ୱର ମାନ୍ୟତାର ସହ ନିଜକୁ ସୁପ୍ରତିଷ୍ଠିତ କରିପାରିଛି ।

**ଦ୍ୱିପାକ୍ଷିକ ସମ୍ପର୍କ ରକ୍ଷାକୁ ପୁନର୍ଜୀବନ ପ୍ରଦାନ**

ବୈଶ୍ୱିକ ମହାମାରୀ କରୋନା ସଂକ୍ରମଣ କାଳରେ ଯେତେବେଳେକି ସାରା ବିଶ୍ୱରେ ସବୁକିଛି ସ୍ଥିର ଅବସ୍ଥାରେ ପହଞ୍ଚି ସାରିଥିଲା, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱ ସମୁଦାୟକୁ ନେତୃତ୍ୱ ପ୍ରଦାନ ପୂର୍ବକ ବୈଶ୍ୱିକ ସମସ୍ୟା ସମ୍ପର୍କରେ ଅନେକ ରାଷ୍ଟ୍ରର ନେତୃବର୍ଗଙ୍କ ସହ ଭର୍ଚୁଆଲ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସେ ଏହି ଅବସରରେ ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ୍, ଫ୍ରାନ୍ସ ଜର୍ମାନୀ, ଉପସାଗରୀୟ ରାଷ୍ଟ୍ରସମୂହ ଏବଂ ପଶ୍ଚିମ ଏସୀୟ ରାଷ୍ଟ୍ରମାନଙ୍କ ସହିତ ପ୍ରଧାନମନ୍ତ୍ରୀ ଭାରତର ସମ୍ପର୍କକୁ ସୁଦୃଢ଼ କରିପାରିଛନ୍ତି । ଏହା ବ୍ୟତୀତ ସେ ଜି- ୨୦ ଏବଂ ନାମ୍ ଶିଖର ସମ୍ମିଳନୀରେ ମଧ୍ୟ ଯୋଗ ଦେଇଥିଲେ ।

- କରୋନା ମହାମାରୀ କାଳରେ, ପ୍ରଧାନମନ୍ତ୍ରୀ ବାଂଲାଦେଶ ଗସ୍ତରେ ଯାଇ ସେହି ରାଷ୍ଟ୍ର ସହିତ ଭାରତର ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ଅଧିକ ମଜଭୁତ କରିବା ସହ ସେ ଦେଶର ଜାତୀୟ ଦିବସ ପାଳନ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇଥିଲେ ।
- ବାଂଲାଦେଶ ଓ ନେପାଳ ସହିତ ସୀମାପାର ସହଯୋଗ ବୃଦ୍ଧି ନିମନ୍ତେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଅନେକ ଗୁଡ଼ିଏ ସକାରାତ୍ମକ ପଦକ୍ଷେପ ଗ୍ରହଣ କରିଛନ୍ତି ।
- ମାଳଦ୍ୱୀପ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ରୁଲ୍ ଅଫ୍ ନିଶାନ୍ ଇଜୁଦ୍ଦିନ୍'ରେ ସମ୍ମାନିତ କରାଯାଇଥିଲା ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ

# ଆତଙ୍କବାଦ ଉପରେ ପ୍ରଚଣ୍ଡ ପ୍ରହାର ସ୍ୱରୂପ ପାକିସ୍ତାନକୁ ଏକଘରିକିଆ

- ଫାଇନାନ୍ସିଆଲ ଆକ୍ସନ ଟାସ୍କ ଫୋର୍ସ (ଏଫଏଟିଏଫ) ଦ୍ୱାରା ପାକିସ୍ତାନକୁ କଳାତାଲିକାଭୁକ୍ତ କରାଯିବା ପ୍ରୟାସକୁ ସୁନିଶ୍ଚିତ କରିବା ଦିଗରେ ଭାରତ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ଏଥି ସହିତ ଏସିଆ-ପ୍ରଶାନ୍ତ ମହାସାଗରୀୟ ଉପ-ଗୋଷ୍ଠୀ ଦ୍ୱାରା ମଧ୍ୟ ପାକିସ୍ତାନ କଳାତାଲିକାଭୁକ୍ତ ହୋଇଛି ।
- ଭାରତ ପାଇଁ ଏକ ବିଜୟ ସ୍ୱରୁପ ଅନ୍ତର୍ଜାତୀୟ କୋର୍ଟ ଏହାର ରାୟରେ କୁଲଭୂଷଣ ଯାଦବଙ୍କୁ କନସୁଲାର ପ୍ରବେଶ ପାଇଁ ଅନୁମତି ଦେଇଛନ୍ତି ।

## ସହାୟତାର ହାତ ବଢ଼ାଇଲା ଭାରତ



୨୦୧୫ ମସିହାରେ ନେପାଳରେ ସଂଘଟିତ ଭୟଙ୍କର ଭୂମିକମ୍ପ ପରେ ଭାରତ ସେଠାକୁ ତୁରନ୍ତ ଏକ ସ୍ୱତନ୍ତ୍ର ବିମାନ ଯୋଗେ ରିଲିଫ ସାମଗ୍ରୀ ପଠାଇଥିଲା । ଏହାତିରିକ୍ତ ସେ ଦେଶକୁ ଏଭଳି ଦୁର୍ଗତି ସମୟରେ ଭାରତ ଆର୍ଥିକ ସହାୟତା ମଧ୍ୟ ଯୋଗାଇଥିଲା ।



ଇଣ୍ଡୋନେସିଆରେ ସଂଘଟିତ ଭୂମିକମ୍ପ ଏବଂ ସୁନାମୀରେ ଆକ୍ରାନ୍ତ ଲୋକମାନଙ୍କ ସହାୟତା ଯୋଗାଣ ନିମନ୍ତେ ଭାରତ ପକ୍ଷରୁ "ଅପରେସନ୍ ସମୁଦ୍ର ମୈତ୍ରୀ" କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ।



ସାମୁଦ୍ରିକ ମହାବାତ୍ୟା 'ଇଦାଇ' ପରେ ମୋଜାମ୍ବିକର ନାଗରିକମାନଙ୍କୁ ସହାୟତା ଯୋଗାଣ ସକାଶେ ଭାରତ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଇଥିଲା ।

## ଟିକା ମୈତ୍ରୀ

ଭାରତ କରୋନା ପ୍ରତିଷେଧକ ଟିକାର ବିକାଶ ଘଟାଇବା ପରେ ଏହା ଅନ୍ୟ ରାଷ୍ଟ୍ରମାନଙ୍କୁ ସେହି ଟିକା ଯୋଗାଣର ସୁବିଧା ଯୋଗାଇ ଦେଇଥିଲା । ଭାରତ ଏହି ସମୟରେ ବିଭିନ୍ନ ରାଷ୍ଟ୍ରଙ୍କୁ ଔଷଧ ଏବଂ ଅନ୍ୟାନ୍ୟ ରିଲିଫ ସହାୟତା ଯୋଗାଇ ଦେଇଛି । 'ଟିକା ମୈତ୍ରୀ' କାର୍ଯ୍ୟକ୍ରମ ଜରିଆରେ ଭାରତ ୯୫ଟି ରାଷ୍ଟ୍ରଙ୍କୁ ପ୍ରାୟ ଛଅ କୋଟିରୁ ଅଧିକ କରୋନା ପ୍ରତିଷେଧକ ଟିକା ଯୋଗାଇ ଦେଇଛି ।

### ଅନ୍ତରାଷ୍ଟ୍ରୀୟ ସୌର ସଂଗଠନ

ଫ୍ରାନ୍ସର ସହଯୋଗରେ ଭାରତ ଏହି ଅଭିନବ ପ୍ରୟାସ ଆରମ୍ଭ କରିଥିଲା। ଅନ୍ତରାଷ୍ଟ୍ରୀୟ ସୌର ସଂଗଠନର ସଚିବାଳୟ କୌଣସି ବୈଶ୍ୱିକ ସଂଗଠନର ମୁଖ୍ୟାଳୟ ଭାରତରେ ପ୍ରତିଷ୍ଠା ହେବାର ପ୍ରଥମ ଦୃଷ୍ଟାନ୍ତ ।

### ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ

ଭାରତର ପ୍ରାଚୀନ ଯୋଗ ପରମ୍ପରାକୁ ସମଗ୍ର ବିଶ୍ୱରେ ଏବେ ସ୍ୱୀକୃତି ମିଳିଛି । ଜୁନ୍ ୨୧ ତାରିଖକୁ ସମଗ୍ର ବିଶ୍ୱରେ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ପାଳନ କରାଯାଉଛି ।

### କ୍ୱାଡ

'କ୍ୱାଡ' ସଂଗଠନରେ ଭାରତ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ରଣନୀତିକ ସହଯୋଗୀ ରାଷ୍ଟ୍ର । ଏହି ସଂଗଠନରେ ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆ ସଦସ୍ୟ ଭାବେ ରହିଛନ୍ତି । ଏସିଆ ଓ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ପାଇଁ ରଣନୀତିକ ଦୃଷ୍ଟିକୋଣରୁ ଏହା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ।

### ୨+୨ ବାର୍ତ୍ତାଳାପ

୨୦୧୮ ମସିହାରେ ଭାରତ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ୨ + ୨ ମନ୍ତ୍ରିସ୍ତରୀୟ ବାର୍ତ୍ତାଳାପ ଆରମ୍ଭ କରିଥିଲେ । ୨୦୨୦ ମସିହା ଅକ୍ଟୋବର ମାସରେ ଏହି ୨ + ୨ ବାର୍ତ୍ତାଳାପର ତୃତୀୟ ସଂସ୍କରଣ ନୂଆ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିଲା । ଏହି ମନ୍ତ୍ରିସ୍ତରୀୟ ଶିଖର ବୈଠକରେ ଭାରତ ଆମେରିକା ସହିତ ଅନେକ ରାଜିନାମାରେ ସ୍ୱାକ୍ଷର କରିଛି ।

ମୋଦୀଙ୍କୁ ସେ ରାଷ୍ଟ୍ରର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଅର୍ଡର ଅଫ୍ ଜାୟେଦ୍'ରେ ଭୂଷିତ କରାଯାଇଥିଲା ।

- ମିଳିତ ଜାତିସଂଘର ନିରାପତ୍ତା ପରିଷଦରେ ଭାରତ ରେକର୍ଡ ଅଷ୍ଟମ ଥର ପାଇଁ ଅସ୍ଥାୟୀ ସଦସ୍ୟ ଭାବେ ମନୋନୀତ ହୋଇଛି ।
- ୨୦୧୯ ମସିହାରେ ଇଷ୍ଟର ପର୍ବ ବେଳେ ସେଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଘଟଣାର ତୁରନ୍ତ ପରେ ଶ୍ରୀଲଙ୍କାର ନାଗରିକମାନଙ୍କ ସହ ପ୍ରତିବଦ୍ଧତା ପ୍ରକଟ ପୂର୍ବକ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଶ୍ରୀଲଙ୍କାର ସେଣ୍ଟ ଆନ୍ଥୋନୀ ଚର୍ଚ୍ଚ ପରିଦର୍ଶନ ସହିତ ଆତଙ୍କବାଦୀଙ୍କ ଦ୍ୱାରା କରାଯାଇଥିବା ବିସ୍ଫୋରଣ ସ୍ଥାନ ପରିଦର୍ଶନ କରିଥିଲେ ।
- 'ଉହାନ୍ ଚିନ୍ତାଧାରା' ଏବଂ 'ଚେନ୍ନାଇ ସଂପର୍କ' ପଦକ୍ଷେପର ସହ ଚୀନ୍ ସହ ସମ୍ପର୍କକୁ ନିବିଡ଼ କରାଯିବା ନିମନ୍ତେ ସକଳ ପ୍ରକାର ପ୍ରୟାସ ଗ୍ରହଣ କରାଯାଇଛି ।
- ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜାପାନରେ ଅନୁଷ୍ଠିତ ଏସସିଓ ଶିଖର ବୈଠକ, ଜି- ୨୦ ଶିଖର ସମ୍ମିଳନୀ, ବ୍ରାଜିଲରେ ଆୟୋଜିତ ବ୍ରିକ୍ସ ଶିଖର ବାର୍ତ୍ତାଳାପ ଏବଂ ରୁଷିଆରେ ଅନୁଷ୍ଠିତ ଆର୍ଥିକ ଫୋରମରେ ଅଂଶଗ୍ରହଣ ପୂର୍ବକ ତାଙ୍କର ଅଲିଭା ପରାକାଷ୍ଠା ଛାଡ଼ିଛନ୍ତି ।
- ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ନରେନ୍ଦ୍ର ମୋଦୀ ଇସ୍ରାଏଲ, ଫ୍ରାନ୍ସ, ବ୍ରିଟେନ, ଜାପାନ, ଯୁକ୍ତରାଷ୍ଟ୍ର ଆମେରିକା ଓ ଦକ୍ଷିଣ କୋରିଆ ଭଳି ରାଷ୍ଟ୍ରଙ୍କ ସହ ଦ୍ୱିପାକ୍ଷିକ ସଂପର୍କକୁ ଅଧିକ ସୁଦୃଢ଼ କରିଛନ୍ତି । ସେହିଭଳି ଇରାନ, ସାଉଦି ଆରବ ଓ ଇସ୍ରାଏଲ ଭଳି ପଶ୍ଚିମ ଏସୀୟ ରାଷ୍ଟ୍ରଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ଅଧିକ ନିବିଡ଼ ହୋଇପାରିଛି । ଅନ୍ୟ ପକ୍ଷରେ ନ୍ୟୁଜିଲାଣ୍ଡ ଏବଂ ଅଷ୍ଟ୍ରେଲିଆ ସହ ଭାରତର ସହଭାଗୀତା ଅଧିକ ସୁଦୃଢ଼ ହୋଇପାରିଛି ।
- ବିଭିନ୍ନ ପ୍ରକାର ପ୍ରୟାସ ଦ୍ୱାରା ଇରାନ ସହ ଭାରତର ଦ୍ୱିପାକ୍ଷିକ ସମ୍ପର୍କରେ ଗତ କିଛି ବର୍ଷ ମଧ୍ୟରେ ବୈପ୍ଳବିକ ପ୍ରଗତି ପରିଲକ୍ଷିତ ହୋଇଛି। ଏହି ସମ୍ପର୍କକୁ ଅଧିକ ନିବିଡ଼ କରିବା ନିମନ୍ତେ ଭାରତ ଇରାନ ସହିତ ଐତିହାସିକ ଚାବାହାର ରାଜିନାମା ସ୍ୱାକ୍ଷର କରିଛି ।
- ସେହିଭଳି ପାଲେଷ୍ଟାଇନ ସହିତ ଥିବା ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହୋଇଛି । ୨୦୧୮ ମସିହାରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ପାଲେଷ୍ଟାଇନ୍ ଗସ୍ତ ବେଳେ ତାଙ୍କୁ 'ଗ୍ରାଣ୍ଡ କଲାର ଅଫ୍ ଦି ଷ୍ଟେଟ୍ ଅଫ୍ ପାଲେଷ୍ଟାଇନ' ସମ୍ମାନରେ ଭୂଷିତ କରାଯାଇଥିଲା ।
- ଅନ୍ତରାଷ୍ଟ୍ରୀୟ ସ୍ତରରୁ ସକଳ ପ୍ରକାର ଚାପ ସତ୍ତ୍ୱେ ଭାରତ ଆରସିଇପିରେ ଯୋଗ ଦେଇନଥିଲା । ■




# ଶହ ଶହ ବର୍ଷ ଦୀର୍ଘ ପ୍ରତୀକ୍ଷାର ଅନ୍ତ

୨୦୧୯ ମସିହା ନଭେମ୍ବର ୯ ତାରିଖ ଦିନ ମାନ୍ୟବର ସୁପ୍ରିମ କୋର୍ଟ ଅଯୋଧା ଠାରେ ରାମ ମନ୍ଦିର ନିର୍ମାଣ ସଂପର୍କୀତ ତାଙ୍କର ଦୀର୍ଘ ପ୍ରତୀକ୍ଷିତ ରାୟ ପ୍ରଦାନ କରିଥିଲେ । ଉତ୍କଣ୍ଠିତ ଦେଶବାସୀ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ରାୟକୁ ସ୍ୱାଗତ କଲାବେଳେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମଧ ଦେଶବାସୀଙ୍କ ସହ ଏଥିରେ ନିଜକୁ ସାମିଲ କରିଥିଲେ ଏବଂ ମାନ୍ୟବର ସୁପ୍ରିମ କୋର୍ଟଙ୍କ ଐତିହାସିକ ରାୟକୁ ଭାରତ ପାଇଁ ଏକ ନୂତନ ସୂର୍ଯ୍ୟୋଦୟ ଭାବେ ଅଭିହିତ କରିଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଅବସରରେ ଦେଶର ଯୁବଗୋଷ୍ଠୀଙ୍କୁ ଏକ ନବ ଭାରତର ନିର୍ମାଣରେ ସହଯୋଗର ହାତ ବଢ଼ାଇବା ନିମନ୍ତେ ଆହ୍ୱାନ ଜଣାଇଥିଲେ । ଏହା ରାମ ମନ୍ଦିର ସଂପର୍କରେ ହୋଇଥାଉ ଅଥବା କର୍ତ୍ତାରପୁର କରିଡୋର ସଂପର୍କରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ ଘେନି ହୋଇଥାଉ, ଅବା ଜମ୍ମୁ ଓ କଶ୍ମୀରରୁ ସମ୍ବିଧାନର ଧାରା ୩୭୦ର ଉଚ୍ଛେଦ ବା ତିନି ତଲାକ ପରମ୍ପରାର ଉଚ୍ଛେଦ ଅଥବା ନାଗରିକ ସଂଶୋଧନ ଆଇନ ସମ୍ପର୍କୀତ ହୋଇଥାଉ, ଭାରତକୁ ପ୍ରଗତି ପଥରେ ଦ୍ରୁତ ଗତିରେ ଆଗେଇ ନେବାକୁ ଏହିସବୁ ସିଦ୍ଧାନ୍ତ ଉଦ୍ଦିଷ୍ଟ ।

ଗତ ବର୍ଷ ଅଗଷ୍ଟ ୫ ତାରିଖ ଦିନ ଅଯୋଧାଠାରେ ରାମ ମନ୍ଦିର ନିମନ୍ତେ ଆଧାରଶିଳା ସ୍ଥାପନ କାର୍ଯ୍ୟକ୍ରମ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କହିଥିଲେ, "ମହାତ୍ମା ଗାନ୍ଧୀଙ୍କ ସ୍ୱାଧୀନତା ସଂଗ୍ରାମ ବେଳେ ଦେଶର ଦଳିତ, ପଛୁଆ ବର୍ଗ, ଆଦିବାସୀ ସମ୍ପ୍ରଦାୟ ଏବଂ ଅନ୍ୟ ସମସ୍ତ ବର୍ଗର ଲୋକ ଯେଉଁଭଳି ଏକ ମନରେ ତାଙ୍କୁ ସମର୍ଥନ ଦେଇଥିଲେ ଅନୁରୂପ ଭାବେ ପବିତ୍ର ରାମ ମନ୍ଦିର କାର୍ଯ୍ୟ ଆରମ୍ଭ ହେବା ସକାଶେ ଦେଶର ସମସ୍ତ ଜନସାଧାରଣ ଏବେ ସମର୍ଥନ ଜ୍ଞାପନ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଏହି ଉକ୍ତି ତାଙ୍କର ମନର ଭାବନାକୁ ପରିସ୍ଫୁଟ କରେ ଯାହା ସୂଚାଏ ଯେ ପ୍ରଭୁ ରାମ ସର୍ବବ୍ୟାପୀ ଏବଂ ମାନବ ଜୀବନର ସକଳ କାର୍ଯ୍ୟରେ ତାଙ୍କର ସତ୍ତାକୁ ଅନୁଭବ କରାଯାଇପାରିବ । ଭାରତର ଆତ୍ମସତ୍ତା ଓ ଭାବନାରେ ରାମ ବିଦ୍ୟମାନ ରହିଛନ୍ତି ଏବଂ ତାହା ଭାରତୀୟ ଆଦର୍ଶରେ ପ୍ରତିଫଳିତ । ଭାରତର ଦିବ୍ୟତ୍ୱରେ ରାମଙ୍କ ଉପସ୍ଥିତି ଅନୁଭବ କରାଯାଇପାରିବ । ସେହିଭଳି ଭାରତୀୟ ଦର୍ଶନରେ ମଧ ପ୍ରଭୁ ରାମଙ୍କ ସତ୍ତାକୁ ଯେକେହି ଅନୁଭବ କରିପାରିବ । ଏଭଳି ସ୍ଥିତିରେ, ଆମମାନଙ୍କୁ ଏକଥା ସ୍ମରଣ ରଖିବାକୁ ହେବ ଯେ ଯେତେବେଳେ ସମଗ୍ର ମାନବ ସମାଜ ମର୍ଯ୍ୟାଦାପୁରୁଷ ଶ୍ରୀରାମଙ୍କୁ ଗ୍ରହଣ କରିସାରିଛି- ଆମେ ଯେତେବେଳେ ଏଥିପାଇଁ ଅଣ୍ଡାଳି ହେଉଥିଲୁ ସେତିକିବେଳେ ଏଭଳି ଘଟଣାକ୍ରମ ଘଟିଛି- ଭଗ୍ନ ମାର୍ଗ ମୁକ୍ତ ହୋଇସାରିଥିଲା । ଆମକୁ ପ୍ରତ୍ୟେକଙ୍କ ମନର ଭାବନାକୁ ସମ୍ମାନ ଜଣାଇବାକୁ ପଡ଼ିବ । ଆମକୁ ଦେଶର ପ୍ରତ୍ୟେକ ନାଗରିକଙ୍କ ପ୍ରଗତିକୁ ସୁନିଶ୍ଚିତ କରିବାକୁ ହେବ । ସେମାନଙ୍କର ସମର୍ଥନ ଓ ଆସ୍ଥାକୁ ମଧ ଗ୍ରହଣ କରିବାକୁ ପଡ଼ିବ । ରାମ ରାଜ୍ୟର ଏହି ଭାବନା ହିଁ ରାଷ୍ଟ୍ରର ସାଂସ୍କୃତିକ ଐତିହ୍ୟ ପୃଷ୍ଠଭୂମିରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି । ବିଗତ କିଛି ବର୍ଷ ମଧ୍ୟରେ ଏହି ପରିପ୍ରେକ୍ଷୀରେ ଯେଉଁ କେତେଗୋଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି ତାହା ସରକାରଙ୍କ ପ୍ରତିବଦ୍ଧତାକୁ ଲୋକମାନଙ୍କ ନିକଟରେ ସ୍ପଷ୍ଟ ଭାବେ ଉପସ୍ଥାପିତ କରିଛି ।



# ଅଯୋଧ୍ୟା ରାୟ

ଏହି ଐତିହାସିକ ରାୟ ରାଷ୍ଟ୍ରର ସାମାଜିକ ସଦ୍ଭାବନା ଓ ସୁଭାବନାକୁ ଏକ ବାର୍ତ୍ତା ପ୍ରେରଣ କରିଛି ।



**492**

ଅଯୋଧ୍ୟାଠାରେ ରାମ ମନ୍ଦିର ନିର୍ମାଣ ନିମନ୍ତେ ଯେଉଁ ଦୀର୍ଘ ୪୯୨ ବର୍ଷର ପ୍ରତୀକ୍ଷା କରିବାକୁ ପଡ଼ିଥିଲା ପରିଶେଷରେ ୨୦୧୯ ମସିହା ନଭେମ୍ବର ୯ ତାରିଖ ଦିନ ମାନ୍ୟବର ସୁପ୍ରିମ୍ କୋର୍ଟଙ୍କ ରାୟ ପ୍ରଦାନ ଫଳରେ ତାହାର ଅନ୍ତ ଘଟିଛି ଏବଂ ଏବେ ମନ୍ଦିର ନିର୍ମାଣ ନିମନ୍ତେ ପଥ ପରିଷ୍କାର ହୋଇଛି ।

- ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୨୦୨୦ ମସିହା ଅଗଷ୍ଟ ୫ ତାରିଖ ଦିନ ରାମ ମନ୍ଦିର ନିର୍ମାଣ ନିମନ୍ତେ ଆଧାରଶିଳା ସ୍ଥାପନ କରିଛନ୍ତି । ଏହି ଅବସରରେ ସେ କହିଥିଲେ ଯେ ରାମ ମନ୍ଦିର ନିର୍ମାଣ କେବଳ ଅଯୋଧ୍ୟାର ମହାର୍ଘ୍ୟ ଶୋଭା ବର୍ଦ୍ଧନ କରିବନାହିଁ ଅପରନ୍ତୁ ଏହା ଏହି କ୍ଷେତ୍ରର ଅର୍ଥନୈତିକ ସ୍ଥିତିରେ ମଧ୍ୟ ପରିବର୍ତ୍ତନ ଆଣିବ ।
- ଏହି ଅଞ୍ଚଳର ପ୍ରତ୍ୟେକ କ୍ଷେତ୍ରରେ ଅଧିକରୁ ଅଧିକ ସୁଯୋଗ ଲୋକମାନଙ୍କ ପାଇଁ ଉପଲବ୍ଧ ହେବ । ଚିନ୍ତା କରି ଦେଖନ୍ତୁ, ପ୍ରଭୁ ଶ୍ରୀରାମ ଏବଂ ମାତା ଜାନକୀଙ୍କୁ ଦର୍ଶନ କରିବା ଏବଂ ସେମାନଙ୍କ ଠାରେ ଭକ୍ତି ନିବେଦନ କରିବା ସକାଶେ ସାରା ବିଶ୍ୱରୁ ଲୋକମାନେ ଏଠାକୁ ଆସିବେ ।

# 1 ରାଷ୍ଟ୍ରୀୟ ଆଇନ୍ ସଂକେତ

## ବାସ୍ତବତାର ରୂପ ନେଲା

ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ସଂକଳ୍ପ ଥିଲା 'ଗୋଟିଏ ରାଷ୍ଟ୍ରରେ ଦୁଇଟି ସମ୍ବିଧାନ, ଦୁଇ ଜଣ ପ୍ରଧାନମନ୍ତ୍ରୀ ଓ ଦୁଇଟି ଜାତୀୟ ପତାକା କଦାପି ରହିପାରିବନାହିଁ । ତାଙ୍କର ଏହି ବାଣୀକୁ ବାସ୍ତବତାରେ ପରିଣତ କରିବା ସକାଶେ ଦୀର୍ଘ ୭୨ ବର୍ଷ ବିତି ଯାଇଥିଲା । ସମ୍ବିଧାନର ଧାରା ୩୭୦ ଏବଂ ଧାରା ୩୫ଏ ର ଉଚ୍ଛେଦ ଘଟିବା କରେ ଏବେ ଦ୍ରୁତ ବିକାଶ ନିମନ୍ତେ ଜମ୍ମୁ ଓ କଶ୍ମୀର ଏବଂ ଲଦାଖ ଦେଶର ଅନ୍ୟାନ୍ୟ କ୍ଷେତ୍ରର ପଦାଙ୍କ ଅନୁସରଣ କରିପାରୁଛନ୍ତି ।



- ଜମ୍ମୁ ଓ କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ଭାରତ ସମ୍ବିଧାନର ଧାରା ୩୭୦କୁ ଉଚ୍ଛେଦ କରିବା ସକାଶେ ୨୦୧୯ ମସିହା ଅଗଷ୍ଟ ୫ ତାରିଖ ଦିନ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ଯାହାକି ଦୀର୍ଘ ଛଅ ଦଶନ୍ଧି ଧରି ସେହି କ୍ଷେତ୍ର ପାଇଁ ଚଳି ଆସୁଥିବା ବୈମାତୃକ ଭାବର ଅନ୍ତ ଘଟାଇଥିଲା ।
- ଏହା ଜମ୍ମୁ ଓ କଶ୍ମୀରକୁ ବାସ୍ତବରେ ଅବଶିଷ୍ଟ ଭାରତ ସହ ମିଶ୍ରଣ ଘଟାଇବା ପଦକ୍ଷେପକୁ ସୁନିଶ୍ଚିତ କରିଥିଲା ।
- ଜମ୍ମୁ ଓ କଶ୍ମୀରର ସମଗ୍ର କ୍ଷେତ୍ରକୁ ଦୁଇଟି କେନ୍ଦ୍ରଶାସିତ କ୍ଷେତ୍ର- ଜମ୍ମୁ ଓ କଶ୍ମୀର (ଯାହାର ଏକ ବିଧାନସଭା ରହିବ) ଏବଂ ଲଦାଖରେ ପରିଣତ କରାଯାଇଥିଲା । ଲଦାଖର ସ୍ୱତନ୍ତ୍ର ଆବଶ୍ୟକତା ଦୃଷ୍ଟିରୁ ଏହି କ୍ଷେତ୍ର ପାଇଁ କୌଣସ ବିଧାନପାଳିକା ବ୍ୟବସ୍ଥା ରଖାଯାଇନାହିଁ ।
- ସଂସଦରେ ରାଜ୍ୟ ପୁନର୍ଗଠନ ବିଲ୍ ଗୃହୀତ ହେବା ପରେ, ଦୀର୍ଘ ୭୦ ବର୍ଷ ଧରି ଲଦାଖ କରିଆସୁଥିବା ଦାବି ପରିଶେଷରେ ସାକାର ହୋଇପାରିଛି ।.
- ଏବେ ଜମ୍ମୁ ଓ କଶ୍ମୀର ଏବଂ ଲଦାଖ ବାସ୍ତବ ଦୃଷ୍ଟିକୋଣରୁ ସାମାଜିକ ଓ ଆର୍ଥିକ ପରିବର୍ତ୍ତନ ଦିଗରେ ଦ୍ରୁତ ବେଗରେ ପ୍ରଗତି ପଥରେ ଅଗ୍ରସର ହେଉଛି ।ଏଥିପାଇଁ ନୂତନ ବାସଭୂମି ଆଇନ ପ୍ରଣୀତ ହୋଇଛି ଏବଂ ସ୍ଥାନୀୟ ଲୋକମାନଙ୍କୁ ଗଣତାନ୍ତ୍ରିକ ଅଧିକାର ପ୍ରଦାନ କରାଯାଇଛି ।

# ତିନି ତଲାକ ଭଳି ବୈଷମ୍ୟବାଦୀ ବ୍ୟବସ୍ଥାର ଉଚ୍ଛେଦ



- ଦେଶର ସଂସଦୀୟ ଇତିହାସରେ ୨୦୧୯ ମସିହା ଜୁଲାଇ ୩୦ ତାରିଖ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ ରୂପେ ସ୍ମରଣୀୟ ହୋଇ ରହିବ । ଏହି ଦିନ ତିନି ତଲାକ ବ୍ୟବସ୍ଥାକୁ ଉଚ୍ଛେଦ ନିମନ୍ତେ ସଂସଦରେ ବିଲ୍ ଗୃହୀତ ହୋଇଥିଲା । ମୁସଲମାନ ସମ୍ପ୍ରଦାୟର ମହିଳାମାନଙ୍କୁ ଏକ ପକ୍ଷୀୟ ଛାଡ଼ପତ୍ର ଦେବା ଭଳି ଘୃଣ୍ୟ ଶୃଙ୍ଖଳରୁ ମୁକ୍ତ କରିବା ସରକାରଙ୍କର ଏକ ପ୍ରମୁଖ ଅଭିପ୍ରାୟ ଥିଲା ।
- ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କ କହିବା ଅନୁସାରେ, 'ତିନି ତଲାକ ବିଲ୍ ସଂସଦରେ ଗୃହୀତ ହେବାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନାମକୁ ଦେଶ ସେହି ଢଙ୍ଗରେ ସ୍ମରଣ ରଖିବ ଯେପରି ରାଜା ରାମମୋହନ ରାୟ ଓ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ନାମକୁ ଦେଶ ସ୍ମରଣ ରଖିଆସିଛି ।. ■

# କର୍ତ୍ତାରପୁର କରିଡୋର

- ଗତ ବର୍ଷ କର୍ତ୍ତାରପୁର କରିଡୋରକୁ ଉନ୍ମୁକ୍ତ କରାଯାଇଛି ଯାହା ଭାରତର ଗୁରଦାସପୁରସ୍ଥିତ ଡେରା ବାବା ସାହିବ ସହିତ ପାକିସ୍ତାନର ଗୁରୁଦ୍ୱାରା କର୍ତ୍ତାରପୁର ସାହିବକୁ ସଂଯୋଗ କରୁଛି ।
- ଶିଖ୍ ଧର୍ମର ପ୍ରତିଷ୍ଠାତା ଗୁରୁ ନାନକ ଦେବଜୀ ତାଙ୍କ ଜୀବନର ଶେଷ ସମୟ କର୍ତ୍ତାରପୁରଠାରେ ଅତିବାହିତ କରିଥିଲେ । ଏହି ପବିତ୍ର ସ୍ଥାନକୁ ଭାରତରେ ବସବାସ କରୁଥିବା ଶିଖ୍ ସମ୍ପ୍ରଦାୟର ଲୋକମାନେ ପୂର୍ବରୁ କେବଳ ବାଇନୋକୁଲାର ସାହାଯ୍ୟରେ ଦେଖିପାରୁଥିଲେ ।
- ୨୦୧୯ ମସିହା ନଭେମ୍ବର ୯ ତାରିଖ ଦିନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କର୍ତ୍ତାରପୁର କରିଡୋରକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ ଯାହାକି ୧୨୦ କୋଟି ଟଙ୍କା ବିନିମୟରେ ନିର୍ମାଣ କରାଯାଇଛି ।
- ଏବେ ଭାରତର ଯେକୌଣସି ଧର୍ମର ତୀର୍ଥଯାତ୍ରୀମାନେ ଏହି କରିଡୋର ମାଧ୍ୟମରେ କର୍ତ୍ତାରପୁର ସାହିବ ପର୍ଯ୍ୟନ୍ତ ଯାତ୍ରା କରିପାରିବେ । ଏହି ସ୍ଥାନ ପରିଦର୍ଶନ କରିବାକୁ ସେମାନଙ୍କର କୌଣସି ଭିସା ଆବଶ୍ୟକ ପଡ଼ିବନାହିଁ ।



## ନାଗରିକ ସଂଶୋଧନ ଆଇନ ବଳରେ ପାକିସ୍ତାନ, ବାଂଲାଦେଶ, ଆଫଗାନିସ୍ତାନର ନିର୍ଯ୍ୟାତିତ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନଙ୍କ ନିମନ୍ତେ ସୁରକ୍ଷା ବ୍ୟବସ୍ଥା



- ନାଗରିକ ସଂଶୋଧନ ଆଇନ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରେ ନିର୍ଯ୍ୟାତିତ ହେଉଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନଙ୍କୁ ଭାରତରେ ସ୍ଥାୟୀ ଭାବେ ଆଶ୍ରୟ ଗ୍ରହଣ କରିବା କ୍ଷେତ୍ରରେ ଥିବା ସମସ୍ତ ପ୍ରତିବନ୍ଧକକୁ ଦୂର କରିଛି । ଏହା ବ୍ୟତୀତ, ଏହି ଆଇନରେ ଥିବା ବ୍ୟବସ୍ଥା ଅନୁସାରେ ସେହିସବୁ ଶରଣାର୍ଥୀମାନଙ୍କ ପାଇଁ ସୁବିଧା ରହିଛି ଯେଉଁମାନେ ଦେଶର ସମ୍ବିଧାନକୁ କୌଣସି ପ୍ରକାର ବିରୋଧ କରୁନାହାନ୍ତି । ସେମାନଙ୍କୁ ଏବେ ବିଚାରପୂର୍ଣ୍ଣ ଆଧାରରେ ନାଗରିକତ୍ୱ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ଏବେସୁଦ୍ଧା ଭାରତ ବାଂଲାଦେଶୀ ଲେଖିକା ତସଲିମା ନସରୀନଙ୍କୁ ଆଶ୍ରୟ ପ୍ରଦାନ କରିସାରିଛି ।
- କେନ୍ଦ୍ର ସରକାର ନାଗରିକ୍ ଆଇନରେ ସଂଶୋଧନ ଆଣିବା ନିମନ୍ତେ ଐତିହାସିକ ସିଦ୍ଧାନ୍ତ ଗ୍ରହଣ କରିଥିଲେ ଯେଉଁଥିରେ ଦୀର୍ଘ ଦଶନ୍ଧି ଧରି ଲାଗି ରହିଥିବା ସମସ୍ୟାର ସମାଧାନ ସହିତ ଭାରତର ପ୍ରତିବେଶୀ ରାଷ୍ଟ୍ର- ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରେ ନିର୍ଯ୍ୟାତିତ ହେଉଥିବା ଧର୍ମୀୟ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନଙ୍କୁ ଭାରତରେ ଆଶ୍ରୟ ଓ ନାଗରିକତ୍ୱ ପ୍ରଦାନ ପୂର୍ବକ ସେମାନଙ୍କୁ ସମସ୍ତ ଅଧିକାର ଓ ମର୍ଯ୍ୟାଦାପୂର୍ଣ୍ଣ ଭାବେ ଜୀବନ ବଞ୍ଚିବାର ସୁଯୋଗ ପ୍ରଦାନ ବ୍ୟବସ୍ଥା ରହିଛି ।
- ୨୦୧୯ ମସିହା ଡିସେମ୍ବର ୯ ଏବଂ ଡିସେମ୍ବର ୧୧ ତାରିଖ ଦିନ ଏହି ଐତିହାସିକ ବିଲ୍ ଯଥାକ୍ରମେ ଲୋକସଭା ଏବଂ ରାଜ୍ୟସଭାରେ ଗୃହୀତ ହୋଇଥିଲା । ସେହି ବର୍ଷ ଡିସେମ୍ବର ୧୨ ତାରିଖ ଦିନ ରାଷ୍ଟ୍ରପତି ଶ୍ରୀ ରାମ ନାଥ କୋବିନ୍ଦ ଏହି ବିଲକୁ ସ୍ୱୀକୃତି ପ୍ରଦାନ କରିଥିଲେ ଯାହା ଏବେ ଆଇନରେ ପରିଣତ ହୋଇଛି । ଏହି ଆଇନରେ ଥିବା ବ୍ୟବସ୍ଥା ଅନୁସାରେ ଆଫଗାନିସ୍ତାନ, ବାଂଲାଦେଶ ଓ ପାକିସ୍ତାନରେ ବସବାସ କରୁଥିବା ନିର୍ଯ୍ୟାତିତ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକ ଯେଉଁମାନଙ୍କ ମଧ୍ୟରେ ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ଜୋରାଷ୍ଟ୍ରିଆନ୍ ଏବଂ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଲୋକ ସାମିଲ ସେମାନଙ୍କୁ ଭାରତର ନାଗରିକତ୍ୱ ପ୍ରଦାନ କରାଯିବ ।

## ଦେଶର ପର୍ଯ୍ୟଟନ ସ୍ଥଳୀ ଅଧିକ ସୁନ୍ଦର ଓ ଭବ୍ୟରେ ପରିଣତ



- ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଏକ ସ୍ୱପ୍ନର ପରିକଳ୍ପନା ଥିଲା ପ୍ରସିଦ୍ଧ କେଦାରନାଥ ସହରର ପୁନଃନିର୍ମାଣ ଯାହାକି ସାତ ବର୍ଷ ପୂର୍ବେ ଏକ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ସଂପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା । ଏବେ ପୁଣି ଥରେ ଏହି ଐତିହ୍ୟ ନଗରୀ ତା'ର ପୂର୍ବ ଗୌରବକୁ ଫେରିପାଇଛି ।
- ୨୦୧୩ ମସିହା ଜୁନ ୧୬- ୧୭ ତାରିଖ ରାତିରେ କେଦାନରାଥରେ ଯେଉଁ ବାଦଲଫଟା ମୁଷଳାଧାରା ବର୍ଷା ହୋଇଥିଲା ସେଥିରେ ପ୍ରବଳ ବନ୍ୟା ଆସିବା ସହ ବ୍ୟାପକ ଭୂସ୍ଖଳନ ଘଟିଥିଲା। ଏଥିରେ ହଜାର ହଜାର ଲୋକଙ୍କ ପ୍ରାଣହାନି ଘଟିବା ସହ ପ୍ରଭୂତ ଧନ ଜୀବନର କ୍ଷୟକ୍ଷତି ମଧ ଘଟିଥିଲା । ଏହା ଫଳରେ ସେଠାକୁ ଯାତାୟାତ ସଂପୂର୍ଣ୍ଣ ଅସମ୍ଭବ ହୋଇପଡ଼ିଥିଲା ଏବଂ ଏଥିଯୋଗୁ ଉଦ୍ଧାର କାର୍ଯ୍ୟ ମଧ ବ୍ୟାହତ ହୋଇଥିଲା ।

## କାଶୀ ବିଶ୍ୱନାଥ କରିଡୋର

ହିନ୍ଦୁମାନଙ୍କ ଉପାସନାସ୍ଥଳୀ ପ୍ରସିଦ୍ଧ ଶ୍ରୀ କାଶୀ ବିଶ୍ୱନାଥ କରିଡୋର ଏବେ ନିର୍ମାଣାଧୀନ ରହିଛି



- ଆଦି ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଶ୍ରୀ କାଶୀ ବିଶ୍ୱନାଥ ମନ୍ଦିର ସ୍ଥାପନା କରାଯାଇଥିଲା ଏବଂ ଏହା ହିନ୍ଦୁଧର୍ମର ଏକ ପ୍ରମୁଖ ପୀଠସ୍ଥଳୀ ଭାବେ ସର୍ବତ୍ର ସୁପରିଚିତ । ଏବେ ମା' ଗଙ୍ଗା ଏବଂ 'କାଶୀ ବିଶ୍ୱନାଥ'କୁ ସଂଯୋଗ କରିବା ନିମନ୍ତେ ଯୁଦ୍ଧକାଳୀନ ଭିତ୍ତିରେ ଏକ କରିଡୋର ନିର୍ମାଣ କାର୍ଯ୍ୟ ଜାରି ରହିଛି ।
- ଏହି ପ୍ରକଳ୍ପ ଯୋଗୁ କେବଳ ପାର୍ଶ୍ୱର୍ବର୍ତ୍ତୀ ଅଞ୍ଚଳ ନୁହେଁ, ସମଗ୍ର ବାରାଣାସୀ ନଗରୀରେ ଦ୍ରୁତ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପଛରେ ଥିବା ବ୍ୟକ୍ତି ଜଣକ ହେଲେ ସ୍ୱୟଂ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଯାହାଙ୍କ ପ୍ରୋତ୍ସାହନ ଯୋଗୁ ଏବେ ସମଗ୍ର ମନ୍ଦିର ତା'ର ପୂର୍ଣ୍ଣ ଭବ୍ୟତା ପ୍ରାପ୍ତ କରିଛି ।
- ବାବା ବିଶ୍ୱନାଥ ମନ୍ଦିର ସହିତ ପବିତ୍ର ଗଙ୍ଗା ନଦୀକୁ ସଂଯୋଗ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ୨୦୧୯ ମସିହା ମାର୍ଚ୍ଚ ୮ ତାରିଖ ଦିନ 'ଶ୍ରୀ କାଶୀ ବିଶ୍ୱନାଥ ତୀର୍ଥଯାତ୍ରା ପ୍ରକଳ୍ପ'ର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ଏହି ପ୍ରକଳ୍ପ ଅଧୀନରେ ୫୦,୨୬୧ ବର୍ଗ ମିଟର ପରିମିତ କ୍ଷେତ୍ରରେ ମୋଟ ୨୪ଟି 'ଭବନ' ନିର୍ମାଣ କରାଯିବ ।

### ପାଞ୍ଚ ଦଶନ୍ଧିର ପ୍ରତୀକ୍ଷା ପରେ ବୋଡୋ ରାଜିନାମା ସ୍ୱାକ୍ଷର ମାଧ୍ୟମରେ ଶାନ୍ତି ପ୍ରତିଷ୍ଠା

- 'ସବକା ସାଥ ସବକା ବିକାଶ' ମାନସିକତା ଆଧାରରେ ବୋଡ଼ୋ ସମସ୍ୟାର ସମାଧାନ ନିମନ୍ତେ ସରକାର ଅଣ୍ଟା ଭିଡ଼ିଥିଲେ ଯାହାକି ଦୀର୍ଘ ୫୦ ବର୍ଷରୁ ଅଧିକ ସମୟ ଧରି ଏକାଧିକ ରାଜିନାମା ସ୍ୱାକ୍ଷର ସତ୍ତ୍ୱେ ଲାଗି ରହିଥିଲା ।
- ଏହି ରାଜିନାମାରେ ଆସାମର କ୍ଷେତ୍ରୀୟ ଅଖଣ୍ଡତା ରକ୍ଷା ନିମନ୍ତେ ବିଶେଷ ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ ବେଡ଼ୋ କ୍ଷେତ୍ରର ବିକାଶ ନିମନ୍ତେ ୧,୫୦୦ କୋଟି ଟଙ୍କର ଏକ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରାଯାଇଥିଲା ।
- ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ୧୬୧୫ରୁ ଅଧିକ ବୋଡ଼ୋ ଉଗ୍ରବାଦୀ ସେମାନଙ୍କର ଅସ୍ତ୍ର ସମର୍ପଣ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଥିଲେ ।

### ଦୁଇ ଦଶନ୍ଧିର ବ୍ରୁ- ରିଆଙ୍ଗ୍ ଶରଣାର୍ଥୀ ସମସ୍ୟାର ହେଲା ସମାଧାନ

- କେନ୍ଦ୍ର ସରକାର ମିଜୋରାମ ଓ ତ୍ରିପୁରା ରାଜ୍ୟ ସରକାରଙ୍କ ସହ ମିଶି ଏକ ତ୍ରିପାକ୍ଷିକ ରାଜିନାମା ସ୍ୱାକ୍ଷର କରିଛନ୍ତି ଯାହାକି ଦୀର୍ଘ ଦୁଇ ଦଶନ୍ଧି ଧରି ଲାଗି ରହିଥିବା ବ୍ରୁ-ରିଆଙ୍ଗ୍ ଶରଣାର୍ଥୀ ସମସ୍ୟାର ସମାଧାନ ପାଇଁ ପଥ ଉନ୍ମୁକ୍ତ କରିଥିଲା ।
- ଏହି ରାଜିନାମା ବଳରେ ଦେଶ ଭିତରେ ବିସ୍ଥାପିତ ହୋଇଥିବା ପ୍ରାୟ ୩୪ ହଜାର ଲୋକଙ୍କୁ ତ୍ରିପୁରାରେ ସ୍ଥାୟୀ ଭାବେ ଥଇଥାନ କରାଯାଇଛି ଏବଂ ସେମାନଙ୍କର ପୁନଃଥଇଥାନ ଓ ବିକାଶ ସକାଶେ ତ୍ରିପୁରା ସରକାରଙ୍କୁ ୬୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି ।

ଏହା ନିଃସନ୍ଦେହ ଯେ ଯେତେବେଳେ ସଭିଏଁ ଏକତାର ମାନସିକତା ଦ୍ୱାରା ପରିଚାଳିତ ହେବେ ସେତେବେଳେ ରାଷ୍ଟ୍ର ନିଶ୍ଚିତ ଭାବେ ପ୍ରଗତି ପଥରେ ଅଗ୍ରସର ହେବ ଏବଂ ତାହା ଆଗାମୀ ପିଢ଼ିର ନାଗରିକମାନଙ୍କୁ ପ୍ରେରଣା ଯୋଗାଇବ । ■



ନବଭାରତ ଗଠନର

**ସାତବର୍ଷ**

**ଏକ ରାଷ୍ଟ୍ର, ଏକ ସେବା**

# ସେବାର ଏକୀକରଣ ଲୋକଙ୍କ ପାଇଁ ଉପଲବ୍ଧତାକୁ କରିଛି ସହଜସାଧ

ଦେଶର ଯୁବସମାଜ କେବଳ ଉତ୍ତମ ନଗରୀ ଚାହାନ୍ତିନାହିଁ, ଅପରନ୍ତୁ ସେମାନେ ସର୍ବଶ୍ରେଷ୍ଠ ଗ୍ରାମ ଓ ସହର ମଧ୍ୟ ଆଶା କରନ୍ତି । ତେଣୁ ସକଳ ପ୍ରକାର ସୁବିଧା ସୁଯୋଗକୁ ସମନ୍ୱିତ କରି ଏବଂ ସେସବୁକୁ ଗୋଟିଏ ନାମ- 'ଏକ ରାଷ୍ଟ୍ର, ଏକ ସେବା' ପ୍ରଦାନ କରାଯାଇଛି । ବିଶ୍ୱସ୍ତରୀୟ ସହରାଞ୍ଚଳ କେନ୍ଦ୍ର ସ୍ଥାପନ ସହିତ କେନ୍ଦ୍ର ସରକାର ଏବେ ଗ୍ରାମମାନଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେଉଛନ୍ତି ଯାହା ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ 'ଇଜ୍ ଅଫ୍ ଲିଭି' (ଜୀବନ ଧାରଣ ସହଜସାଧ୍ୟ) ହୋଇପାରିଛି । ଏହା ଦେଶର ବିକାଶଧାରାରେ ପରିବର୍ତ୍ତନକୁ ମଧ୍ୟ ସହାୟକ ହୋଇପାରିଛି ।

## ଜାତୀୟ ସାଧାରଣ ବିଚରଣ କାର୍ଡ଼




ଜାତୀୟ ସାଧାରଣ ବିଚରଣ କାର୍ଡ଼ (ଏନସିଏମସି) ଏବେ ଭ୍ରମଣକାରୀମାନଙ୍କୁ ସମନ୍ୱିତ ସୁବିଧା ପ୍ରଦାନ କରିବ ଯଦ୍ୱାରା ସେମାନେ ଦେଶର ଯେଉଁ ସ୍ଥାନକୁ ଭ୍ରମଣରେ ଯାଆନ୍ତୁ ନା କାହିଁକି ମେଟ୍ରୋ, କ୍ୟାବ୍, ବସ୍, ଟ୍ରେନ୍ ଆଦି ସରକାରୀ ପରିବହନ ବ୍ୟବସ୍ଥାରେ ସେମାନେ ସକଳ ପ୍ରକାର ସୁବିଧା ପାଇପାରିବେ ।

## ଏକ ରାଷ୍ଟ୍ର, ଏକ ରାସନ କାର୍ଡ଼




ଦେଶର ନାଗରିକମାନେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତ୍ରା କରୁଛନ୍ତି ଏବଂ ଏବେ ସେମାନଙ୍କୁ ଆଉ ଗନ୍ତବ୍ୟ ସ୍ଥଳରେ ନୂଆ ରାସନ କାର୍ଡ଼ ପ୍ରସ୍ତୁତ କରିବାକୁ ପଡ଼ିବନାହିଁ । ହିତାଧିକାରୀମାନେ ଇଲେକ୍ଟ୍ରୋନିକ୍ ପଏଣ୍ଟ ଅଫ୍ ସେଲ୍ (ଇ-ପିଓଏସ)ଠାରେ ସେମାନଙ୍କର ପୁରୁଣା ରାସନ ଦେଖାଇ ଦେଶର ଯେକୌଣସି ସ୍ଥାନରେ ସୁଲଭ ମୂଲ୍ୟ ଦୋକାନରୁ ସେମାନଙ୍କ କୋଟା ଖାଦ୍ୟଶସ୍ୟ ପାଇପାରିବେ । ଏଥିରେ ସେମାନଙ୍କୁ ଆଉ କୌଣସି ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବନାହିଁ ।

## ଏକ ରାଷ୍ଟ୍ର, ଏକ ବଜାର



ନୂତନ କୃଷି ସଂସ୍କାର ଏବଂ ଇ- ନାମ୍ ବ୍ୟବସ୍ଥା ଅନୁସାରେ ଦେଶ ଏବେ ଏକ ରାଷ୍ଟ୍ର, ଏକକ କୃଷି ବଜାର ଦିଗରେ ଅଗ୍ରସର ହେଉଛି ।

## ଏକ ରାଷ୍ଟ୍ର, ଏକ ଶକ୍ତି ଗ୍ରୀଡ଼୍



ଏକ ରାଷ୍ଟ୍ର, ଏକ ଶକ୍ତି ଗ୍ରୀଡ୍ ସରକାରଙ୍କର ଏକ ବଳିଷ୍ଠ ସଂସ୍କାର ପଦକ୍ଷେପ ଯଦ୍ୱାରା ଦେଶର ଯେକୌଣସି କ୍ଷେତ୍ରକୁ ସେମାନଙ୍କ ଆବଶ୍ୟକତା ମୁତାବକ ପର୍ଯ୍ୟାପ୍ତ ବିଜୁଳି ଶକ୍ତି ଯୋଗାଣ ସୁନିଶ୍ଚିତ କରାଯାଇ ପାରିବ ।

## ଏକ ରାଷ୍ଟ୍ର, ଏକ ଗ୍ୟାସ ଗ୍ରୀଡ଼୍

ଦେଶର ସେହିସବୁ ଅଞ୍ଚଳକୁ ଏବେ ନିରବଚ୍ଛିନ୍ନ ଭାବେ ଗ୍ୟାସ ସଂଯୋଗ ସୁନିଶ୍ଚିତ କରାଯାଉଛି ଯେଉଁଠାରେ ଇତି ପୂର୍ବରୁ ରନ୍ଧନ ଗ୍ୟାସ ସହିତ ଜୀବନ ବଞ୍ôଚବା ଏବଂ ଏଭଳି ଅର୍ଥନୀତି ଏକ ସ୍ୱପ୍ନ ଥିଲା । ଏହି ଯୋଜନାର ଲକ୍ଷ୍ୟ ହେଲା ଦେଶର ସମସ୍ତ ପରିବାରଙ୍କ ନିକଟରେ ରନ୍ଧନ ପାଇଁ ଏଲପିଜି ବାଷ୍ପ ଏବଂ ଯାନବାହନ ଚାଳନା ନିମନ୍ତେ ସିଏନଜି ବାଷ୍ପ ପହଞ୍ଚାଇବା ।ଏକ ରାଷ୍ଟ୍ର, ଏକ ଗ୍ୟାସ ଗ୍ରୀଡ଼ ସ୍ଥାପନ ଦ୍ୱାରା ଦେଶରେ ଶସ୍ତା ମୂଲ୍ୟରେ ସାର ଉତ୍ପାଦନ କରାଯାଇପାରିବ । ସେହିଭଳି, ବିଜୁଳିଶକ୍ତି ଉତ୍ପାଦନ ଓ ରସାୟନ ଶିଳ୍ପ ମଧ୍ୟ ଏଥିରୁ ଯଥେଷ୍ଟ ମାତ୍ରାରେ ଉପକୃତ ହେବେ ଏବଂ ଦେଶରେ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇବ । ଏହା ଦ୍ୱାରା ବୈଦେଶିକ ମୁଦ୍ରା ଆକାରରେ ଦେଶର ବ୍ୟୟଭାର ମଧ୍ୟ ହ୍ରାସ ପାଇବ ।

## ଏକ ରାଷ୍ଟ୍ର, ଏକ ଫାଷ୍ଟାଗ




ଏହା ସାରା ଦେଶରେ ଜାତୀୟ ରାଜମାର୍ଗରେ ସକଳ ପ୍ରକାର ଯାତ୍ରାକୁ ଅବାଧ ଓ ନିରନ୍ତରରେ କରିପାରିଛି ।

## ଏକ ରାଷ୍ଟ୍ର, ଏକ ସ୍ୱାସ୍ଥ୍ୟ ବୀମା ବ୍ୟବସ୍ଥା



ଦେଶର ଯେକୌଣସି ସ୍ଥାନରେ ଥାଆନ୍ତୁ ନା କାହିଁକି ଏବେ ଭାରତର କୋଟି କୋଟି ନାଗରିକ ବର୍ଷକୁ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ସୁବିଧା ଉପଭୋଗ କରିପାରୁଛନ୍ତି ।

## ଏକ ରାଷ୍ଟ୍ର, ଏକ ଟିକସ ବ୍ୟବସ୍ଥା




ଏକ ରାଷ୍ଟ୍ର, ଏକ ଟିକସ ବ୍ୟବସ୍ଥା ଅର୍ଥାତ, ଜିଏସଟି ଟିକସ ବ୍ୟବସ୍ଥାରେ ଇତି ପୂର୍ବରୁ ଥିବା ସମସ୍ତ ପ୍ରକାର ଜଟିଳତାର ପରିସମାପ୍ତି ଘଟାଇଛି ଏବଂ ଦେଶର ଅପ୍ରତ୍ୟକ୍ଷ ଟିକସ ବ୍ୟବସ୍ଥାରେ ସମାନତା ଆଣିପାରିଛି ।

## ଏକ ରାଷ୍ଟ୍ର, ଏକ ପରୀକ୍ଷା ବ୍ୟବସ୍ଥା



ରାଷ୍ଟ୍ରୀୟ ନିଯୁକ୍ତି ଏଜେନ୍ସି (ଏନଆରଏ) ମାଧ୍ୟମରେ ପରୀକ୍ଷା ଅନୁଷ୍ଠିତ କରିବା ଦେଶରେ କେନ୍ଦ୍ର ସରକାରୀ ଚାକିରୀ ପାଇଁ ଚୟନ ପ୍ରକ୍ରିୟା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି ।



**"ଆଜି ପ୍ରତ୍ୟେକ ଭାରତୀୟ ଏକ ରାଷ୍ଟ୍ର, ଏକ ସମ୍ବିଧାନ କଥା କହୁଛନ୍ତି ଏବଂ ଆମେ ଏହା ଦ୍ୱାରା ସର୍ଦ୍ଦାର ସାହେବଙ୍କ ସ୍ୱପ୍ନ "ଏକ ଭାରତ ଶ୍ରେଷ୍ଠ ଭାରତ"କୁ ସାକାର କରିବାକୁ ପ୍ରୟାସ କରୁଛୁ । ତେଣୁ, ଆମକୁ ଏଭଳି ଏକ ବ୍ୟବସ୍ଥାର ବିକାଶ ଘଟାଇବାକୁ ପଡ଼ିବ ଯାହା ଦେଶର ଏକତାକୁ ସୁଦୃଢ଼ କରିପାରିବ ଏବଂ ତାହା ଏକ ସଂଯୋଗକାରୀ ଶକ୍ତି ଭାବେ କାର୍ଯ୍ୟ କରିବ ଓ ଏହି ପ୍ରକ୍ରିୟାକୁ ନିରବଚ୍ଛିନ୍ନ ଭାବେ ଜାରି ରଖିବାକୁ ପଡ଼ିବ ।**

**-ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ**




# ମହାନ ଭାରତୀୟ ନେତୃବର୍ଗଙ୍କ ଅବଦାନକୁ ସମ୍ମାନ

**ଦେଶର ପ୍ରଭାବୀ ନେତୃବର୍ଗ ତଥା ବିସ୍ମୃତ ମହାନ ବୀରମାନଙ୍କ ଗୌରବଗାଥା ସମ୍ପର୍କରେ ଦେଶବାସୀଙ୍କୁ ପରିଚିତ କରାଇବା ନିମନ୍ତେ ସରକାର ଅନେକ ପ୍ରୟାସ ଆରମ୍ଭ କରିଛନ୍ତି । ସରକାରଙ୍କ ଏଭଳି ଉଦ୍ୟମ ପଛରେ ଥିବା ଉଦ୍ଦେଶ୍ୟଟି ହେଲା ମହାନ ଦେଶପ୍ରେମୀଙ୍କ ସଫଳତା ତଥା ତ୍ୟାଗ ସଂପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଏବଂ ସେମାନେ କିଭଳି ନିଃସ୍ୱାର୍ଥପର ଭାବେ ସମାଜର ହିତ ପାଇଁ କାର୍ଯ୍ୟ କରିଥିଲେ ସେହି ଭାବନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।**

ଏହା ବାସ୍ତବିକ ଏକ ଗୌରବର ମୁହୂର୍ତ୍ତ ଥିଲା ଯେତେବେଳେ ୨୦୧୫ ମସିହାରେ ବ୍ରିଟେନ୍ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ପରମଆରାଧ ସନ୍ଥ ବାସଭେଶ୍ୱରଙ୍କ ମୂର୍ତ୍ତିକୁ ଉନ୍ମୋଚନ କରିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଭଗବାନ ବାସଭେଶ୍ୱରଙ୍କୁ ଅତି ଉତ୍ସାହପୂର୍ଣ୍ଣ ଭାବେ ପ୍ରଶଂସା କରିଥିଲେ । କର୍ଣ୍ଣାଟକର ଏହି ମହାନ୍ ସନ୍ଥଙ୍କର ଭାରତୀୟ ସଂସ୍କୃତିକୁ ଅଦ୍ୱିତୀୟ ଅବଦାନ ରହିଛି ଯିଏ ତାଙ୍କର ପ୍ରୟାସ ବଳରେ ସମାଜକୁ ପ୍ରଗତିର ଆଲୋକବର୍ତ୍ତିକା ପ୍ରଦର୍ଶନ କରିବା ସହ ଦ୍ୱାଦଶ ଶତାବ୍ଦୀରେ ସୁଦ୍ଧା ମହିଳା ସଶକ୍ତିକରଣ ନିମନ୍ତେ ସ୍ୱର ଉତ୍ତୋଳନ କରିଥିଲେ ।

ବିଦେଶ ଭୂଇଁରେ ଭଗବାନ ବାସଭେଶ୍ୱରଙ୍କ ପ୍ରତିମୂର୍ତ୍ତି ଉଦ୍‌ଘାଟିତ ହେବା ଭାରତର ଉନ୍ନତ ସାଂସ୍କୃତିକ ଐତିହ୍ୟକୁ ପ୍ରଚାର ପ୍ରଚାର କରିବାର ମାନସିକତାକୁ ସୂଚୀତ କରେ । ଏହିଭଳି ଅନେକ ସମାଜ ସଂସ୍କାରକଙ୍କୁ ଲୋକଲୋଚନକୁ ଆଣିବା ସରକାରଙ୍କ ଉଦ୍ଦେଶ୍ୟ ଯେଉଁମାନେ କି ବାସ୍ତବ ଦୃଷ୍ଟିକୋଣରୁ ଭାରତୀୟ ମୂଲ୍ୟବୋଧର ପ୍ରକୃତ ରାଷ୍ଟ୍ରଦୂତ ବୋଲି କୁହାଯାଇପାରେ । ମହତ୍ତ୍ୱପୂର୍ଣ୍ଣ ଭାବେ, ଭଗବାନ ବାସଭେଶ୍ୱରଙ୍କ ପରି ଭାରତୀୟ ଇତିହାସର ବାସ୍ତବ ବୀରମାନଙ୍କୁ ସେମାନଙ୍କର ଉଚିତ ସ୍ଥାନ ଓ ମର୍ଯ୍ୟାଦା ପ୍ରଦାନ ସକାଶେ ସରକାର ପ୍ରୟାସ ଜାରି ରଖିଛନ୍ତି । 'ପ୍ରଥମେ ଭାରତ' ଭାବନାକୁ ଆଦର୍ଶ ଓ ମାର୍ଗଦର୍ଶନ ଭାବେ ଗ୍ରହଣକରି ସରକାର ଏବେ ରାଜନୈତିକ ଦଳ, ଆଦର୍ଶ କିମ୍ବା ପାରିବାରିକ ଭାବନା ଭଳି ଏକପକ୍ଷିୟ ଓ ସଂକୀର୍ଣ୍ଣ ଭାବନାଠାରୁ ଦୂରରେ ରହି ଏହି କାର୍ଯ୍ୟକୁ ସାକାର କରିବା ଦିଗରେ କାର୍ଯ୍ୟ କରୁଛନ୍ତି । ସେହିଭଳି ଉତ୍ତମ ତଥା ଦୀର୍ଘସ୍ଥାୟୀ କାର୍ଯ୍ୟଧାରା ଆପଣାଇବା ନିମନ୍ତେ ସରକାର ଆନୁଷ୍ଠାନିକ ସ୍ତରରେ ମଧ୍ୟ ସଂସ୍କାର ଘଟାଉଛନ୍ତି ।

**ଦେଶର ପ୍ରଧାନମନ୍ତ୍ରୀମାନଙ୍କ ନିମନ୍ତେ ଏକ ଅତ୍ୟାଧୁନିକ ସଂଗ୍ରହାଳୟ ସ୍ଥାପନ ନିମନ୍ତେ ସରକାର ୨୨୬ କୋଟି ଟଙ୍କା ବ୍ୟୟ କରିବେ**

ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଦେଶର ପ୍ରଧାନମନ୍ତ୍ରୀମାନେ ପ୍ରମୁଖ ଭୂମିକା ଗ୍ରହଣ କରି ରାଷ୍ଟ୍ରର ନୀତି ନିର୍ଦ୍ଧାରଣ ସହ ଲୋକମାନଙ୍କ କଲ୍ୟାଣ ନିମନ୍ତେ ବିଭିନ୍ନ ପ୍ରକାର ଜନହିତକର କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରିଥାନ୍ତି । ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଜୀବନୀ ଉପରେ ଆଧାରିତ ଏକ ଅତ୍ୟାଧୁନିକ ସଂଗ୍ରହାଳୟ ସ୍ଥାପନ ନିମନ୍ତେ ସରକାର ୨୨୬ କୋଟି ଟଙ୍କା ମଂଜୁର କରିଛନ୍ତି । ଏହି ସଂଗ୍ରହାଳୟ ଦେଶର ବିଭିନ୍ନ ପ୍ରଧାନମନ୍ତ୍ରୀଗଣ ରାଷ୍ଟ୍ର ନିର୍ମାଣରେ ଗ୍ରହଣ କରିଥିବା ଭୂମିକାକୁ ପ୍ରମୁଖତାର ସହ ଉପସ୍ଥାପନ କରିବ ।

**ଡକ୍ଟର ଆମ୍ବେଦକରଙ୍କ ଆଦର୍ଶ ସହ ସଂଯୋଗ ନିମନ୍ତେ ପ୍ରୟାସ**

ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକର ହେଉଛନ୍ତି ଭାରତୀୟ ସମ୍ବିଧାନର ଅନ୍ୟତମ ମୁଖ୍ୟ ପ୍ରଣେତା ଯାହାଙ୍କ କଠିନ ଶ୍ରମ ସ୍ୱୀକାର ଯୋଗୀ ଦେଶର ସମସ୍ତ ନାଗରିକଙ୍କ ନିମନ୍ତେ ସମାନତାକୁ ସ୍ୱୀକୃତି ପ୍ରଦାନ ସୁନିଶ୍ଚିତ ହୋଇପାରିଥିଲା । ରାଷ୍ଟ୍ର ନିର୍ମାଣରେ ତାଙ୍କର ନିରବଚ୍ଛିନ୍ନ ଅବଦାନ ଓ

# ନୂତନ ଭାରତରେ ଅଜ୍ଞାତ ବୀରମାନେ ଏବେ ହେଲେ "ପଦ୍ମ"ସମ୍ମାନରେ ବିଭୂଷିତ




ମୋଦୀ ସରକାର ଏବେ ଦେଶରେ ବୈପ୍ଲବିକ ପରିବର୍ତ୍ତନ ଆଣିଛନ୍ତି ଯାହାର ଫଳ ସ୍ୱରୂପ ଦେଶରୁ ଭିଆଇପି ସଂସ୍କୃତି ଧୀରେ ଧୀରେ ଲୋପ ପାଇବା ସହିତ ସାଧାରଣ ଜନତାଙ୍କ ପାଇଁ ସମ୍ମାନଜନକ "ପଦ୍ମ" ପୁରସ୍କାର ଲାଭ କରିବା ସହଜସାଧ ହୋଇପାରିଛି । ତଦନୁସାରେ ଏହି ମର୍ଯ୍ୟାଦାଜନକ ପୁରସ୍କାର ଲାଭ ନିମନ୍ତେ ପୂର୍ବରୁ ଥିବା ଆବେଦନ ବ୍ୟବସ୍ଥାକୁ ସରଳ ଓ ସ୍ୱଚ୍ଛ କରିଛନ୍ତି ଯାହା ଫଳରେ ଏହା ଏବେ କେବଳ ଉଚ୍ଚବର୍ଗୀୟ ସଂସ୍କୃତି କିମ୍ବା ଲବି ପରିବର୍ତ୍ତେ ସମାଜର ସବୁ ବର୍ଗ ଏବଂ ବିଶେଷକରି ସାଧାରଣ ଲୋକଙ୍କ ପାଇଁ ଏଭଳି ପୁରସ୍କାର ଲାଭ ପଥ ପରିଷ୍କାର ହେଇଛି । ଏହା କରିବା ଦ୍ୱାରା ସରକାର ଦେଶର ସାଧାରଣ ଜନତାଙ୍କୁ ବାସ୍ତବ ହୀରୋରେ ପରିଣତ କରିବାର ମାର୍ଗକୁ ସହଜସାଧ କରିଛନ୍ତି । ସେମାନଙ୍କର ଦେଶ ଓ ସମାଜ ପାଇଁ ଅବଦାନକୁ ସ୍ୱୀକୃତି ମିଳିପାରିଛି ଏବଂ ସେମାନଙ୍କ ପୁରସ୍କାର ଲାଭ ସମ୍ବାଦପତ୍ର ଓ ନ୍ୟୁଜ୍ ଚାନେଲର ଶିରୋନାମାରେ ପ୍ରକାଶ ପାଉଛି । ଆସାମର ବୀରୁବାଳା ରାଭା, ତାମିଲନାଡୁର ପାପ୍ପାମ୍ମଲ ଓ ଡକ୍ଟର ଟି ବୀରରାଘବନ୍, ପଶ୍ଚିମ ବଙ୍ଗର ନାରାୟଣ ଦେବନାଥ ଅଥମା ଲଦାଖର ସୁଲଟ୍ରିମ୍ ଚୋଞ୍ଜୋରଙ୍କୁ ଭାରତୀୟ ଆଶା ଆକାଂକ୍ଷାର ନୂତନ ମୁହଁ ଭାବେ ଦେଶବାସୀ ଦେଖିବାକୁ ପାଇଛନ୍ତି । ନିଜର ସାଧାରଣ ସାମାଜିକ ପୃଷ୍ଠଭୂମି ସତ୍ତ୍ୱେ ସେମାନଙ୍କର ନିଜ ନିଜ କ୍ଷେତ୍ରକୁ ଥିବା ଅବଦାନ ପାଇଁ ଏହିସବୁ ବ୍ୟକ୍ତିବିଶେଷଙ୍କୁ ପଦ୍ମ ସମ୍ମାନରେ ସମ୍ମାନିତ କରାଯାଇଛି ।

ମହତ୍ତ୍ୱକୁ ସୁରକ୍ଷା କରିବା ନିମନ୍ତେ ସରକାର ଏକ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଥିଲେ ଏବଂ ତାଙ୍କ ଜୀବନର ପାଞ୍ଚଟି ସ୍ଥାନ ଯାହାର କି ଐତିହାସିକ ମହତ୍ତ୍ୱ ରହିଛି ସେହିସବୁ ସ୍ଥାନମାନଙ୍କୁ "ପଞ୍ଚପୀଠ" ଭାବେ ବିକାଶ କରିବା ନିମନ୍ତେ ସିଦ୍ଧାନ୍ତ ଗ୍ରହଣ କରିଛନ୍ତି । ସେହିଭଳି ୨୦୧୫ ମସିହାରେ ସରକାର ଘୋଷଣା କରିଥିଲେ ଯେ ନଭେମ୍ବର ୨୬ ତାରିଖ ଦିନକୁ ଦେଶବ୍ୟାପୀ ସମ୍ବିଧାନ ଦିବସ ରୂପେ ପାଳନ କରାଯିବ । ଏହି ଦିନ ଭାରତର ସମ୍ବିଧାନ ଗୃହୀତ ହୋଇଥିଲା ଏବଂ ସମ୍ବିଧାନ ପ୍ରଣୟନରେ ବି ଆର ଆମ୍ବେଦକର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସମ୍ବିଧାନ ଦିବସରେ ଦେଶବାସୀ ଡକ୍ଟର ଆମ୍ବେଦକରଙ୍କ ଅବଦାନକୁ ସ୍ମରଣ କରିପାରିବେ ।

**ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଅବଦାନର ପୁନରୁତ୍ଥାନ**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସେହି ବଜ୍ରନିର୍ଘୋଷ ଆହ୍ୱାନ - 'ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି' ଆଜି ସୁଦ୍ଧା ଦେଶବାସୀଙ୍କୁ ପ୍ରଭାବିତ କରେ । ୨୦୧୮ ମସିହାରେ ଲାଲକିଲ୍ଲାଠାରେ ତ୍ରିରଙ୍ଗା ଉତ୍ତୋଳନ କରି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସ୍ୱାଧୀନ ଭାରତର ଅସ୍ଥାୟୀ ସରକାର ଗଠନର ୭୫ତମ ବାର୍ଷିକୀ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ସରକାର ନେତାଜୀଙ୍କ ଦ୍ୱାରା ଆଜାଦ ହିନ୍ଦ୍ ସରକାର ଭାବେ ସମସ୍ତଙ୍କ ନିକଟରେ ସୁପରିଚିତ । ପ୍ରଧାନମନ୍ତ୍ରୀ ଏହି ଅବସରକୁ ପାଳନ କରିବା ନିମନ୍ତେ ଦେଶବାସୀଙ୍କୁ କହିଥିଲେ । ଦେଶର ଏହି ମହାନ ନେତାଙ୍କ ତ୍ୟାଗ ଓ ନିଷ୍ଠାକୁ ଦୀର୍ଘ ବର୍ଷ ପରେ ସ୍ୱୀକୃତି ପ୍ରଦାନ କରିବା ଥିଲା ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ମୁହୂର୍ତ୍ତ । ୨୦୧୯ ମସିହାର ଗଣତନ୍ତ୍ର ଦିବସ ପରେଡ଼ରେ ଆଜାଦ ହିନ୍ଦ୍ ଫଉଜର ଚାରିଜଣ ସଦସ୍ୟ ଅଂଶଗ୍ରହଣ କରିଥିଲେ । ଭାରତ ସରକାର ପରିଶେଷରେ ନିଷ୍ପତ୍ତି ଗ୍ରହଣ କରିଥିଲାଯେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସଂପର୍କୀତ ସମସ୍ତ ଗୁପ୍ତ ନଥି ଉପରୁ ରୋକ ହଟାଇବେ ଯଦ୍ୱାରା ତାହା ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ ହୋଇପାରିବ। ନେତାଜୀଙ୍କ ପରିବାରବର୍ଗର ସଦସ୍ୟମାନେ ଏଥିପାଇଁ ଦୀର୍ଘ ବର୍ଷ ଧରି ଦାବି କରିଆସୁଥିଲେ । ୨୦୧୪ ମସିହାରେ ଜାପାନ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସାଇଚିରୋ ମିସୁମିଙ୍କୁ ସାକ୍ଷାତ କରିଥିଲେ ଯିଏ ସେତେବେଳେ ଥିଲେ ନେତାଜୀଙ୍କର ସବୁଠାରୁ ବିଶ୍ୱସ୍ତ ତଥା ଜୀବନ୍ତ ବ୍ୟକ୍ତି ।

**ସର୍ଦ୍ଦାର ପଟେଲ: ଦେଶକୁ ଏକୀକୃତ କରିଥିବା ରାଷ୍ଟ୍ରନେତା**

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରତି ଉପଯୁକ୍ତ ସମ୍ମାନ ପ୍ରଦର୍ଶନ ପୂର୍ବକ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟର କେଭାଡ଼ିଆଠାରେ "ଷ୍ଟାଚୁ ଅଫ୍ ୟୁନିଟି" ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଛନ୍ତି । ଭାରତକୁ ଏକତା ସୂତ୍ରରେ ବାନ୍ଧିରଖିବା ନିମନ୍ତେ ତାଙ୍କର ବଳିଷ୍ଠ ଅବଦାନ ନିମନ୍ତେ ସଭିଏଁ ତାଙ୍କୁ "ଲୌହ ପୁରୁଷ" ଭାବେ ଶ୍ରଦ୍ଧାରେ ସମ୍ବୋଧନ କରିଥାନ୍ତି ।

୬୦୦ ଫୁଟ ଉଚ୍ଚତା ବିଶିଷ୍ଟ ଏହି ସ୍ଥାପତ୍ୟ ହେଉଛି ବିଶ୍ୱର ସର୍ବବୃହତ୍ ପ୍ରତିମୂର୍ତ୍ତି । ଶ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବାବେଳେ



୨୦୧୩ ମସିହାରେ ଏହି ପ୍ରତିମୂର୍ତ୍ତି ନିର୍ମାଣ ନିମନ୍ତେ ସେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସର୍ଦ୍ଦାର ପଟେଲ ସ୍ୱାଧୀନ ଭାରତର ପ୍ରଥମ ସ୍ୱରାଷ୍ଟ୍ର ମନ୍ତ୍ରୀ ଦାୟିତ୍ୱ ନିର୍ବାହ କରିଥିଲେ । କିନ୍ତୁ ଆଧୁନିକ ଭାରତ ନିର୍ମାଣ ନିମନ୍ତେ ତାଙ୍କର ଅବଦାନ ଅତୁଳନୀୟ ଯାହାକୁ ଆଜି ପର୍ଯ୍ୟନ୍ତ ଉପଯୁକ୍ତ ସ୍ୱୀକୃତି ମିଳିପାରିନାହିଁ। ତେଣୁ ଏଭଳି ପଦକ୍ଷେପ ଗ୍ରହଣ ପୂର୍ବକ ସରକାର ତାଙ୍କର ସେହି ଅବଦାନ ଓ ଅମର କୀର୍ତ୍ତିକୁ ପୁନରୁଜ୍ଜୀବିତ କରିବା ସକାଶେ ପ୍ରୟାସ କରୁଛନ୍ତି ।

ସେହିଭଳି ଭାରତମାତାର ଅନ୍ୟତମ ସୁପୁତ୍ର ବୀର ସଭରକରଙ୍କ ଅମର ଅବଦାନକୁ ନିଃସନ୍ଦେହରେ ଯେକେହି ସ୍ୱୀକାର କରିବେ । ଦେଶର ବୀର ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ତାଙ୍କର ତ୍ୟାଗ ଓ ମାତୃଭକ୍ତିକୁ ପୁନରୁଜ୍ଜୀବିତ କରିବା ନିମନ୍ତେ ସରକାର ନିରବଚ୍ଛିନ୍ନ ପ୍ରୟାସ ଜାରି ରଖିଛନ୍ତି । ଅତୀତରେ ଶାସନ କ୍ଷମତାରେ ଥିବା ଏକ ରାଜନୈତିକ ଗୋଷ୍ଠୀ ଭାରତମାତାର ଏହି ମହାନ ସୁପୁତ୍ରଙ୍କ ପ୍ରତି ଦଶନ୍ଧି ଦଶନ୍ଧି ଧରି ବୈମାତୃକ ପୋଷଣ କରିଆସିଥିଲେ । କିନ୍ତୁ ଏବେ ମୋଦୀ ସରକାର ବୀର ସଭରକରଙ୍କ ଅବଦାନକୁ ପୁଣି ଥରେ ଉଜ୍ଜୀବୀତ କରିବା ଲାଗି ପ୍ରୟାସ କରିଛନ୍ତି । ବୀର ସଭରକର ତାଙ୍କ ଯୌବନର ଅଧିକାଂଶ ସମୟ ଆଣ୍ଡାମାନ ନିକୋବରସ୍ଥିତ ସେଲୁଲାର ଜେଲର ଏକ ଜନମାନବଶୂନ୍ୟ ସେଲ୍‌ରେ ବିତାଇଥିଲେ ।

ସେହିଭଳି, ଦେଶର ଅନ୍ୟ ମହାନ୍ ବ୍ୟକ୍ତିତ୍ୱଙ୍କ ଶ୍ରମ, ନିଷ୍ଠା, ଅବଦାନ ଓ ଦେଶପ୍ରୀତିକୁ ପୁନଃପ୍ରତିଷ୍ଠା କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମିଶନ ମୋଡ଼ରେ କାର୍ଯ୍ୟ ଜାରି ରଖିଛନ୍ତି । ସେମାନଙ୍କ ମଧ୍ୟରେ ଛତ୍ରପତି ଶିବାଜୀ ମହାରାଜ, ବିର୍ସା ମୁଣ୍ଡା, ଦୀନବନ୍ଧୁ ସାର୍ ଛୋଟୁରାମ ପ୍ରମୁଖ ଅନ୍ୟତମ । ■



# ଭାରତୀୟ ବିପ୍ଳବ ଆନ୍ଦୋଳନର ମଶାଲଧାରୀଗଣ



**ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏଭଳି ଅନେକ ଘଟଣା ରହିଛି ଯାହା ଆମକୁ ପ୍ରେରଣା ଓ ଶକ୍ତି ପ୍ରଦାନ କରିଥାଏ । ଅମୃତ ମହୋତ୍ସବ ସେହିଭଳି ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀ ଉପରେ ଆଲୋକପାତ କରିବା ସହିତ ଭାରତର ସାଂସ୍କୃତିକ ବିବିଧତା, ପ୍ରତିବଦ୍ଧତା ତଥା ସାଂସ୍କୃତିକ ବୈଭବକୁ ଲୋକଲୋଚନକୁ ଆଣିବାର ପ୍ରୟାସ କରୁଛି...**

ଭଗବଦ୍ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି "ସମଦୁଃଖସୁଖମ୍ ଧୀରମ୍, ସଃ ଅମୃତତ୍ୱାୟ, କଳ୍ପତେ" । ଅର୍ଥାତ୍, ଯେଉଁମାନେ ସୁଖ ଅବା ଦୁଃଖ ସମୟରେ ମନକୁ ଅବିଚଳିତ ରଖି ସ୍ଥିର ରହିଥାନ୍ତି ସେମାନେ ହିଁ ମୁକ୍ତିଲାଭ ଓ ଅମରତ୍ୱ ପ୍ରାପ୍ତ ହେବା ପାଇଁ ଯୋଗ୍ୟ। ଅମୃତ ମହୋତ୍ସବରୁ ଭାରତର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଅମୃତ ସଂଗ୍ରହ କରିବା ଓ ପ୍ରେରଣା ଲାଭ କରିବା ହେଉଛି ଆମର ପ୍ରୟାସ । ଅତୀତର ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ ସଂଗ୍ରାମରୁ ଓ ଘଟଣାରୁ ଆମେ ପ୍ରଭୂତ ପ୍ରେରଣା ଓ ବାର୍ତ୍ତା ପାଇପାରିବା ଯାହା ଆମକୁ ଆଗକୁ ଅଗ୍ରସର ହେବା ନିମନ୍ତେ ପ୍ରୋତ୍ସାହିତ କରିବ । ୧୮୫୭ ଖ୍ରୀଷ୍ଟାବ୍ଦର ସ୍ୱାଧୀନତା ସଂଗ୍ରାମ, ମହାତ୍ମା ଗାନ୍ଧୀଙ୍କ ବିଦେଶରୁ ଭାରତ ପ୍ରତ୍ୟାବର୍ତ୍ତନ, ସତ୍ୟାଗ୍ରହର ଶକ୍ତି ସମ୍ପର୍କରେ ଦେଶବାସୀଙ୍କ ଅବଗତ କରାଇବା, ଲୋକମାନ୍ୟ ବାଲ ଗଙ୍ଗାଧର ତିଲକଙ୍କ ସଂପୂର୍ଣ୍ଣ ସ୍ୱାଧୀନତାର ଆହ୍ୱାନ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନେତୃତ୍ୱରେ ଆଜଦ ହିନ୍ଦ୍ ଫଉଜର "ଦିଲ୍ଲୀ ଚଲୋ" ଡାକରା ଭଳି ଘଟଣାକୁ ଭାରତ ଓ ଭାରତବାସୀ ଆଜି ସୁଦ୍ଧା ଭୁଲି ପାରିବେନାହିଁ ।

"ଆମେ ଯେତେବେଳେ ଦାସତ୍ୱର ସେହି ସମୟ କଥା ଚିନ୍ତା କରେ ଯେତେବେଳେ ଦେଶର କୋଟି କୋଟି ଲୋକଙ୍କୁ ଶତାବ୍ଦୀ ଶତାବ୍ଦୀ ଧରି ସ୍ୱାଧୀନତାର ସୂର୍ଯ୍ୟୋଦୟ ନିମନ୍ତେ ପ୍ରତୀକ୍ଷା କରିବାକୁ ପଡ଼ିଥିଲା, ସେତେବେଳେ ଆମ ମନକୁ ଏହି ଭାବନା ଆସେ ଯେ ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତି କେତେ ଐତିହାସିକ ଏବଂ ଏହା କେତେ ଗୌରବୋଜ୍ଜ୍ୱଳ। ଏହି ଉତ୍ସବରେ ଅସୀମ ଭାରତର ପରମ୍ପରାକୁ ସ୍ମରଣ କରିବା, ସ୍ୱାଧୀନତା ସଂଗ୍ରାମର ପୃଷ୍ଠଭୂମି ଏବଂ ସ୍ୱାଧୀନ ଭାରତର ଉଲ୍ଲେଖନୀୟ ପ୍ରଗତିକୁ ପ୍ରଦର୍ଶିତ କରାଯାଉଛି ।"

**-ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ**



## ଶ୍ୟାମଜୀ କୃଷ୍ଣ ବର୍ମା-
## ଜୀବନର ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ଦେଶପାଇଁ ଲଢ଼ିଥିବା ବିପ୍ଳବୀ

ଶ୍ୟାମଜୀ କୃଷ୍ଣ ବର୍ମା ୧୮୫୭ ମସିହା ଅକ୍ଟୋବର ୪ ତାରିଖ ଦିନ ଗୁଜରାଟର କଚ୍ଛ ଟାଉନ ଅନ୍ତର୍ଗତ ମାଣ୍ଡଭୀଠାରେ ଜନ୍ମଗ୍ରହଣ କରିଥିଲେ । ପିଲାଦିନେ ସେ ୧୮୫୭ ମସିହାର ବିଦ୍ରୋହର ଅଭୁଲା କାହାଣୀମାନ ଶୁଣିଥିଲେ ଯାହା ତାଙ୍କ ମନରେ ଦେଶ ପାଇଁ ଅଦ୍ଭୁତ ଭକ୍ତି ଓ ପ୍ରେମ ଜାଗ୍ରତ କରିଥିଲା । ତେଣୁ ମାତ୍ର ୨୦ବର୍ଷ ବୟସରୁ ସେ ବୈପ୍ଳବିକ କାର୍ଯ୍ୟକଳାପରେ ପ୍ରତ୍ୟକ୍ଷ ଭାବେ ସାମିଲ ହୋଇଥିଲେ । ଇଂଲଣ୍ଡର ଅକ୍ସଫୋର୍ଡ୍ ବିଶ୍ୱବିଦ୍ୟାଳୟକୁ ଉଚ୍ଚଶିକ୍ଷା ଲାଭ ପାଇଁ ଯାଇଥିଲେ ଓ ସେଠାରେ ଯେତେବେଳେ ନିଜ ପାଇଁ ଏକ ଘର ଖୋଜୁଥିଲେ, ସେତେବେଳେ ତାଙ୍କୁ ଅସହ୍ୟ ବର୍ଣ୍ଣବୈଷମ୍ୟବାଦର ସାମ୍ନା କରିବାକୁ ପଡ଼ିଥିଲା। ଏହା ତାଙ୍କୁ ଯେତିକି ବ୍ୟଥିତ କରିଥିଲା, ତା'ଠାରୁ ଅଧିକ କ୍ଷୁବ୍ଧ ମଧ କରିଥିଲା । ତେଣୁ ସେ ଲଣ୍ଡନରେ ନିଜର ଗୋଟିଏ ଘର କିଣିଲେ ଓ ତାହାକୁ "ଇଣ୍ଡିଆ ହାଉସ୍" ବୋଲି ନାମିତ କଲେ । ସେହି ଘରଟିରେ ସେ ବିଲାତ ପଢ଼ିବାକୁ ଆସୁଥିବା ଭାରତୀୟ ଛାତ୍ରମାନଙ୍କ ରହିବା ନିମନ୍ତେ ଏକ ବୋର୍ଡ଼ିଂ ହାଉସ୍‌ରେ ପରିଣତ କରିବାର ସକଳ ପ୍ରକାର ବ୍ୟବସ୍ଥା କଲେ । ପରେ ସେହି ଇଣ୍ଡିଆ ହାଉସ୍ ହିଁ ଇଂଲଣ୍ଡରେ ବିପ୍ଳବୀମାନଙ୍କ ପେଣ୍ଠସ୍ଥଳୀରେ ପରିଣତ ହୋଇଥିଲା । କୁହାଯାଏ ଯେ ସେହି ଘରକୁ ମହାତ୍ମା ଗାନ୍ଧୀ, ଲେନିନ୍, ଲାଲା ଲଜପତ ରାୟ, ଗୋପାଳ କୃଷ୍ଣ ଗୋଖଲେ, ସଭରକର ଓ ମଦନ ଲାଲ ଧିଙ୍ଗରାଙ୍କ ଭଳି ବିଶିଷ୍ଟ ବ୍ୟକ୍ତିମାନେ ଯାଇଥିଲେ । ଶ୍ୟାମଜୀ କୃଷ୍ଣ ବର୍ମା ଲୋକମାନ୍ୟ ତିଲକ ଏବଂ ଦୟାନନ୍ଦ ସରସ୍ୱତୀଙ୍କ ଭଳି ମହାନ୍ ବ୍ୟକ୍ତିଙ୍କ ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଥିଲେ । ସେ କେବଳ ନିଜର ସମଗ୍ର ଜୀବନକୁ ଭାରତର ସ୍ୱାଧୀନତା ସଂଗ୍ରାମ ନିମନ୍ତେ ଉତ୍ସର୍ଗ କରିନଥିଲେ ଅପରପକ୍ଷେ ଅସଂଖ୍ୟ ଜାତୀୟତାବାଦୀ ନେତାଙ୍କୁ ମଧ ପ୍ରଭାବିତ କରିଥିଲେ । ବିଶ୍ୱାସ କରାଯାଏ ଯେ ବର୍ମାଙ୍କ ଦ୍ୱାରା ପ୍ରଭାବିତ ହୋଇ ସଭରକର ବିପ୍ଳବର ମାର୍ଗକୁ ସଂଗ୍ରାମର ଅସ୍ତ୍ର ରୂପେ ଗ୍ରହଣ କରିଥିଲେ । ମଦନ ଲାଲ ଧିଙ୍ଗରା ଥିଲେ ତାଙ୍କର ଛାତ୍ର । ଶ୍ୟାମଜୀ କୃଷ୍ଣ ବର୍ମା ଭାରତରେ ଥିବା ଏବଂ ବିଦେଶରେ ରହୁଥିବା ଅନେକ ଯୁବକଙ୍କୁ ସ୍ୱାଧୀନତା ସଂଗ୍ରାମ ନିମନ୍ତେ ଅନୁପ୍ରେରିତ କରିଥିଲେ । ବ୍ରିଟିଶ୍ ସରକାରଙ୍କ ପ୍ରାଣକେନ୍ଦ୍ରରେ ଅବସ୍ଥାନ କରି ଭାରତମାତାର ଏହି ବୀର ସୁପୁତ୍ର ଶ୍ୟାମଜୀ କୃଷ୍ଣ ବର୍ମା ଜୀବନର ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ନିଜର ସଂଗ୍ରାମ ଜାରି ରଖିଥିଲେ । ୧୯୩୦ ମସିହା ମାର୍ଚ୍ଚ ୩୧ ତାରିଖ ଦିନ ଜେନେଭା ଠାରେ ଏହି ମହାନ ବିପ୍ଳବୀଙ୍କର ଦେହାନ୍ତ ହୋଇଥିଲା ।



## ରାଣୀ ଗାଇଦିନଲିଉ –
## "ପାହାଡ଼ କନ୍ୟା" ଯିଏ ବ୍ରିଟିଶ ସରକାରଙ୍କୁ କରିଥିଲେ ଅସ୍ତବ୍ୟସ୍ତ

ରାଣୀ ଗାଇଦିନଲିଉ ମାତ୍ର ୧୩ ବର୍ଷ ବୟସରେ ଦେଶର ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ ଏବଂ "ହେରାକ ଆନ୍ଦୋଳନ"ରେ ନିଜକୁ ସାମିଲ କରିଥିଲେ। ଇତି ପୂର୍ବରୁ ହେରାକ ସେହି ଅଞ୍ଚଳର ଏକ ସାମାଜିକ- ଧର୍ମୀୟ ଆନ୍ଦୋଳନ ଭାବେ ସୁପରିଚିତ ଥିଲା ଯାହାକି ପରେ ରାଜନୈତିକ ଆନ୍ଦୋଳନର ରୂପ ନେଇଥିଲା ଓ ମଣିପୁର ତଥା ପାଶ୍ୱର୍ବର୍ତ୍ତୀ ନାଗା ଅଧ୍ୟୁସିତ କ୍ଷେତ୍ରରୁ ବ୍ରିଟିଶ୍ ସରକାରଙ୍କୁ ତଡ଼ିବା ନିନ୍ତେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ୧୯୩୧ ମସିହାରେ ଗାଇଦିନଲିଉ ଏହି ଆନ୍ଦୋଳନର ମଙ୍ଗ ଧରିଥିଲେ ଏବଂ ନିଜ ଲୋକମାନଙ୍କୁ ବ୍ରିଟିଶ୍ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ ନିମନ୍ତେ ପ୍ରୋତ୍ସାହିତ କରିଥିଲେ । ଗାନ୍ଧୀଜୀଙ୍କ ବାର୍ତ୍ତା ଓ ଉପଦେଶକୁ ଦେଶର ଉତ୍ତର ପୂର୍ବାଞ୍ଚଳ କ୍ଷେତ୍ରର ଲୋକମାନଙ୍କ ନିକଟରେ ପହଞ୍ଚାଇ ସେ ସ୍ଥାନୀୟ ଆନ୍ଦୋଳନକୁ ଭାରତର ସ୍ୱାଧୀନତା ସଂଗ୍ରାମ ସହ ଯୋଡ଼ି ଦେଇଥିଲେ । ଏଥିରେ କ୍ଷୁବ୍ଧ ହୋଇ ବ୍ରିଟିଶ୍ ସରକାର ଗାଇଦିନଲିଉଙ୍କ ଆନ୍ଦୋଳନକୁ ଦମନ କରିବା ସକାଶେ ଅନେକ ଗ୍ରାମରେ ନିଆଁ ଲଗାଇ ଲୋକମାନଙ୍କ ଘର ଜାଳି ଦେଲେ । କିନ୍ତୁ ଗୋରା ସରକାରଙ୍କ କୌଣସି ପ୍ରକାର ଦମନଲୀଳା ବିପ୍ଳବୀମାନଙ୍କ ମନୋବଳକୁ ତୁଟାଇ ପାରିନଥିଲା । ଗାଇଦିନଲିଉ ବ୍ରିଟିଶ୍ ପୁଲିସଙ୍କ ଉପରେ ଆକ୍ରମଣ ଜାରି ରଖିବା ସହିତ ଏକ ସୁଦୃଢ଼ ଦୁର୍ଗ ନିର୍ମାଣ କଲେ ଯେଉଁଠାରେ ୪୦୦୦ ପର୍ଯ୍ୟନ୍ତ ବିପ୍ଳବୀ ସୁରକ୍ଷିତ ରହିପାରିବେ । ଯେତେବେଳେ ଏହି ଦୁର୍ଗ ନିର୍ମାଣାଧୀନ ଥିଲା ସେହି ସମୟରେ ବ୍ରିଟିଶ୍ ସେନା ୧୯୩୨ ମସିହା ଏପ୍ରିଲ ୧୭ ତାରିଖ ଦିନ ଅତର୍କିତ ଭାବେ ସେହି ଗ୍ରାମ ଉପରେ ଆକ୍ରମଣ କଲେ । ଗାଇଦିନଲିଉଙ୍କୁ ସେମାନେ ଗିରଫ କରିନେଲେ ଏବଂ ବ୍ରିଟିଶ୍ ସରକାରଙ୍କ ବିରୋଧରେ ସଶସ୍ତ୍ର ଆନ୍ଦୋଳନ କରିବା ଅଭିଯୋଗରେ ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କଲେ । ଏହି ଘଟଣା ଏପରି ଆକାର ଧାରଣ କଲା ଯେ ବ୍ରିଟେନର ହାଉସ୍ ଅଫ୍ କମନସ୍‌ରେ ତାଙ୍କର ମୁକ୍ତି ପାଇଁ ଘମାଘୋଟ ଆଲୋଚନା ହେଲା । ଦୀର୍ଘ ୧୪ ବର୍ଷ ଧରି ଜେଲରେ ନିର୍ଯ୍ୟାତିତ ଜୀବନ ଅତିବାହିତ କରିବା ପରେ ପରିଶେଷରେ ୧୯୪୭ ମସିହାରେ ଯେତେବେଳେ କି ଦେଶ ସ୍ୱାଧୀନତା ଲାଭ କଲା ଗାଇଦିନଲିଉଙ୍କୁ କାରାମୁକ୍ତ କରାଯାଇଥିଲା ।

# ଭାରତ ଭୂମିର ଅଗ୍ନିପୁତ୍ର: ବୀର ସଭରକର



ବିନାୟକ ଦାମୋଦର ସଭରକର ଭାରତ ଇତିହାସରେ ସ୍ୱାର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଥିବା ଏକ ଅମର ନାମ । ସେ ଥିଲେ ଜଣେ ଏକକ ସେନା ଯିଏ ୧୮୫୭ ମସିହାରେ ଯେଉଁ ଅସଫଳ ପ୍ରୟାସ ହୋଇଥିଲା ତାହାକୁ ସାକାର କରିବାକୁ ଚାହୁଁଥିଲେ । ୧୮୫୭ ମସିହାର ବିଦ୍ରୋହ ଥିଲା ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ । ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ସର୍ବଦା କହୁଥିଲେ - ଯଦି ମୁଁ ନିଜକୁ ସୂକ୍ଷ୍ମ ଧୂଳିକଣାଟିଏ ବୋଲି ଭାବେଁ, ତେବେ ସଭରକର ଥିଲେ ଏକ ଉତ୍ତୁଙ୍ଗ ପର୍ବତ । ଯଦି ମୁଁ ଛୋଟ ପାଣି ବୁନ୍ଦାଟିଏ, ତେବେ ସେ ଥିଲେ ଭୀମକାୟ ସିନ୍ଧୁ ନଦୀ ।

ବିନାୟକ ଦାମୋଦର ସଭରକର ଦେଶର ସେହି କତିପୟ ସ୍ୱାଧୀନତା ସଂଗ୍ରାମୀଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଯେଉଁମାନେ କେବଳ ଭାରତରୁ ବ୍ରିଟିଶରମାନଙ୍କୁ ବିତାଡ଼ିତ କରିବା ସକାଶେ ସଂଗ୍ରାମ ଜାରି ରଖିନଥିଲେ ଅପର ପକ୍ଷେ ସେମାନଙ୍କର ବଳିଷ୍ଠ ନେତୃତ୍ୱର ପ୍ରଭାବ ବଳରେ ଜନସାଧାରଣଙ୍କ ମନରେ ଜାତୀୟତାର ଭାବନା ଉଦ୍ରେକ କରିବା ସହ ସେମାନଙ୍କୁ ସଶକ୍ତ କରିବା ନିମନ୍ତେ ନିରବଚ୍ଛିନ୍ନ ଭାବେ ଉଦ୍ୟମ କରୁଥିଲେ । ୧୮୮୩ ମସିହା ମେ ୨୮ ତାରିଖ ଦିନ ମହାରାଷ୍ଟ୍ରର ନାସିକ ନିକଟବର୍ତ୍ତୀ ଭାଗପୁରଠାରେ ସେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଦାମୋଦର ପନ୍ତ ସଭରକର ଏବଂ ମାତାଙ୍କ ନାମ ଥିଲା ରାଧାବାଈ ।ପୁନେର ସୁପ୍ରସିଦ୍ଧ ଫର୍ଗୁସନ କଲେଜରୁ ସେ ନିଜର ସ୍ନାତକ ଡିଗ୍ରୀ ହାସଲ କରିଥିଲେ । କିନ୍ତୁ କେବଳ ବିଦ୍ୟାଧ୍ୟୟନରେ ତାଙ୍କର ଉଚ୍ଚାକା„ା ସୀମିତ ନଥିଲା । ବରଂ ତାଙ୍କ ଅନ୍ତର ଭିତରେ ନିଜ ମାତୃଭୂମିକୁ ମୁକ୍ତ କରିବା ନିମନ୍ତେ ସଦାବେଳେ ଏକ ଅଗ୍ନି ପ୍ରଜ୍ୱଳିତ ଥିଲା । ସେଥିପାଇଁ ସେ ୧୯୦୪ ମସିହାରେ ସେ "ଅଭିନବ ଭାରତ" ନାମକ ଏକ ସଂଗଠନ ଗଠନ କରିଥିଲେ । ଦେଶଭକ୍ତି ଓ ଜାତୀୟତାର ଭାବନା ଦ୍ୱାରା ଗଭୀର ଭାବେ ଅନୁପ୍ରାଣୀତ ହୋଇ ସେ ସ୍ୱଦେଶୀ ଆନ୍ଦୋଳନକୁ ଦୃଢ଼ ସମର୍ଥନ ଯୋଗାଇଥିଲେ ଏବଂ ୧୯୦୫ ମସିହାରେ ପୁନେଠାରେ ବିଦେଶୀ ବସ୍ତ୍ରକୁ ସର୍ବ ସମକ୍ଷରେ ପୋଡ଼ିଥିଲେ । ସେତେବେଳେ ବଙ୍ଗ ବିଭାଜନ ପ୍ରସଙ୍ଗକୁ ନେଇ ଦେଶରେ ବିପ୍ଳବର ବହ୍ନି ସର୍ବତ୍ର ପ୍ରଜ୍ୱଳିତ ହୋଇଥାଏ । ଏହି ସମୟରେ ଏକ ବୃତ୍ତି ପାଇଁ ଆଇନ ଡିଗ୍ରୀ ହାସଲ ନିମନ୍ତେ ସେ ଲଣ୍ଡନ ଯାତ୍ରା କଲେ । ସେତେବେଳେ ସେ ସେଠାରେ "ଫ୍ରି ଇଣ୍ଡିଆ ସୋସାଇଟି" ନାମକ ଏକ ସଂଗଠନ ଗଠନ କଲେ ଏବଂ ଭାରତର ସ୍ୱାଧୀନତା ପ୍ରାପ୍ତି ଲକ୍ଷ୍ୟରେ ନିଜକୁ ସଂପୂର୍ଣ୍ଣ ଭାବେ ସମର୍ପିତ କରିଦେଲେ । ସେହି ସମୟରେ ଲଣ୍ଡନରେ ଇଣ୍ଡିଆ ହାଉସ୍ ଭାରତ "ସ୍ୱାଧୀନତା ଆନ୍ଦୋଳନ"ର ପେଣ୍ଠସ୍ଥଳ ପାଲଟିଥାଏ ଏବଂ ଏହାର ନେତୃତ୍ୱ ନେଉଥାନ୍ତି ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ । ସଭରକର ସେହି ଇଣ୍ଡିଆ ହାଉସ୍‌ରେ ରହିଥିଲେ ଏବଂ ଭାରତୀୟ ଛାତ୍ରମାନଙ୍କୁ ଦେଶ ସ୍ୱାଧୀନତା ପାଇଁ ସଂଗ୍ରାମରେ ସାମିଲ ହେବାକୁ ପ୍ରୋତ୍ସାହିତ କଲେ । ୧୯୦୮ ମସିହା ପରେ ଅନେକ ଗବେଷଣା ଏବଂ ଅଧ୍ୟୟନ ପରେ ସଭରକର "ଦି ହିଷ୍ଟ୍ରୀ ଅଫ୍ ଦି ୱାର୍ ଅଫ୍ ଇଣ୍ଡିଆନ୍ ଇଣ୍ଡିପେଣ୍ଡେନ୍ସ" ନାମକ ଏକ ପୁସ୍ତକ ରଚନା କଲେ ଯେଉଁଥିରେ ସେ ୧୮୫୭ ମସିହାର ସିପାହୀ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ଅଭିହିତ କରିଥିଲେ । କିନ୍ତୁ ଏହି ପୁସ୍ତକ ଲୋକମାନଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ବ୍ରିଟିଶ୍ ସରକାର ଏହି ବହିକୁ ନିଷିଦ୍ଧ ଘୋଷଣା କଲେ । ୧୯୧୦ ମସିହାର ସଭରକରଙ୍କର ଜଣେ ଘନିଷ୍ଠ ସହଯୋଗୀ ମଦନ୍ ଲାଲ ଧିଙ୍ଗରା ଜଣେ ବ୍ରିଟିଶ୍ ଅଫିସରଙ୍କୁ ହତ୍ୟା କଲେ ଯେଉଁଥିପାଇଁ ତାଙ୍କୁ ମୃତ୍ୟୁଦଣ୍ଡ ମିଳିଲା । ସଭରକର ଏଭଳି ଅନ୍ୟାୟ ବିରୋଧରେ ଏକ ବିପ୍ଳବ ଆରମ୍ଭ କରିଦେଲେ । ସଭରକରଙ୍କ ଲୋକପ୍ରିୟତା ବୃଦ୍ଧି ଏବଂ ନିରୁତା ରାଜନୈତିକ ଚିନ୍ତାଧାରାରେ ଭୟଭୀତ ହୋଇ ବ୍ରିଟିଶ୍ ସରକାର ତାଙ୍କୁ ତୁରନ୍ତ ଗିରଫ କରି ଭାରତ ପଠାଇଦେଲେ । ସଭରକର ସେହି ଜାହାଜରୁ ହିଁ ଖସି ପଳାଇଗଲେ ଏବଂ ସମୁଦ୍ରରେ ପହଁରି ପହଁରି ଯାଇ ଫ୍ରାନ୍ସରେ ପହଞ୍ଚିଥିଲେ କିନ୍ତୁ ଦୁର୍ଯୋଗକୁ ପରେ ସେଠାରେ ତାଙ୍କୁ ଗିରଫ କରାଗଲା ।

ଏହି ଘଟଣା ପରେ ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇ କଳାପାଣି ପଠାଇ ଦିଆଗଲା । ଅନ୍ୟ ଏକ ମାମଲାରେ ୧୯୧୧ ମସିହାରେ ତାଙ୍କୁ ପୁଣି ଥରେ ଜାବଜ୍ଜୀବନ କାରାଦଣ୍ଡ ଦିଆଯାଇଥିଲା । ଦୀର୍ଘ ୧୦ ବର୍ଷ ଧରି ଆଣ୍ଡାମାନର ସେଲୁଲାର ଜେଲରେ ନିର୍ଯ୍ୟାତିତ ବନ୍ଦୀ ଜୀବନ ବିତାଇବା ପରେ ୧୯୨୧ ମସିହାରେ ତାଙ୍କୁ କାରାମୁକ୍ତ କରାଯାଇଥିଲ । ସେଲୁଲାର ଜେଲରେ ଅବସ୍ଥାନ କାଳରେ ସେ ଏକ ଅମୂଲ୍ୟ ପୁସ୍ତକ ରଚନା କରିଥିଲେ ଯାହାର ନାମ ଥିଲା: "ହିନ୍ଦୁତ୍ୱ: ହିନ୍ଦୁ କିଏ?" ୧୯୩୭ ମସିହା ବେଳକୁ ସଭରକର ହିନ୍ଦୁତ୍ୱର ଜଣେ ମହାନ ପ୍ରବକ୍ତା ଭାବେ ସୁପ୍ରତିଷ୍ଠିତ ହୋଇସାରିଥାନ୍ତି ଏବଂ ଜଣେ ନିଷ୍ଠାପର ଜାତୀୟତାବାଦୀ ନେତା ଭାବେ ତାଙ୍କର ସୁଖ୍ୟାତି ଦେଶବ୍ୟାପୀ ପ୍ରସାରିତ ହୋଇଥାଏ । ସେହି ବର୍ଷ ସେ ହିନ୍ଦୁ ମହାସଭାର ଅଧ୍ୟକ୍ଷ ପଦରେ ଅଭିଷିକ୍ତ ହୋଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭାଷାରେ, "ତାଙ୍କର ସାହସ, ସ୍ୱାଧୀନତା ସଂଗ୍ରାମରେ ସାମିଲ ହେବାଲାଗି ଅନ୍ୟମାନଙ୍କୁ ପ୍ରୋତ୍ସାହିତ କରିବାରେ ତାଙ୍କର ସାମର୍ଥ୍ୟ ଏବଂ ସାମାଜିକ ସଂସ୍କାର ପାଇଁ ସେ ଯୋଗାଇଥିବା ପ୍ରେରଣା ପାଇଁ ଆମେ ସଭରକରଙ୍କୁ ଚିରଦିନ ପାଇଁ ସ୍ମରଣ ରଖିବୁ ।" ୧୯୬୫ ମସିହା ସେପ୍ଟେମ୍ବର ମାସରେ ବିନାୟକ ଦାମୋଦର ସଭରକର ଜ୍ୱରରେ ଗୁରୁତର ଭାବେ ଅସୁସ୍ଥ ହୋଇପଡ଼ିଥିଲେ ଯେଉଁଥିରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଯଥେଷ୍ଟ ଅବନତି ଘଟିଥିଲା । ୧୯୬୬ ମସିହା ଫେବୃଆରୀ ୧ ତାରିଖ ଦିନ ସେ ଆମୃତ୍ୟୁ ଅନଶନ କରିବାକୁ ଦୃଢ଼ ସଂକଳ୍ପ କରିଥିଲେ । ୧୯୬୬ ମସିହା ଫେବୃଆରୀ ୨୬ ତାରିଖ ଦିନ ଭାରତମାତାର ଏହି ମହାନ୍ ସୁଯୋଗ୍ୟ ପୁତ୍ରଙ୍କର ସ୍ୱର୍ଗପ୍ରାପ୍ତ ଘଟିଥିଲା । ■

RNI No. :
DELODI/2020/78831
May: 16-31, 2021

RNI Registered No. DELODI/2020/78831, Delhi Postal License No DL (S)-1/3542/2020-22, WPP NO U (S)-90/2020-22, posting at BPC, Meghdoot Bhawan, New Delhi-110001 On 13-17 advance Fortnightly, (Publishing Date May 5, 2021, Pages-56)

ନ୍ୟୁ ଇଣ୍ଡିଆ
ସମାଚାର
ପାକ୍ଷିକ

# ବୁଦ୍ଧ ପୂର୍ଣ୍ଣିମା – ମେ 26,2021



## "सुप्प बुद्धं पबुज्झन्ति, सदा गोतम सावका।

ଅର୍ଥାତ୍, ଯେଉଁମାନେ ସଦାସର୍ବଦା ମାନବ ସମାଜର ସେବାରେ ଅହୋରାତ୍ର ନିଜକୁ ନିୟୋଜିତ କରିଥାନ୍ତି, ସେମାନେ ହେଉଛନ୍ତି ବୁଦ୍ଧଙ୍କର ପ୍ରକୃତ ଅନୁଗାମୀ । ଏହି ମାନସିକତା ହିଁ ଆମର ଜୀବନକୁ ଆଲୋକିତ କରିଥାଏ ଏବଂ ଆମକୁ ଆଗକୁ ଅଗ୍ରସର ହେବାର ପ୍ରେରଣା ଯୋଗାଇଥାଏ ।

"ପ୍ରତ୍ୟେକଙ୍କ ଜୀବନରୁ ସମସ୍ୟା ଦୂର କରିବାର ବାର୍ତ୍ତା ଓ ସଂକଳ୍ପ ତଥା ଭାରତୀୟ ସଭ୍ୟତା ଓ ସଂସ୍କୃତି ସଦାସର୍ବଦା ସମସ୍ତଙ୍କୁ ମାର୍ଗ ପ୍ରଦର୍ଶନ କରିଆସିଛି । ଭଗବାନ ବୁଦ୍ଧ ଏହି ଭାରତୀୟ ସଂସ୍କୃତିକୁ ଆହୁରି ସମୁନ୍ନତ କରିଛନ୍ତି । ଭଗବାନ ବୁଦ୍ଧ ଦିବ୍ୟଜ୍ଞାନ ପ୍ରାପ୍ତି ପରେ ନିଜ ଜୀବଦ୍ଦଶାରେ ହିଁ ଅନେକଙ୍କ ଜୀବନକୁ ଆଲୋକିତ କରିପାରିଥିଲେ। ତାଙ୍କର ବାର୍ତ୍ତା କୌଣସି ଗୋଟିଏ ପରିସ୍ଥିତି ପାଇଁ ଉଦ୍ଦିଷ୍ଟ ନୁହେଁ କିମ୍ବା କୌଣସି ଗୋଟିଏ ଘଟଣା ପାଇଁ ପ୍ରାସଙ୍ଗିକ ନୁହେଁ । ଅନେକ ଶତାବ୍ଦୀ ଧରି ସିଦ୍ଧାର୍ଥଙ୍କ ଜନ୍ମ ପୂର୍ବରୁ ଏବଂ ପରେ, ସିଦ୍ଧାର୍ଥ ଗୌତମ ବୁଦ୍ଧରେ ପରିଣତ ହେବା ପରେ, ସମୟ ଚକ୍ର ସେହିଭଳି ଘୂରି ଚାଲିଛି ଏବଂ ଆମକୁ ସକଳ ପ୍ରକାର ପରିସ୍ଥିତି ଏବଂ ଅବସ୍ଥାରେ ତାଙ୍କର ବାଣୀ ସାନ୍ତ୍ୱନା ଓ ପ୍ରେରଣା ଦେଇ ଚାଲିଛି ।

**-ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ**

**Editor:**
**Jaideep Bhatnagar,**
Principal Director General,
PIB, New Delhi

**Published & Printed by:**
**Satyendra Prakash,**
Principal Director General,
BOC on behalf of Bureau of Outreach and Communication

**Published from Bureau of Outreach and Communication, 2nd Floor, Soochna Bhawan, New Delhi - 110003**

**Printed at** Infinity Advertising services Pvt. Ltd.
FBD-One Corporate Park, 10th Floor,
New Delhi-Faridabad border,
NH-1, Faridabad-121003 (Haryana)